# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

୨୦୨୪

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Monday, January 1/2024 Page 20 ₹ 7.00

୫୦ଶ ଭାଗ ୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 39 ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
HAPPY NEW YEAR
2024
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
NOT FOR MINORS. 0% TOBACCO & NO NICOTINE
CHEWING OF PAN MASALA IS INJURIOUS TO HEALTH.






**ବିବାହକୁ ନେଇ ଦ୍ୱନ୍ଦ୍ୱରେ ମଲାଇକା**

ବଲିଉଡର ଗ୍ଲାମର୍ସ ଅଭିନେତ୍ରୀ ମଲାଇକା ଆରୋରା ତାଙ୍କର ଦ୍ୱିତୀୟ ବିବାହକୁ ନେଇ କହିଛନ୍ତି, ଯଦି କେହି ଅଛନ୍ତି ତେବେ ୧୦୦% ବିବାହ କରିବି ।

୦୨

୧୦

**ରଜନୀ ଏଟିମାର୍ପୁ ଅଧିନାୟିକା**

ମସ୍କଟରେ ଖେଳାଯିବାକୁ ଥିବା ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପ୍ ପାଇଁ ରଜନୀ ଏଟିମାର୍ପୁଙ୍କୁ ଭାରତୀୟ ମହିଳା ଦଳର ଅଧିନାୟିକା କରାଯାଇଛି।






# ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ବ୍ୟବସ୍ଥା

## ଏସି ଶେଡ୍ ଦେଇ ଦର୍ଶନ ପାଇଁ ଯିବେ ଭକ୍ତ

- ଶ୍ରଦ୍ଧାଳୁ ପିନ୍ଧିବେ ଶାଳୀନତାପୂର୍ଣ୍ଣ ପୋଷାକ
- ଶ୍ରୀମନ୍ଦିର ପରିସରରେ ପାନ, ଗୁଟ୍‌ଖା ମନା
- ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ଉପରେ କଟକଣା

**ପୁରୀ, ୩୧।୧୨ (ଅଜିତ ମହାନ୍ତି)**

ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ବିଦାୟୀ ବର୍ଷର ଶେଷଦିନ ଓ ନୂତନ ବର୍ଷ ଆରମ୍ଭର ପ୍ରଥମ ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶିଷ ଲାଭ କରିବା ସହ ସମୁଦ୍ର ସ୍ନାନ ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଛି। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ରୋଡ୍‌ମ୍ୟାପ୍ ତିଆରି କରାଯାଇଛି। ୯୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ସହ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା ହୋଇଛି। ସ୍ୱତନ୍ତ୍ର ଏସି ଶେଡ୍ ଦେଇ ଦର୍ଶନ ବ୍ୟବସ୍ଥା ଓ ବିଭିନ୍ନ ସୁବିଧା ସମେତ ନୂତନ ନିୟମ ଲାଗୁ କରାଯାଇଛି। ନୂଆବର୍ଷରୁ ଶ୍ରୀମନ୍ଦିର ପରିସରରେ ପାନ, ଗୁଟ୍‌ଖା ସେବନ ଉପରେ କଟକଣା ଜାରି ହୋଇଛି। କେହି ପାନ, ଗୁଟ୍‌ଖା ଖାଉଥିବାର ଧରାପଡ଼ିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ପାରମ୍ପରିକ ତଥା ଶାଳୀନତାପୂର୍ଣ୍ଣ ପୋଷାକ ଉପରେ ଗୁରୁତ୍ୱ ଦିଆଯିବ। ଏ ନେଇ ପୂର୍ବରୁ ଭକ୍ତଙ୍କୁ ସୂଚନା ଦିଆଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଥିଲା। ସମସ୍ତ ହୋଟେଲ ଓ ଲଜିଂ, ଭକ୍ତ ନିବାସରେ ମଧ୍ୟ ଏ ନେଇ ଭକ୍ତଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

ଯେଉଁମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନ କରିଥିବେ, ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ।

ନୂଆବର୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନୂତନ ନିୟମ ଲାଗୁ ସହ କେତେକ ସୁବିଧା ଯୋଗାଇ ଦିଆଯିବ। ସ୍ୱତନ୍ତ୍ର ଏସି ଶେଡ୍ ପାଥ୍‌ୱେ ଦେଇ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଯିବେ। ଏହି ଶେଡ୍‌ରେ ଭକ୍ତଙ୍କ ବସିବା ପାଇଁ ବ୍ୟବସ୍ଥା ହୋଇଛି। ସେହିଭଳି ବିଭିନ୍ନ ସ୍ଥାନରେ ବିଶ୍ରାମ ସୁବିଧା କରାଯାଇଛି। ମ୍ୟୁନିସିପାଲିଟି ମାର୍କେଟ ଛକଠାରୁ ବ୍ୟାରିକେଡ଼ ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବେ। ବଡ଼ଦାଣ୍ଡ ଦେଇ ଆସୁଥିବା ଭକ୍ତମାନେ ଏସି ଶେଡ୍ ଦେଇ ଶ୍ରୀମନ୍ଦିର କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋରରେ ବିଶ୍ରାମ କରିବେ। ସେଠାରୁ ସାନଛତା ମଠ ଦେଇ ଏସି ଜର୍ମାନ ହ୍ୟାଙ୍ଗରରେ ୬ଟି ଧାଡ଼ି ମଧ୍ୟରେ



ମନ୍ଦିରକୁ ଯିବେ। ଏହି ଏସି ଶେଡ୍‌ରେ ଏକକାଳୀନ ପ୍ରାୟ ଅଢେଇ ହଜାର ଭକ୍ତ ରହିପାରିବେ। ଏହାର ଚଉଡ଼ା ୧୨ମିଟର ଓ ଲମ୍ବ ୮୪ ମିଟର। ମରିଚିକୋଟ ଛକରୁ ଶ୍ରୀକୃଷ୍ଣ ସିନେମା ହଲ ଛକ ପର୍ଯ୍ୟନ୍ତ ଏହା ଲମ୍ବିଛି। ଏଥିରେ ଭକ୍ତଙ୍କ ପାଇଁ ୧୨ଟି ଧାଡ଼ି ସମେତ ଷ୍ଟିଲ୍ ବେଞ୍ଚ ରହିଛି। ଶେଡ୍‌କୁ ସମ୍ପୂର୍ଣ୍ଣ ସେଣ୍ଟ୍ରାଲ ଏସି କରାଯାଇଛି। ଟନେଲ ଉପର ଅଂଶକୁ ଫେବ୍ରିକ ହ୍ୱାଇଟ ସହିତ ରଥଚକ ସିମ୍ବଲ ଦିଆଯାଇଛି। ସେପଟେ ପ୍ରତି କଲମରେ ଗୋଟିଏ ଲେଖାଏ ଫ୍ୟାନ ଲଗାଯାଇଛି। କୌଣସି ଅଘଟଣକୁ ଦୃଷ୍ଟିରେ ରଖି ସିସିଟିଭି, ଏୟାର କଟନ୍ ବ୍ୟବସ୍ଥା କରାଯାଇଛି। ଯଦି କୌଣସି କାରଣରୁ ଦର୍ଶନ ବନ୍ଦ ଥାଏ, ତେବେ ଭକ୍ତମାନେ ପ୍ରତି ରେଲିଂରେ ଥିବା ଏକ ଫୁଟ୍‌ର ଷ୍ଟିଲ୍ ବେଞ୍ଚ ବ୍ୟବହାର କରି ବିଶ୍ରାମ ନେଇପାରିବେ। ସେହିପରି ପାନୀୟଜଳ ପ୍ରଭୃତି ମୌଳିକ ସୁବିଧା ଯୋଗାଇ ଦିଆଯିବ। ଶିଶୁ, ମହିଳା ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ସେହିପରି ଶ୍ରୀମନ୍ଦିର ପରିସରକୁ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ନେବା ଉପରେ କଟକଣା ଲଗାଯାଇଛି। ଭକ୍ତମାନେ ପଲିଥିନରେ ଫୁଲ ଓ ଭୋଗ ନେଇପାରିବେ ନାହିଁ। ପଲିଥିନରେ ମହାପ୍ରସାଦ ଦିଆଯିବ ନାହିଁ। ଆନନ୍ଦ ବଜାରରୁ ଜରିପାଲ ହଟାଯାଇଥିବାବେଳେ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଉଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନେଇ ଭକ୍ତଙ୍କ ମଧ୍ୟରେ ସଚେତନତା ଆସିଛି। ଏବେ ଅଧିକାଂଶ ଭକ୍ତ ପାରମ୍ପରିକ ତଥା ଶାଳୀନ ପୋଷାକ ପରିଧାନ କରି ଆସୁଛନ୍ତି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଆଗକୁ ଯେଉଁମାନେ ମହାପ୍ରଭୁଙ୍କ ☞ ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ 'ସ୍ୱାସ୍ଥ୍ୟ ବିଜ୍ଞାନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

**ଶୁଭେଚ୍ଛା ଓ ଶୁଭକାମନା**

**ଆଜିର ମନ୍ତବ୍ୟ**

"୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣ କରିବା ସହ ପ୍ରତ୍ୟେକଙ୍କୁ ଘର, ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିଲେ। ୨୦୨୩ ଶେଷ ହେଲା ତାହା ପୂରଣ ହୋଇପାରିଲା ନାହିଁ। ଭାଜପା ସବୁଠୁ ବଳିଷ୍ଠ ମିଥ୍ୟା କହୁଥିବା ପ୍ରତ୍ୟେକ ଭାରତୀୟ ଜାଣିସାରିଲେଣି।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

# ତେହରିକ୍-ଇ-ହୁରିୟାତ୍ ବେଆଇନ ଘୋଷିତ

**ନୂଆଦିଲ୍ଲୀ,୩୧।୧୨ (ପି.ଟି.)**

କେନ୍ଦ୍ର ସରକାର ଏକ ନିର୍ଣ୍ଣାୟକ ପଦକ୍ଷେପ ସ୍ୱରୂପ ପାକିସ୍ତାନ ସପକ୍ଷବାଦୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ତେହରିକ୍-ଇ-ହୁରିୟାତ୍‌କୁ ବେଆଇନ ଘୋଷଣା କରିଛନ୍ତି। ଦିବଂଗତ କଠୋରପନ୍ଥୀ ବିଚ୍ଛିନ୍ନତାବାଦୀ ନେତା ସୟେଦ ଅଲି ଶାହ ଗିଲାନି ଉକ୍ତ ସଂଗଠନ ପ୍ରତିଷ୍ଠା କରିଥିଲେ। ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଓ ଭାରତ ବିରୋଧୀ ମନୋଭାବର ପ୍ରସାରରେ ସମ୍ପୃକ୍ତ ଥିବାରୁ ତେହରିକ୍-ଇ-ହୁରିୟାତ୍‌କୁ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ବଳରେ ବେଆଇନ ସଂଗଠନ ଘୋଷଣା କରାଗଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଘୋଷଣା କରିଛନ୍ତି। ଆତଙ୍କବାଦକୁ ବରଦାସ୍ତ କରାଯିବ ନାହିଁ। ଯେଉଁ ବ୍ୟକ୍ତି କିମ୍ବା ସଂଗଠନ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶାହା କହିଛନ୍ତି। ତେହରିକ୍-ଇ-ହୁରିୟାତ୍ ଜମ୍ମୁ-କଶ୍ମୀରକୁ ଭାରତରୁ ଅଲଗା କରିବା ଏବଂ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା କରିବା କାର୍ଯ୍ୟରେ ନିୟୋଜିତ ଥିଲା ବୋଲି ଶାହା ଏକ୍ସ'ରେ ପୋଷ୍ଟ କରିଛନ୍ତି।

୨୦୦୪ରେ ମିର୍‌ୱେଜ୍ ଉମର ଫାରୁକ୍‌ଙ୍କ ହୁରିୟାତ୍ ଗୋଷ୍ଠୀରୁ ବାହାରିଆସି ଗିଲାନି ତେହରିକ୍-ଇ-ହୁରିୟାତ୍ ଗଠନ କରିଥିଲେ। ଗିଲାନିଙ୍କ ପରେ ମସରତ୍ ଆଲମ ଭଟ୍ଟ ଉକ୍ତ ସଂଗଠନର ନେତୃତ୍ୱ ନେଉଛନ୍ତି। ଏହା ପୂର୍ବରୁ ମୁସ୍‌ଲିମ୍ ଲିଗ୍ ଅଫ୍ ଜମ୍ମୁ-କଶ୍ମୀରକୁ ବେଆଇନ ଘୋଷଣା କରାଯାଇଥିଲା।







# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେନ୍ତୁଳି ପତର ଅତି ଛୋଟିଆରେ**
**କଦଳୀ ପତର ବଡ଼**
**ଦୁଃଖୀ କି ସୁନ୍ଦର ପତର କୁଡ଼ିଆ**
**ରାଜାକୁ ସୁନ୍ଦର ଗଡ଼।**

ତେନ୍ତୁଳି ପତ୍ର ଦେଖିବାକୁ ଛୋଟ ହୋଇଥିଲାବେଳେ କଦଳୀ ପତ୍ରର ଆକାର ବଡ଼ ହୋଇଥାଏ। ସେହିପରି ଦୀନହୀନ ଦରିଦ୍ର ବ୍ୟକ୍ତିଟି ଭଙ୍ଗା କୁଡ଼ିଆରେ ବାସ କରୁଥିବାବେଳେ ରାଜା ରାଜପ୍ରାସାଦରେ ବାସ କରିଥାନ୍ତି। ଏଠାରେ ରାଜା ଓ ଦରିଦ୍ରଙ୍କ ବାସସ୍ଥଳୀର ରୂପରେଖ ବର୍ଣ୍ଣନା କରାଯାଇଛି।

**ଟାଟିଆରେ ଭଙ୍ଗା ପାନ,**
**ନବଯଉବନ ତତେ ଛୁଇଁ ନାହିଁ**
**ବିକଳ ହେଉଛି ମନ।**

କିଶୋର ବୟସରେ ଉପନୀତ ହେଲେ ମନରେ ନାନା ଉନ୍ମାଦନା ସୃଷ୍ଟି ହୁଏ। ଏପରିସ୍ଥଳେ ମନ ପ୍ରଜାପତି ରଙ୍ଗିନ ଆକାଶରେ ଉଡ଼େ। ଯୌବନ ଆସିବା ପୂର୍ବରୁ ପ୍ରେମ ପାଇଁ ବିକଳତା ଓ ବ୍ୟାକୁଳତା ସୃଷ୍ଟି ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପରିବାରରୁ ଶାନ୍ତିର ବାର୍ତ୍ତା

**ବିଶ୍ୱ ପରିବାର ଦିବସ**

ଗ୍ଲୋବାଲ ଫ୍ୟାମିଲି ଡେ ଅର୍ଥାତ୍ ବିଶ୍ୱ ପରିବାର ଦିବସ ଶାନ୍ତି ଏବଂ ଖୁସି ବାଣ୍ଟିବାର ଗୋଟିଏ ଦିନ। ପ୍ରତିବର୍ଷ ଜାନୁୟାରୀ ୧ ତାରିଖରେ ଆମେରିକାରେ ଶାନ୍ତିର ଦିବସ ଭାବରେ ଏହା ପାଳନ କରାଯାଇଥାଏ। ମିଳିତ ଜାତିସଂଘର ମିଲେନିୟମ ଉତ୍ସବରେ 'ଗୋଟିଏ ଦିନ ଶାନ୍ତିରେ' ଭାବେ ଗ୍ଲୋବାଲ ଫ୍ୟାମିଲି ଡେ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ଜାନୁୟାରୀ ୧ରେ ପାଳନ କରାଯାଉଥିବା ଗ୍ଲୋବାଲ ଫ୍ୟାମିଲି ଡେ ନୂଆବର୍ଷ ଆରମ୍ଭ କରି ବିଶ୍ୱକୁ ଏକତାର ସକାରାତ୍ମକ ବାର୍ତ୍ତା ଦେଇଥାଏ । ସମଗ୍ର ବିଶ୍ୱ ଏକ ବଡ଼ ପରିବାର। ସମଗ୍ର ବିଶ୍ୱରେ ସଂସ୍କୃତି ଏବଂ ଧର୍ମ ଭିନ୍ନ ହୋଇପାରେ, କିନ୍ତୁ ସମସ୍ତ ମାନବଜାତି ଏକ ବୃହତ୍ ପରିବାର ଯାହା ଏକଜୁଟ ହେଲେ ହିଁ ବଞ୍ଚିପାରିବ ଏବଂ ସଫଳ ହୋଇପାରିବ। ଏହି ଲକ୍ଷ୍ୟ ଯାହା ହାସଲ କରିବା ପାଇଁ କେବଳ ଶାନ୍ତି ଏବଂ ଏକତାର ବାର୍ତ୍ତା ବିସ୍ତାର କରିବା ଆବଶ୍ୟକ। ବିଶ୍ୱ ଶାନ୍ତି ଦିବସ ଭାବେ ଜଣାଶୁଣା ବିଶ୍ୱ ପରିବାର ଦିବସ, ପ୍ରତିବର୍ଷ ବିଶ୍ୱରେ ସମନ୍ୱୟ ଏବଂ ଏକତାର ଧାରଣାକୁ ପ୍ରୋତ୍ସାହିତ କରିବା ପାଇଁ ପାଳନ କରାଯାଏ। ଅଧିକନ୍ତୁ, ଏହା ବିଶ୍ୱର ଧାରଣାକୁ ଏକ ବିଶ୍ୱସ୍ତରୀୟ ଗ୍ରାମ ଭାବରେ ଜୋର ଦେଇଥାଏ ଯେଉଁଠାରେ ନାଗରିକତା, ସୀମା କିମ୍ବା ଜାତି ନିର୍ବିଶେଷରେ ସମସ୍ତେ ଏକ ପରିବାରର ସଦସ୍ୟ।



ଏହା ୧୯୯୭ ମସିହାରେ ଆରମ୍ଭ ହୋଇଥିଲା, ଯେତେବେଳେ ମିଳିତ ଜାତିସଂଘର ସାଧାରଣ ସଭା ନୂତନ ସହସ୍ର ବର୍ଷର ପ୍ରଥମ ଦିନରୁ ଶାନ୍ତି ପାଇଁ ସଂସ୍କୃତି ଏବଂ ବିଶ୍ୱର ପିଲାମାନଙ୍କ ପାଇଁ ଅହିଂସା ପାଇଁ ଅନ୍ତର୍ଜାତୀୟ ଦଶନ୍ଧି ଆରମ୍ଭ କରିଥିଲା। ଆମେରିକାରେ ଏହାକୁ ପ୍ରୋତ୍ସାହିତ କରିବାରେ ଲିଣ୍ଡା ଗ୍ରୋଭର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ୟାନ୍ୟ ପ୍ରୟାସରେ ଶାନ୍ତିରେ ଗୋଟିଏ ଦିନ। ପୃଥିବୀରେ କେବଳ ଶାନ୍ତି ଏବଂ ଯୁଦ୍ଧ ନାହିଁ । ଅବଶ୍ୟ, ଏହା ଏକ ନୂତନ ଶାନ୍ତିପୂର୍ଣ୍ଣ ଜଗତର ଆରମ୍ଭ ଏବଂ ୧୯୯୯ ରେ, ଜାତିସଂଘ ଶାନ୍ତି ପ୍ରତିଷ୍ଠା ଦିଗରେ ରଣନୀତି ପ୍ରସ୍ତୁତ କରିବାକୁ ସେହି ନିର୍ଦ୍ଦିଷ୍ଟ ବର୍ଷର ପ୍ରଥମ ଦିନକୁ ଆନୁଷ୍ଠାନିକ ଭାବରେ ଉତ୍ସର୍ଗ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକ ନିମନ୍ତ୍ରଣ ପାଇଲେ । ଦିନର ସକାରାତ୍ମକ ପ୍ରଭାବ ଦେଖି ଗ୍ଲୋବାଲ ଫ୍ୟାମିଲି ଡେକୁ ୟୁଏନ୍ ଦ୍ୱାରା ୨୦୦୧ରେ ବାର୍ଷିକ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା।

# ସ୍କିଲ୍ ଅନ୍ ହ୍ୱିଲ୍‌ର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର




ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)

ଇଂରାଜୀ ନବବର୍ଷର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ଯୁବବର୍ଗଙ୍କୁ ମାଗଣାରେ ଡିଜିଟାଲ ଶିକ୍ଷା ସହ ସେମାନଙ୍କ ଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଗୋଶାଳା ଛକରୁ ଏନ୍‌ଏସ୍‌ଡିସି ଦ୍ୱାରା ୩ଟି ଅତ୍ୟାଧୁନିକ କୌଶଳ ରଥ (ସ୍କିଲ୍ ଅନ ହ୍ୱିଲ୍)ର ଶୁଭାରମ୍ଭ କରିଛନ୍ତି। ଏହି ରଥ ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରେ ଗଡ଼ିବ। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖିଥିବା ବେଳେ ଦେଶ ପ୍ରଗତି ପଥରେ ଅଗ୍ରସର ହେଉଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେଶିନ ଲର୍ନିଂର ଚାହିଦା ବଢୁଛି। ଦେଶରେ ଡିଜିଟାଲ କାରବାରର ନୂଆ ରୂପରେଖ ପରିବର୍ତ୍ତନ ହୋଇଛି। ବିଶ୍ୱର ଉତ୍ପାଦନର କାରଖାନା ଭାରତ ହେବା ପାଇଁ ଯାଉଛି। ଭାରତର ଯୁବଶକ୍ତିଙ୍କ ଆବଶ୍ୟକତାକୁ ଦେଖି ସେମାନଙ୍କୁ ଦକ୍ଷ କରିବା ପାଇଁ ପଡ଼ିବ। ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଶୁଭାରମ୍ଭ ହୋଇଥିବା ରଥ ସମ୍ବଲପୁର ସମେତ ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ ଜିଲାର ବିଭିନ୍ନ ପଞ୍ଚାୟତକୁ ଯିବ। ନିର୍ଦ୍ଦିଷ୍ଟ ସମୟ ଅବଧିରେ ପଞ୍ଜୀକରଣ କରିଥିବା ଯୁବତୀ, ଯୁବକଙ୍କୁ ଟ୍ରେନିଂ ଦିଆଯିବ। ଆତ୍ମନିର୍ଭର ହେବା ପାଇଁ ଉଦ୍ୟମିତାର ପ୍ରଶିକ୍ଷଣ ଦିଆଯିବ। ଗାଁ ବିଶେଷ ଭାବେ ଗରିବ ଯୁବତୀ, ଯୁବକମାନଙ୍କ ଦକ୍ଷତା ବଢ଼ାଇବା ଦିଗରେ ଏହି ରଥ କାମ କରିବ ବୋଲି ସେ କହିଛନ୍ତି। ଅତ୍ୟାଧୁନିକ ଉପକରଣରେ ସୁସଜ୍ଜିତ ଏହି ସ୍କିଲ୍ ରଥ ଯୁବବର୍ଗଙ୍କୁ ବହୁତ ଲାଭ ଦେବ। କମ୍ ସମୟ ମଧ୍ୟରେ ଡିଜିଟାଲ ଶିକ୍ଷା ପ୍ରଦାନ କରିବା ସହ କେନ୍ଦ୍ର ସରକାରଙ୍କ ପରିକଳ୍ପନାରେ ସ୍କିଲ୍ ଇଣ୍ଡିଆ ମିଶନକୁ ବଡ଼ ଗତି ଦେବ। ଏହା ଯୁବବର୍ଗଙ୍କ ପାଇଁ ଆର୍ଥିକ ସାକ୍ଷରତା, ଡିଜିଟାଲ ସାକ୍ଷରତା, ରିଟେଲ ଦକ୍ଷତା ଏବଂ ଉଦ୍ୟମିତା ଆଦିର ଏକ ବଡ଼ ପ୍ଲାଟଫର୍ମ ଭାବେ କାମ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଭାଜପା କାର୍ଯ୍ୟାଳୟରେ ୧୦୮ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଲେ ନେତା

ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)

୨୦୧୪ରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ କୀ ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଯେଉଁଭଳି ସାଧାରଣ ଦେଶବାସୀଙ୍କ ମନର କଥାକୁ ବ୍ୟାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ରବିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା, ଜିଲା ପ୍ରତିନିଧି ନିଜ ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ୧୦୮ ତମ ତଥା ଏ ବର୍ଷର ଶେଷ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ଭାରତକୁ ବିଶ୍ୱଗୁରୁ ଭାବେ ଗଢ଼ିତୋଳିବା ପାଇଁ ପ୍ରଧାନମନ୍ତ୍ରୀ ସଂକଳ୍ପବଦ୍ଧ ଏବଂ ଏଥିପାଇଁ 'ସବ୍‌କା ସାଥ୍ ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସ ସବ୍‌କା ପ୍ରୟାସ'କୁ ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ମନମୋହନ କହିଛନ୍ତି। 'ମନ୍ କୀ ବାତ୍'ରେ ମାନସିକ ସ୍ୱାସ୍ଥ୍ୟ ଓ ଏଆଇ ଟୁଲ୍ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମୋଦି 'ଫିଟ୍ ଇଣ୍ଡିଆ ଆନ୍ଦୋଳନ' ପ୍ରତି ପ୍ରଶଂସା କରିବା ସହ ଶାରୀରିକ ସାମର୍ଥ୍ୟ ସହ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। 'ଏଆଇ ଟୁଲ୍‌ସ' ବା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'ର ଗୁରୁତ୍ୱ ଦର୍ଶାଇ ମୋଦି କହିଛନ୍ତି, ପ୍ରଯୁକ୍ତିବିଦ୍ୟା ସମାଜର ବିଭିନ୍ନ କ୍ଷେତ୍ରରେ ସୁବିଧା କରିଛି। ଅଦାଲତ ଓ ଶିକ୍ଷା ସମେତ ଅନେକ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଖୁବ୍ ସହାୟକ ହେବ। ଯୁବବର୍ଗଙ୍କୁ ଅନୁରୋଧ କରିଛନ୍ତି 'ଏଆଇ ଟୁଲ୍' ସମ୍ବନ୍ଧୀୟ 'ରିଅଲ୍‌ଟାଇମ୍' ଅନୁବାଦ କରି ଶତପ୍ରତିଶତ ପ୍ରମାଣସିଦ୍ଧ କରନ୍ତୁ। ଶେଷରେ ସେ ୨୦୨୪ ପାଇଁ ଦେଶବାସୀଙ୍କ ସଫଳତା ଓ ସୁଖ ଏବଂ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି।

# ଗୋ ଚାଲାଣ ବେଳେ ଗୁଳିମାଡ଼, ଗାଡ଼ି ଚାଳକ ଗୁରୁତର

ବଡ଼ଗାଁ,୩୧।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗ୍ରାମ ନିକଟ ରାଜ୍ୟ ରାଜପଥରେ ରବିବାର ଭୋର୍ ୬ ଟାରେ ଗୋ ଚାଲାଣ ହେଉଥିବା ଏକ ପିକ୍‌ଅପ୍ ଭ୍ୟାନ ଉପରକୁ ଗୁଳିମାଡ଼ ହୋଇଥିଲା। ଚାଳକ ସୁବାସ ନାଏକ(୨୩)ଙ୍କ ବେକରେ ଗୁଳିବାଜିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ରାଉରକେଲା ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଚାଳକଙ୍କ ଘର କୁତ୍ରା ଥାନା ଅଧୀନ କିରିଙ୍ଗସିରା ଗ୍ରାମରେ ବୋଲି ଜଣାପଡିଛି। ସବୁଠାରୁ ବଡ଼ କଥା ହେଉଛି ଘଟଣା ପରେ ଦୁର୍ବୃତ୍ତମାନେ ପିକ୍‌ଅପ୍ ଭ୍ୟାନକୁ ପୋଡି ଦେଇଛନ୍ତି। ଭ୍ୟାନ୍‌ରେ ଥିବା ରାହୁଲ ନାଏକ ଥାନାରେ ଅଭିଯୋଗ କରିଛନ୍ତି, ଭୋର ୬ଟାରେ ସିକାଯୋରରୁ ଖତକୁରବାହାଲ ଗ୍ରାମକୁ ୭ଟି ଗାଈ ପିକ୍‌ଅପ୍‌ରେ ନେଉଥିବା ବେଳେ ଇତମା ନିକଟ ରାଜପଥରେ ୪ ଜଣ ଯୁବକ ଗାଡ଼ି ଉପରକୁ ଗୁଳିମାଡ଼ କରିଥିଲେ। ପରେ ଭ୍ୟାନ୍ ପୋଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି। ହେଲେ ଖବର ଲେଖା ସୁଦ୍ଧା (ସନ୍ଧ୍ୟା ୭ଟା) ପୋଲିସ ଥାନାରେ କୌଣସି ମାମଲା ରୁଜୁ କରି ନାହିଁ।

# ଝରଣାରେ ବୁଡ଼ି ପର୍ଯ୍ୟଟକଙ୍କ ମୃତ୍ୟୁ

ବାରିପଦା,୩୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଲୁଲୁଙ୍ଗଠାରେ ନୂଆ ବର୍ଷ ପୂର୍ବରୁ ଅଘଟଣ ଘଟିଛି। ଝରଣାରେ ଗାଧୋଉଥିବା ବେଳେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଅଞ୍ଚଳ ଆଇଟିଆର କଲୋନୀର ବିଶ୍ୱ ସୁନ୍ଦର ଜେନା (୨୯)। ସେ ନବ ବର୍ଷର ଶେଷ ଦିନରେ ପିକ୍‌ନିକ୍ କରିବା ପାଇଁ ୧୧ ଜଣ ସାଙ୍ଗଙ୍କ ସହିତ ଲୁଲୁଙ୍ଗ ଆସିଥିଲେ। ଖାଇବା ପୂର୍ବରୁ ଗାଧୋଇବା ପାଇଁ ରିଙ୍କୁ ଝରଣାକୁ ଯାଇଥିଲେ। ଅସାବଧାନତା ବଶତଃ ରିଙ୍କୁଙ୍କ ପାଦ ଖସି ଯିବାରୁ ଗଭୀର ପାଣିରେ ପଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ପାଣି ଭିତରୁ ଉପରକୁ ଆସିପାରି ନ ଥିଲେ। ଉପସ୍ଥିତ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ସାଙ୍ଗମାନେ ବାରିପଦାସ୍ଥିତ ପିଆରଏମ୍ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାରିପଦା ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଭୀମକୁଣ୍ଡ ରାସ୍ତାରେ ହାତୀପଲ, ଅଟକିଲେ ପର୍ଯ୍ୟଟକ


ରାସ୍ତାରେ ହାତୀପଲ ବୁଲୁଛନ୍ତି।

ଠାକୁରମୁଣ୍ଡା, ୩୧।୧୨ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲାର ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ରବିବାର ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକଙ୍କ ରାସ୍ତାରେ ୨୨ଟିକିଆ ହାତୀପଲ ଛିଡା ହୋଇରହିବାରୁ ସେମାନେ ପ୍ରାୟ ୧ ଘଣ୍ଟାଧରି ଅଟକି ରହିଥିଲେ। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଥିବା ଏହି ୨୨ ଟିକିଆ ହାତୀପଲ ଶନିବାର ରାତିରେ ତେଲନଦୀ ଅତିକ୍ରମ କରି ଠାକୁରମୁଣ୍ଡା ରେଞ୍ଜ ଅନ୍ଧାରୀଖମଣ ଗ୍ରାମ ଜଙ୍ଗଲରେ ଆସି ରହିଥିଲେ। ରବିବାର ହାତୀପଲଙ୍କୁ ଲୋକେ ଘଉଡ଼ାଇବାରୁ ହାତୀପଲ ଭୀମକୁଣ୍ଡ-ବୋଙ୍ଗ ରାସ୍ତା ଉପରେ ଆସି ରହିଯାଇଥିଲେ। ଭୀମକୁଣ୍ଡକୁ ଶତାଧିକ ଗାଡ଼ିରେ ଆସିଥିବା ଲୋକମାନେ ବଣଭୋଜି ସାରି ଫେରୁଥିବା ବେଳେ ଦିନ ପ୍ରାୟ ୪.୩୦ ସମୟରେ ହାତୀପଲ ରାସ୍ତା ଅବରୋଧ କରି ରଖିଥିଲେ। ପରେ ଲୋକଙ୍କ ପାଟି ଶୁଣି ୨୨ ଟିକିଆ ହାତୀପଲ ଅମ୍ବବେଡ଼ା ଜଙ୍ଗଲ ଭିତରକୁ ପଳାଇ ଯିବା ପରେ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ନୂଆବର୍ଷରୁ ...

ଦର୍ଶନ ପାଇଁ ଆସୁଛନ୍ତି ସେମାନେ ସମସ୍ତ ନିୟମ ଓ କଟକଣା ମାନନ୍ତୁ, ଯାହାଫଳରେ ଜରିମାନାଠୁ ବର୍ତ୍ତିପାରିବେ। ପଲିଥିନ, ପ୍ଲାଷ୍ଟିକ ବ୍ୟବହାର ନିଷିଦ୍ଧ ହୋଇଛି। ଆନନ୍ଦବଜାରରୁ ପଲିଥିନ କଢାଯାଇ ଷ୍ଟ୍ରକ୍ଚର ନିର୍ମାଣ କରାଯାଇଛି। ତା' ଉପରେ ଟେନ୍‌ସାଇଲ ଫେବ୍ରିକ୍ ଲାଗିବ। ଫଳରେ ପରିବେଶ ସୁନ୍ଦର ଲାଗିବ। ଝୁଡ଼ି, ଝାଙ୍ଗୁଡ଼ି, କଟନ ବ୍ୟାଗରେ ଭୋଗ ନେବାକୁ ଭକ୍ତଙ୍କୁ ପରାମର୍ଶ ଦିଆଯାଉଛି। ସୁଆର ମହାସୁଆର ନିଯୋଗ ପକ୍ଷରୁ ସେନେଇ ବ୍ୟବସ୍ଥା କରାଯାଉଛି। ଶ୍ରୀମନ୍ଦିର ପରିସରରେ ପାନ ଗୁଟ୍‌ଖା ଖାଇବା ଉପରେ କଟକଣା ଲାଗୁ କରାଯାଇଛି। କେତେଜଣ କଟକଣା ନ ମାନି ଧରାପଡ଼ିଛନ୍ତି, ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ନୂଆବର୍ଷଠାରୁ ଏହାକୁ କଡ଼ାକଡ଼ି କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାସ କହିଛନ୍ତି।

# ବିବାହକୁ ନେଇ ଦ୍ୱନ୍ଦ୍ୱରେ ମଲାଇକା



ମୁମ୍ବାଇ: ମଲାଇକା ଆରୋରା ବଲିଉଡର ସବୁଠୁ ଗ୍ଲାମରସ, ଫିଟ୍ ଏବଂ ଫ୍ୟାଶନେବଲ ଦିଭା। ସେ କେବଳ ତାଙ୍କ ନୃତ୍ୟ ପାଇଁ ନୁହେଁ ବରଂ ତାଙ୍କ ବୋଲ୍ଡନେସ୍ ପାଇଁ ମଧ୍ୟ ସନସନି ମଚାଇଛନ୍ତି। ସୋସିଆଲ ମିଡିଆରେ ଅଭିନେତ୍ରୀଙ୍କ ଏକ ବିବୃତିକୁ ନେଇ ପୁଣିଥରେ ତାଙ୍କ ଦ୍ୱିତୀୟ ବିବାହ ବିଷୟରେ ଆଲୋଚନା ଆରମ୍ଭ ହୋଇଛି। ଟିଭି ରିଆଲିଟି ଶୋ' ଝଲକ ଦିଖଲା ଜା ସିଜନ ୧୧ରେ, ମଲାଇକା ତାଙ୍କର ଦ୍ୱିତୀୟ ବିବାହକୁ ନେଇ ଏକ ଆଶ୍ଚର୍ଯ୍ୟଜନକ ବୟାନ ଦେଇଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ କୋରିଓଗ୍ରାଫର ଫରାହ ଖାନ୍ ମଲାଇକାଙ୍କୁ ତାଙ୍କର ଦ୍ୱିତୀୟ ବିବାହ ବିଷୟରେ ପ୍ରଶ୍ନ ପଚାରିଛନ୍ତି। ହୋଷ୍ଟ ଫରାହଙ୍କ ପ୍ରଶ୍ନ ଥିଲା ମଲାଇକା, ୨୦୨୪ରେ ତୁମେ ସିଙ୍ଗଲ-ପ୍ୟାରେଣ୍ଟ-କମ୍-ଆକ୍ସେସରୁ ଡବଲ-ପ୍ୟାରେଣ୍ଟସ-କମ୍-ଆକ୍ସେସ ହେବାକୁ ଯାଉଛ କି। ମଲାଇକା କୁହନ୍ତି, ଯଦି କେହି ଅଛନ୍ତି ତେବେ ମୁଁ ତାଙ୍କୁ ୧୦୦ ପ୍ରତିଶତ ବିବାହ କରିବି। ଯଦି କେହି ମୋତେ ପଚାରନ୍ତି, ତେବେ ମୁଁ ବିବାହ କରିବି । କ୍ଷୀରର ଜଳିଯାଇଥିବା ବଟରମିଲ୍କକୁ ଫୁଙ୍କିକରି ପିଇଥାଏ। ଅଭିନେତ୍ରୀଙ୍କ ଏମିତି କଥା ଶୁଣି ସମସ୍ତେ ହସିବାକୁ ଲାଗନ୍ତି। ସୂଚନାଯୋଗ୍ୟ, ନିକଟରେ ମଲାଇକାଙ୍କ ଏକ୍ସ ବୟଫ୍ରେଣ୍ଡ ଅରବାଜ ଖାନ୍ ମେକଅପ୍ ଆର୍ଟିଷ୍ଟ ଶୌରାଙ୍କୁ ବିବାହ କରିଥିବା ବେଳେ ଅଭିନେତ୍ରୀ କିନ୍ତୁ ତାଙ୍କଠାରୁ ବୟସରେ ସାନ ଅଭିନେତା ଅର୍ଜୁନ କପୁରଙ୍କୁ ଏବେବି ଡେଟ୍ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ନୂଆ ବର୍ଷର ପହିଲି ସକାଳରେ ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଏବଂ ଭାଗ୍ୟସ୍ଥ ମଙ୍ଗଳ ଯୋଗୁ ମନରେ ପ୍ରସନ୍ନତା ଭରିଯିବ। ଦ୍ୱାଦଶରେ ରାହୁ ଭ୍ରମଣ ସୁଯୋଗ, ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ ମାନସିକ ସ୍ଥିତିକୁ ହଲ୍‌ଚଲ୍ କରିପାରେ। ବୁଧ ଓ ଶୁକ୍ର ଅର୍ଥଲାଭ, କଳା, ସାହିତ୍ୟ, ବ୍ୟବସାୟରେ ଉନ୍ନତି କରାଇବ। ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇପାରିବ।

**ବୃଷ** – ରାଶ୍ୟାଧିପ ଶୁକ୍ରଙ୍କ ଦୃଷ୍ଟିରେ ରାଶି ହେତୁ ଦିନଟି ଉପଭୋଗ୍ୟ ରହିବ। ବନ୍ଧୁଙ୍କ ସହାନୁଭୂତି ସହିତ ବୈଷୟିକ ସୁଖ, ସମୃଦ୍ଧି, ଶିଳ୍ପ, ବ୍ୟବସାୟରୁ ଲାଭବାନ୍ ହେବେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରି ଏକପ୍ରକାର ଆତ୍ମସନ୍ତୋଷ ଲାଭ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମିଥୁନ** – ବୁଧ, ଶୁକ୍ର ଓ ରବି, ମଙ୍ଗଳଙ୍କ ପ୍ରଭାବରୁ ରହୁଥିବା ପରିବେଶରେ ବୟସ୍କ ବ୍ୟକ୍ତିଙ୍କ ଅନୁଗ୍ରହ ଦୁଃସ୍ଥ ମାନସିକ ସ୍ଥିତିକୁ ହାଲୁକା କରିଦେବ। ଚତୁର୍ଥସ୍ଥ କେତୁ ଯୋଗୁ ଆର୍ଥିକ ଓ ପାରିବାରିକ ଦିଗଟି ଭଲ ରହି ନ ପାରେ। ସ୍ୱାସ୍ଥ୍ୟ, ବନ୍ଧୁ ସମ୍ପର୍କ ଓ ଶତ୍ରୁତା ବିଷୟରେ ଚିନ୍ତା ବୃଦ୍ଧି ପାଇବ। ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**କର୍କଟ** – ଦ୍ୱିତୀୟସ୍ଥ ଚନ୍ଦ୍ର ହେତୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ, କିନ୍ତୁ ଶନି ଦୃଷ୍ଟିରେ ଥିବାରୁ ଅନ୍ତିମ ସମୟରେ ମତାନ୍ତର ଘଟିପାରେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି। ସନ୍ତାନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ଯୋଗୁ ବିଚଳିତ ହେବେ।

**ସିଂହ** – ଆଜି ମଙ୍ଗଳ ଓ ଦେବଗୁରୁ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରୁ ସ୍ୱାସ୍ଥ୍ୟ, ଶିକ୍ଷା, ଲୋକସମ୍ପର୍କ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ସକାରାତ୍ମକ ମନୋଭାବର ପ୍ରତିଫଳନ ପ୍ରତ୍ୟେକ କ୍ଷେତ୍ରରୁ ପାଇବେ। ସ୍ଥଗିତ କାମ ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** – ଦୁଃସ୍ଥାନସ୍ଥ ଚନ୍ଦ୍ର ହେତୁ ଅର୍ଥବ୍ୟୟ କରି ମଧ୍ୟ କାର୍ଯ୍ୟ ହାସଲ ନ ହେବା କାରଣରୁ ମନସ୍ତାପ କରିବେ। ସ୍ତ୍ରୀଙ୍କ ସହ ବୁଝାମଣାର ଅଭାବ, ସାମାଜିକ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ସାଙ୍ଗକୁ ଯାତ୍ରା ଓ ପରିବହନ ସମ୍ପର୍କରେ ଚିନ୍ତା ବଢ଼ିଯିବ। ସଭାସମିତିରେ, ଆଲୋଚନା ଅବସରରେ,ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** – ଏକାଦଶସ୍ଥ ଚନ୍ଦ୍ର ଓ କେନ୍ଦ୍ରସ୍ଥ ବୃହସ୍ପତି ହେତୁ ପରିବାରର ଅନୁରକ୍ତି, ବନ୍ଧୁଙ୍କ ସହାନୁଭୂତି ଯୋଗୁ ମାନସିକ ସ୍ଥିତି ହାଲୁକା ରହିବ। ଆଜି ଯେଉଁ କାମରେ ହାତଦେବେ ସେଥିରେ ସଫଳତା ହାସଲ କରିବେ। ବନ୍ଧୁଗହଣରେ ଅଧିକାଂଶ ସମୟ ଅତିବାହିତ ହେବ। ରାହୁଙ୍କ ପ୍ରଭାବରୁ ଦୂରଯାତ୍ରା ଓ ଅପବ୍ୟୟ କରି ଅନୁତପ୍ତ ହୋଇପାରନ୍ତି।

**ବିଛା** – ଅନୁକୂଳ ଗ୍ରହସ୍ଥିତିରୁ ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା ଦିନତମାମ ଅନୁଭବରେ ଆସିବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରୀତିପ୍ରଦ ରହିବ। ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରି ଖୁସି ରହିପାରନ୍ତି।

**ଧନୁ** – ନିଜ ରାଶିରେ ଗୁରୁ ଓ ମଙ୍ଗଳଙ୍କ କ୍ଷେତ୍ର ବିନିମୟ ଯୋଗ ସଂଘଟିତ ହୋଇଥିବାରୁ କାର୍ଯ୍ୟସିଦ୍ଧି ସହ ଅର୍ଥ ଓ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଏବଂ ଆତ୍ମୀୟଙ୍କ ପ୍ରିୟଭାଜନ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ପ୍ରସ୍ତାବ ସ୍ଥିରୀକୃତ ହେବ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** – କେନ୍ଦ୍ରସ୍ଥ ବୃହସ୍ପତି ସଫଳତାର ମାର୍ଗକୁ ଉନ୍ମୁକ୍ତ ରଖିବେ। କର୍ମାଧିପ ଏକାଦଶସ୍ଥ ଯୋଗୁ ସାମାଜିକ, ଆର୍ଥିକ, ରାଜନୈତିକ ଓ ପାରିବାରିକ କ୍ଷେତ୍ର ସମସ୍ୟାମୁକ୍ତ ରହିବ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ସାଧାରଣ ଯୁକ୍ତିତର୍କଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କୁମ୍ଭ** – ସ୍ୱଗୃହୀ ଶନି ଏବଂ ଚତୁର୍ଥଭାବ ବୁଧ ଓ ଶୁକ୍ର ଦୃଷ୍ଟିରେ ଥିବାରୁ ବନ୍ଧୁବର୍ଗ ଓ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରିୟଭାଜନ ହେବେ। ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, କର୍ମାରମ୍ଭ ସକାଶେ ଫଳପ୍ରଦ ଆଲୋଚନା କରିବେ।

**ମୀନ** – ଧନସ୍ଥାନରେ ବୃହସ୍ପତି ଚନ୍ଦ୍ରଙ୍କ କୋଣଭାବରେ ଥିବାରୁ ଏକାଧାରରେ ଅର୍ଥ, ସମ୍ମାନ ଓ ବନ୍ଧୁବର୍ଗଙ୍କ ସଦିଚ୍ଛା ଲାଭ କରିବେ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆଜି ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ତା୦୧।୦୧।୨୦୨୪ ରିଖ, ଖ୍ରୀଷ୍ଟୀୟ ନବବର୍ଷର ପ୍ରଥମ ଦିବସ, ପୌଷ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର, ରାଶି/ନକ୍ଷତ୍ର-ସକାଳ ଘ.୦୮।୩୬ ମି. ଗତେ, ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ପ୍ରାତଃ ଘ.୦୬।୨୫ ମି. ଗତେ, ଘ.୦୭।୪୬ ମି. ମଧ୍ୟେ, ଘ. ୦୯।୧୮ ମି. ଗତେ, ଘ.୧୧।୨୮ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୪୬ ମି. ଗତେ, ଘ.୦୯।୦୭ ମି. ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ

**ପୁରୀ, ୩୧।୧୨ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ଭିତର ଭିଡିଓ ପୁଣି ଭାଇରାଲ ହୋଇଛି। ଜଣେ ଯୁବତୀ ଶ୍ରୀମନ୍ଦିର ପରିସରସ୍ଥ ନିର୍ମାଲ୍ୟ ଖଳାରେ ଠିଆହୋଇ ରିଲ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ତାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓ କରିଥିବା ଯୁବତୀଙ୍କ ନାଁ 'ଦେବଯାନୀ' ବୋଲି ଜଣାପଡୁଛି। ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ନେବା ଉପରେ କଡ଼ା କଟକଣା ଥିବାବେଳେ ସମ୍ପୃକ୍ତା ଯୁବତୀ କିପରି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଲେ ଏବଂ ରିଲ୍ସ କଲେ ସେନେଇ ପ୍ରଶ୍ନ ଉଠିଛି। ଏଥିସହ ଶ୍ରୀମନ୍ଦିର ସୁରକ୍ଷା ଓ ପୋଲିସ୍‌ର କାର୍ଯ୍ୟଦକ୍ଷତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଭିଡିଓ ପ୍ରକୃତ ପକ୍ଷେ କିଏ କରିଛନ୍ତି ଏବଂ ଏଥିରେ କୌଣସି ସେବାୟତ ଅବା ପୋଲିସ୍ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରାଯାଇ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଭକ୍ତ ଦାବି କରିଛନ୍ତି। ପୂର୍ବରୁ ମଧ୍ୟ ଅନେକ ସମୟରେ ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ୍ ହୋଇଥିଲା। ହେଲେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ପୋଲିସ୍ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଫଳରେ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି । ଗତବର୍ଷ ଜାନୁୟାରୀ ୧ରୁ ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ ପ୍ରଶାସନ କଡ଼ା କଟକଣା ଜାରି କରିଥିଲା। ତେବେ ଏହାକୁ କେହି ମାନୁ ନ ଥିବା ଉପରୋକ୍ତ ଘଟଣାରୁ ସ୍ପଷ୍ଟ ହେଉଛି।




# ଦୁର୍ନୀତିକରି ଗିରଫ ହୋଇଛନ୍ତି ୧୬୬ ବାବୁ

**ଭିଜିଲାନ୍ସର ବାର୍ଷିକ ରିପୋର୍ଟ-୨୦୨୩**

- ୪୬୮ ସ୍ଥାନରେ ଚଢ଼ାଉ, ୫୮ କ୍ଲାସ୍-୧ ଅଫିସରଙ୍କ ନାଁରେ ମାମଲା
- ୧୨୪ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ, ଫସିଛନ୍ତି ୩୬ଜଣ ସ୍ତ୍ରୀ

**ଭୁବନେଶ୍ୱର,୩୧।୧୨ (ସତ୍ୟଜିତ୍ ରାଉତ)**

ରାଜ୍ୟରେ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଭିଜିଲାନ୍ସ ଜାଲରେ ଫସିବା ପରେ ସେମାନଙ୍କ କଳା ଗୁମର ପଦାକୁ ଆସୁଛି। ୨୦୨୩ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ କାରବାରକୁ ନେଇ ରାଜ୍ୟର ୪୬୮ ସ୍ଥାନରେ ଚଢ଼ାଉ ହୋଇଥିବାବେଳେ ଗିରଫ ହୋଇଛନ୍ତି ୧୬୬ଜଣ ବାବୁ। ଭିଜିଲାନ୍ସ ପକ୍ଷରୁ ରବିବାର ପ୍ରକାଶିତ ବାର୍ଷିକ ରିପୋର୍ଟ-୨୦୨୩ରୁ ଏହା ଜଣାପଡିଛି।

୨୦୨୩ରେ ଭିଜିଲାନ୍ସ ୪୪୫ ବ୍ୟକ୍ତିଙ୍କ ବିରୋଧରେ ୨୬୫ଟି ମାମଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୫୮ଜଣ କ୍ଲାସ୍-୧, ୪୪ଜଣ କ୍ଲାସ୍-୨ ଅଫିସର, ୧୯୩ ତୃତୀୟ ଶ୍ରେଣୀ କର୍ମଚାରୀ, ୮ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୫୭ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୮୫ଜଣ ବେସରକାରୀ ବ୍ୟକ୍ତି ରହିଛନ୍ତି। ସେହିପରି ବର୍ଷକରେ ୧୬୬ ଜଣଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨୬ଜଣ କ୍ଲାସ୍-୧, ୩୨ଜଣ କ୍ଲାସ୍-୨ ଅଫିସର, ୮୫ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ୬ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୭ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୧୦ ବେସରକାରୀ ବ୍ୟକ୍ତି ରହିଛନ୍ତି। ଅନ୍ୟପକ୍ଷରେ ମୋଟ ୨୬୫ ମାମଲା ମଧ୍ୟରୁ ୮୨ ସରକାରୀ ଅର୍ଥ ଆତ୍ମସାତ୍ ମାମଲା ଥିବାବେଳେ ୮୫ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ୯୮ଟି ଲାଞ୍ଚ ମାମଲା ରହିଛି। ୮୫ ଆୟ ବହିର୍ଭୂତ ଠୁଳ ମାମଲାରେ ୮୯ ସରକାରୀ କର୍ମଚାରୀ ଓ ୪୨ ବେସରକାରୀ ବ୍ୟକ୍ତି ରହିଛନ୍ତି। ତେବେ ଏସବୁ ମାମଲାରେ ୧୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବାବେଳେ ୩୬ଜଣ ଅଭିଯୁକ୍ତଙ୍କ ସ୍ତ୍ରୀ ଫସିଛନ୍ତି।

ସେହିଭଳି ଟଙ୍କା ଧରି ଯାଉଥିବା ୭ଜଣ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ୯୮ ଲାଞ୍ଚ ମାମଲାରେ ୧୦୯ ସରକାରୀ କର୍ମଚାରୀ ଓ ୧୪ ବେସରକାରୀ ବ୍ୟକ୍ତି ଧରାପଡ଼ିଥିଲେ। ସରକାରୀ ଅର୍ଥ ଆତ୍ମସାତ୍ ସଂକ୍ରାନ୍ତୀୟ ୮୨ ମାମଲାରେ ୧୬୨ ସରକାରୀ କର୍ମଚାରୀ ଏବଂ ୨୯ ବେସରକାରୀ ବ୍ୟକ୍ତି ରହିଛନ୍ତି। ଏମାନେ ୪୭.୬୩ କୋଟି ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ରହିଛି। ଉକ୍ତ ବର୍ଷରେ ଭିଜିଲାନ୍ସ ୩୫୯ ମାମଲାରେ ୮୪୯ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ୧୨୪ ଭିଜିଲାନ୍ସ ମାମଲାରେ ଦଣ୍ଡାଦେଶ ହୋଇଛି। ଏସବୁ ମାମଲାରେ ୧୬୩ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୩ରେ ୩୫ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ତେବେ ୨୦୨୩ରେ ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ରାଜ୍ୟର ୧୧୪ ସ୍ଥାନରେ ଚଢ଼ାଉ କରାଯାଇ ୫.୧୩ କୋଟି ଟଙ୍କାର ସାମଗ୍ରୀ ଜବତ ସହ ୪୭ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# 'ଗୁଣାତ୍ମକ ସେବା ଉପରେ ଧ୍ୟାନ ଦେବି'

## ଡିଜିପି ଦାୟିତ୍ୱ ନେଲେ ଅରୁଣ ଷଡ଼ଙ୍ଗୀ

**କଟକ/ଭୁବନେଶ୍ୱର,୩୧।୧୨ (କାର୍ତ୍ତିକ ସାହୁ/ସୁନିତ୍ ମିଶ୍ର)**



୧୯୯୦ ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଅରୁଣ ଷଡ଼ଙ୍ଗୀ ରବିବାର ଅପରାହ୍ନରେ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଷଡ଼ଙ୍ଗୀ ପହଞ୍ଚିବା ପରେ ଶହୀଦ୍‌ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆୟୋଜିତ ନିରାଡ଼ମ୍ବର କାର୍ଯ୍ୟକ୍ରମରେ ବିଦାୟୀ ଡିଜିପି ସୁନୀଲ ବଂଶଲ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଷଡ଼ଙ୍ଗୀ କହିଛନ୍ତି, କିଛିବର୍ଷ ଧରି ଲୋକସଂଖ୍ୟା ବଢ଼ିଛି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ଶକ୍ତି ବୃଦ୍ଧିର ଆବଶ୍ୟକତା ରହିଛି। ସାଇବର କ୍ରାଇମ୍ ଏବଂ ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ବହୁ ସଫଳତା ହାସଲ କରିଛି। ମୋର କାର୍ଯ୍ୟକାଳ ମଧ୍ୟରେ ପୋଲିସ ଅଧିକାରୀଙ୍କ ସହଯୋଗରେ ଦାୟିତ୍ୱ ନିର୍ବାହ କରିବି। ଅପରାଧ ନିରାକରଣ, ଅନୁସନ୍ଧାନ ଓ ଆଇନଶୃଙ୍ଖଳା ରକ୍ଷା ସହିତ ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇବା ଉପରେ ଧ୍ୟାନ ଦେବି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଷଡ଼ଙ୍ଗୀ ଏବେ ସ୍ପେଶାଲ ଡିଜି ଅଫ୍ ପୋଲିସ, ଟ୍ରେନିଂ ଏବଂ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ନିୟମିତ ଡିଜିପି ନିଯୁକ୍ତ ହେବା ଯାଏ ସେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଉପରସେମ୍ଭି ପରେ ଏବେ ଫଗୁଣସିନେରିରେ ଆନ୍ଧ୍ର ଟାୱାର

**ପଟ୍ଟାଙ୍ଗି,୩୧।୧୨ (ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ସୀମାନ୍ତ ଗ୍ରାମରେ ପ୍ରଥମେ ଉପରସେମ୍ଭି ଏବଂ ଏବେ ଫଗୁଣସିନେରି ଗ୍ରାମରେ ପଡୋଶୀ ଆନ୍ଧ୍ର ଟେଲି ଯୋଗାଯୋଗ ଲାଗି ନିର୍ମାଣ କରୁଛି ଟାୱାର। ରାଜ୍ୟ ସରକାର ଆନ୍ଧ୍ରର ଅନୁପ୍ରବେଶ ରୋକିବାକୁ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ ମୋବାଇଲ ଟାୱାର୍ ପ୍ରତିଷ୍ଠା ଲାଗି ଜାଗା ଚିହ୍ନଟ ଜାରି ରଖିଥିବା ବେଳେ ଏ ସମ୍ପର୍କରେ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କ ପାଖରେ କିଛି ଖବର ରହୁନାହିଁ । ଫଳରେ ଏଥିରୁ ଫାଇଦା ନେବାକୁ ଆନ୍ଧ୍ର ପଛଘୁଞ୍ଚା ଦେଉ ନ ଥିବା ଦେଖିବାକୁ ମିଳୁଛି। କୋଟିଆ ପଞ୍ଚାୟତର ଫଗୁଣସିନେରିରେ ଟାୱାର୍ ନିର୍ମାଣ କରିବାକୁ ପଡୋଶୀ ଆନ୍ଧ୍ର କିପରି ଅନୁମତି ପାଉଛି ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପ୍ରଶ୍ନ ଉଠାଇଛନ୍ତି। ଆନ୍ଧ୍ର ନେଟୱର୍କ ସେବା ଯୋଗାଇ ଦେବା ପରେ ଅନ୍‌ଲାଇନରେ ହେଉଥିବା ସମସ୍ତ ସରକାରୀ କାର୍ଯ୍ୟରେ ସୀମାନ୍ତବାସୀ କିପରି ସାମିଲ ହେବେ ସେନେଇ ବର୍ତ୍ତମାନ ନୂଆ ଉପାୟ ଆରମ୍ଭ କରିଥିବା ଗେମେଲ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୀମାନ୍ତବାସୀ ଗତ ଦିନରେ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କ ଉକ୍ତ ଅଞ୍ଚଳ ଗସ୍ତ ସମୟରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏନେଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଟାୱାର ଆନ୍ଧ୍ର ସରକାରଙ୍କ ପକ୍ଷରୁ କରାଯାଉନାହିଁ ଏହା ଏକ କମ୍ପାନୀ କରୁଛି ବୋଲି କହିଥିଲେ।

ଧରିତ୍ରୀ DHARITRI Oriya daily

**ଆବଶ୍ୟକ କରୁଛି**

**ପ୍ଲମ୍ବର**

ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।

ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।




# କାମାକ୍ଷାନଗର ଓକିଲ ସଂଘ ସଭାପତି ପୁନଃ ନିର୍ବାଚନ ସ୍ଥଗିତ

**କାମାକ୍ଷାନଗର, ୩୧।୧୨ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘ ସଭାପତି ନିର୍ବାଚନ ଫଳାଫଳକୁ ନେଇ ଷ୍ଟେଟ ବାର୍ କାଉନ୍‌ସିଲଙ୍କ ଦ୍ୱାରା ଗଠିତ ନିର୍ବାଚନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଉପରେ ବାର କାଉନ୍‌ସିଲ ଅଫ ଇଣ୍ଡିଆ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ଆସନ୍ତା ୧୫ଦିନ ମଧ୍ୟରେ ହେବାକୁ ଥିବା ନିର୍ବାଚନ ଏବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ହୋଇଛି।

ସୂଚନା ଅନୁଯାୟୀ, ୨୦୨୩-୨୪ ବର୍ଷ ପାଇଁ କାମାକ୍ଷାନଗର ଓକିଲ ସଂଘ ସଭାପତି ପଦ ପାଇଁ ଧର୍ମାନନ୍ଦ ମଲ୍ଲିକ ଓ ରଞ୍ଜନ କୁମାର ରାଉତ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ରଞ୍ଜନଙ୍କ ପାଇଁ ପ୍ରସ୍ତାବକ ଥିବା ସର୍ବଜିତ ଜୀଙ୍କ ନାମ ନାମାଙ୍କନପତ୍ରରେ ଠିକ୍ ଭାବେ ଲେଖା ଯାଇ ନ ଥିବାରୁ ଏହାକୁ ତ୍ରୁଟି ଦର୍ଶାଇ ନିର୍ବାଚନ ଅଧିକାରୀ ପ୍ରଭାସ ରଞ୍ଜନ ମିଶ୍ର ଧର୍ମାନନ୍ଦ ମଲ୍ଲିକଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ସଭାପତି ଭାବେ ଘୋଷଣା କରିଥିଲେ। କିନ୍ତୁ ଏହାକୁ ବିରୋଧ କରି ରଞ୍ଜନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଓଡ଼ିଶା ବାର କାଉନ୍‌ସିଲ ଏକ ନିର୍ବାଚନୀ ଟ୍ରିବ୍ୟୁନାଲ୍ ଗଠନ କରିଥିଲେ। ଉକ୍ତ ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ହୋଇଥିଲା। ଶୁଣାଣି ପରେ ଗତ ୨୭ ତାରିଖରେ ଟ୍ରିବ୍ୟୁନାଲ ୧୫ ଦିନ ମଧ୍ୟରେ ସାନି ସଭାପତି ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଧର୍ମାନନ୍ଦ ଏହି ଆଦେଶ ବିରୋଧରେ ତୁରନ୍ତ ବାର କାଉନ୍‌ସିଲ ଅଫ ଇଣ୍ଡିଆ ନିକଟରେ ଏକ ଷ୍ଟେ ପିଟିଶନ ଆବେଦନ କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ବାର୍ କାଉନସିଲ ଅଫ୍ ଇଣ୍ଡିଆ, ଷ୍ଟେଟ୍ ବାର୍ କାଉନ୍‌ସିଲ ଦ୍ୱାରା ଗଠିତ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।









କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ– ସେତିକି ବେଳେ। –ଶ୍ରୀଅରବିନ୍ଦ

-ଇଂରାଜୀ ନୂତନ ବର୍ଷ ସନ
୨୦୨୪ ମସିହା ପ୍ରବେଶ ଆରମ୍ଭ



# ଶୁଭେଚ୍ଛା ଓ ଶୁଭକାମନା

ଆଜି ନୂଆବର୍ଷ ୨୦୨୪। ବିଶ୍ୱର ସବୁଠାରୁ ବୃହତ୍ ଜନସଂଖ୍ୟାବହୁଳ ରାଷ୍ଟ୍ର ଭାରତରେ ଏ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର ଅଛି। ଏହାକୁ ନେଇ ଚାରିଆଡ଼େ ଗୋଟେ 'ଘୋ' ସୃଷ୍ଟି ହୋଇଗଲାଣି। କିନ୍ତୁ ଏହାବ୍ୟତୀତ ବହୁ ସମସ୍ୟା ଓ ପ୍ରସଙ୍ଗ ଜନସାଧାରଣଙ୍କ ଆଗରେ ରହିଛି, ଯାହାକୁ ସରକାରୀଠାରୁ ଆରମ୍ଭ କରି ବ୍ୟକ୍ତିଗତ ସ୍ତରରେ ଚିହ୍ନଟ କରାଯାଇ ସମାଧାନର ବାଟ ବାହାର କରାଯିବା ଦରକାର।

ଭାରତର ଜନସଂଖ୍ୟା ୧୪୦ କୋଟି ଉପରେ ରହିଛି। ସେମାନଙ୍କ ଆବଶ୍ୟକତା ପୂରଣ ଲାଗି କୃଷି, ଜଳ ଓ ଶକ୍ତି ଭଳି କ୍ଷେତ୍ରକୁ ସୁଦୃଢ଼ କରାଯିବା ଉଚିତ। ଦିନକୁ ଦିନ କୃଷିଜମି ସଙ୍କୁଚିତ ହେବାରେ ଲାଗିଲାଣି। ଶିଳ୍ପ ଓ ଭିତ୍ତିଭୂମି ବିକାଶ ନାମରେ ଚାଷ ଜମିକୁ ଧନିକମାନେ ମାଡ଼ି ବସୁଛନ୍ତି। ମଧୁର ଜଳର ଘୋର ଅଭାବ ଲୋକଙ୍କୁ ଅତିଷ୍ଠ କରିଦେଉଛି। ସେହିପରି ଶକ୍ତି ଚାହିଦାକୁ ପୂରଣ କରିବା ସକାଶେ ସବୁଜ ବିକଳ୍ପ ବ୍ୟବସ୍ଥା ଉପରେ ଜୋର୍ ଦିଆଯାଉଛି। ବିରୋଧାଭାସ ହେଉଛି ଯେ, ନୂଆ କୋଇଲା ପ୍ଲାଣ୍ଟ ସ୍ଥାପନ ଲାଗି ମଧ୍ୟ ଅନୁମତି ଦିଆଯିବାରେ ଲାଗିଛି। ଭୁବନେଶ୍ୱର ଭଳି ସହରକୁ ଉଦାହରଣ ଭାବେ ଦେଖାଯାଇପାରେ। ଗୋଟିଏ ପଟେ ଦୁର୍ଗନ୍ଧ, ଅଳିଆରେ ହନ୍ତସନ୍ତ ଏଠାକାର ଜନସାଧାରଣ ଓ ଅନ୍ୟପଟେ ଦେଖୁଛନ୍ତି ଚନ୍ଦକା–ଭରତପୁର ଭଳି ସୌନ୍ଦର୍ଯ୍ୟ ଏବଂ ସହର ଭିତରେ ଥିବା ଗ୍ରୀନ୍ ଲଙ୍ଗ୍ସ (ସବୁଜ ଫୁସ୍‌ଫୁସ୍)କୁ ବିଧିବଦ୍ଧ ଭାବେ ଧ୍ୱଂସ କରାଇ ସେଠାରେ ହାତୀ ଚଲାପଥକୁ ଘରୋଇ କମ୍ପାନୀକୁ ନିର୍ମାଣ ପାଇଁ ଦେଇଦିଆଯାଇଛି। ଏଥିରେ ଜନସାଧାରଣ ସମ୍ପୂର୍ଣ୍ଣ ନୀରବ ରହୁଥିବାରୁ ଭବିଷ୍ୟତରେ ଘଟିବାକୁ ଥିବା ପରିବେଶଜନିତ ସଙ୍କଟ ଦୃଶ୍ୟମାନ ହେଉଛି। ଏହିଭଳି ମନୁଷ୍ୟକୃତ କାର୍ଯ୍ୟ ଯୋଗୁ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ଏହି ବୈଶ୍ୱିକ ପରିବେଶୀୟ ସମସ୍ୟା ଦ୍ୱାରା ପ୍ରଭାବିତ। ହେଲେ ଅଧିକାଂଶ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ନିର୍ବାଚନ ବର୍ଷରେ ଆଶା କରାଯିବା ଦରକାର ଯେ ପ୍ରତିଟି ରାଜନୈତିକ ଦଳ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏହି ପ୍ରସଙ୍ଗକୁ ସନ୍ନିବେଶିତ କରିବା ଦରକାର। ନିର୍ବାଚନରେ ବିଜୟ ହାସଲ ପାଇଁ ଅନେକ ପ୍ରାର୍ଥୀ ଯେଭଳି ଭୋଟରଙ୍କ ହାତରେ ଅର୍ଥ ଗୁଞ୍ଜି ଦେଉଛନ୍ତି ଓ ସେମାନେ କୃତକୃତ୍ୟ ହୋଇ ନିଜର ମୂଲ୍ୟବାନ ମତଦାନ ଦେଉଛନ୍ତି, ତାହାକୁ ନିରୁତ୍ସାହିତ କରାଯିବାର ସମୟ ଆସିଲାଣି। କାରଣ ଏକକାଳୀନ କିଛି ହଜାର ଟଙ୍କା ଘୁଷ୍ ବ୍ୟକ୍ତିର ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ ନାହିଁ। ବରଂ ଯେଉଁ ପ୍ରାର୍ଥୀ ଜଳବାୟୁ ପରିବର୍ତ୍ତନ ଭଳି ମଣିଷ ଜୀବନକୁ ପ୍ରଭାବିତ କରୁଥିବା ସମସ୍ୟା ଉପରେ କାର୍ଯ୍ୟ କରୁଥିବେ ବା ସଚେତନତା ସୃଷ୍ଟି କରୁଥିବେ, ତାଙ୍କୁ ଭୋଟର ବାଛିବା ଦରକାର। ଏକ ଅସ୍ୱାସ୍ଥ୍ୟକର ପରିବେଶରେ ଚଳି କିଛି ମାଉଁସ ଖାଇଦେଇ ଭୋଟ ଦେଇଦେଉଥିବା ଭୋଟର ସଚେତନ ହେବା ସମୟର ଆହ୍ୱାନ। ସେହିପରି ଉତ୍ତମ ଶିକ୍ଷା ଓ ତାଲିମ ପାଇଥିବା ବ୍ୟକ୍ତିଙ୍କୁ କର୍ମକ୍ଷେତ୍ର ଯୋଗାଇ ଦେବା କିମ୍ବା ଛୋଟିଆ ଉଦ୍ୟୋଗ ସ୍ଥାପନ କରି କେତେକଙ୍କୁ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବାର ଦକ୍ଷତା ରଖୁଥିବା ଯୁବପିଢ଼ି ପ୍ରତି ବ୍ୟବସ୍ଥା ଅନୁକୂଳ ହେବା ବାଞ୍ଛନୀୟ।

**କେଉଁଠି ଅର୍ଥ ପାଇଁ ତ ଅନ୍ୟ କେଉଁଠି ଧର୍ମର ପ୍ରହସନରେ ଲୋକଙ୍କ ଦୃଷ୍ଟିଭଙ୍ଗୀକୁ ଭାଙ୍ଗି ଦିଆଯାଇପାରୁଛି। ଯେବେ ଭାରତୀୟମାନେ ରାଜନୈତିକ କର୍ମୀ ଓ ନେତାଙ୍କ ପରିବର୍ତ୍ତେ ପ୍ରାର୍ଥୀର ବ୍ୟକ୍ତିତ୍ୱ ଏବଂ ବିଶ୍ୱାସକୁ ଅଧିକ ଗୁରୁତ୍ୱ ଦେବେ ସେତେବେଳେ, ସମ୍ଭବତଃ, ବାସ୍ତବ ପରିବର୍ତ୍ତନର ପବନ ବହିବା ଆରମ୍ଭ ହୋଇପାରେ। ସଚେତନ ଭାରତୀୟ ନାଗରିକଙ୍କ ପାଇଁ ଏହି ବର୍ଷ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେବ। ସେଥିପାଇଁ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚକୋଟୀର ଚିନ୍ତାଧାରା ନୂଆବର୍ଷ ଆଣିଦେଉ। ୨୦୨୪ ପାଇଁ ଏହା ଆମର ଶୁଭେଚ୍ଛା ଓ ଶୁଭକାମନା।**

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକଙ୍କ ଶାରୀରିକ ନିରାପତ୍ତା ଓ ତାଙ୍କ ଆର୍ଥିକ ସୁରକ୍ଷା ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଭାରତରେ ଏହି ଦୁଇଟି ମୌଳିକ ଗଣତାନ୍ତ୍ରିକ ଅଧିକାର ଏକପ୍ରକାର ସମାପ୍ତ ହେବାକୁ ଗଲାଣି। କିଏ ଜାଣେ କିଏ କହିବେ ୨୦୨୪ ନିର୍ବାଚନ ହୋଇପାରେ ଭାରତରେ ଗଣତନ୍ତ୍ରର ମୃତ୍ୟୁଘଣ୍ଟି। ସାମନ୍ତବାଦୀ ଚିନ୍ତାଧାରାରେ ବୁଡ଼ିରହିଥିବା ଭାରତୀୟ ଭୋଟରଙ୍କୁ ଅଳ୍ପରେ ସନ୍ତୁଷ୍ଟ କରିବା ସମ୍ଭବପର ହେଉଛି। କେଉଁଠି ଅର୍ଥ ପାଇଁ ତ ଅନ୍ୟ କେଉଁଠି ଧର୍ମର ପ୍ରହସନରେ ଲୋକଙ୍କ ଦୃଷ୍ଟିଭଙ୍ଗୀକୁ ଭାଙ୍ଗି ଦିଆଯାଇପାରୁଛି। ଯେବେ ଭାରତୀୟମାନେ ରାଜନୈତିକ କର୍ମୀ ଓ ନେତାଙ୍କ ପରିବର୍ତ୍ତେ ପ୍ରାର୍ଥୀର ବ୍ୟକ୍ତିତ୍ୱ ଏବଂ ବିଶ୍ୱାସକୁ ଅଧିକ ଗୁରୁତ୍ୱ ଦେବେ ସେତେବେଳେ, ସମ୍ଭବତଃ, ବାସ୍ତବ ପରିବର୍ତ୍ତନର ପବନ ବହିବା ଆରମ୍ଭ ହୋଇପାରେ। ସଚେତନ ଭାରତୀୟ ନାଗରିକଙ୍କ ପାଇଁ ଏହି ବର୍ଷ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେବ। ସେଥିପାଇଁ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚକୋଟୀର ଚିନ୍ତାଧାରା ନୂଆବର୍ଷ ଆଣିଦେଉ। ୨୦୨୪ ପାଇଁ ଏହା ଆମର ଶୁଭେଚ୍ଛା ଓ ଶୁଭକାମନା।

# ସୁଖୀ ଜୀବନର ସୂତ୍ର



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରତ୍ୟେକ ମଣିଷ ଚାହେଁ ତା' ଜୀବନ ସୁଖରେ କଟୁ। ଜୀବନରେ କେବେ ଦୁଃଖ ନ ଆସୁ। ମାତ୍ର ମଣିଷ ଯାହା ଚାହେଁ, ତାହା ସର୍ବଦା ଘଟେ ନାହିଁ। ଧନାଢ଼୍ୟ ବ୍ୟକ୍ତି ତା'ର ସମସ୍ତ ଆବଶ୍ୟକତା ପୂରଣ କରିପାରେ। ବିଳାସବ୍ୟସନରେ ସମୟ ଅତିବାହିତ କରେ। ମାତ୍ର ସମୟ ସବୁବେଳେ ସମାନ ରହେ ନାହିଁ। ଏମିତି ଦିନ ଆସେ ନିକଟରେ ସୁସ୍ୱାଦୁ ଖାଦ୍ୟ ଥାଇ ମଧ୍ୟ ବିଭିନ୍ନ ରୋଗ ପ୍ରପୀଡ଼ିତ ହୋଇ ସେ ସବୁକୁ ସ୍ପର୍ଶ କରିପାରେ ନାହିଁ। ଲକ୍ଷାଧିକ ଟଙ୍କାର ପଲଙ୍କରେ ଶୁଏ, ମାତ୍ର ନିଦ୍ରା ଆସେ ନାହିଁ। ଅପରପକ୍ଷରେ ଅନେକ ଗରିବ ଲୋକ ଅଛନ୍ତି, ଯେଉଁମାନେ ସ୍ୱଳ୍ପ ଉପାର୍ଜନ କରନ୍ତି, ତା'ସତ୍ତ୍ୱେ ସେମାନେ ଖୁସିରେ ଥାନ୍ତି। ଭୂଇଁ ଉପରେ ଶୋଇଲେ ମଧ୍ୟ ବିନିଦ୍ରତାର ଶିକାର ହୁଅନ୍ତି ନାହିଁ। ସେମାନେ ସମାଜକୁ ଦିଅନ୍ତି ସୁଖୀ ଜୀବନର ସୂତ୍ର।

ଏହି ପ୍ରସଙ୍ଗରେ ମନେପଡ଼େ ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତିଙ୍କ ଏକ ଅଭିଜ୍ଞତା। ଥରେ ସେ ତାମିଲନାଡୁର ଥଞ୍ଜାଭୁର ଜିଲାରେ ଭ୍ରମଣ କରୁଥାନ୍ତି। ହଠାତ୍ ପ୍ରବଳ ବର୍ଷା ହେଲା। ରାସ୍ତାଘାଟ ଜଳମଗ୍ନ ହୋଇଗଲା। ସେ ନିଜ କାର୍‌କୁ ଅଟକାଇ ଆଶ୍ରୟ ପାଇଁ ନିକଟସ୍ଥ ଏକ ଗାଁକୁ ପଶିଲେ। ଚାରିଆଡ଼େ ଅନ୍ଧାର। ଆଖିକୁ କିଛି ଦେଖାଯାଉ ନ ଥାଏ। ଅନତି ଦୂରରେ ଥାଏ ଏକ ମନ୍ଦିର। ସୁଧା ଝାପ୍‌ସା ଆଲୁଅରେ ସେହି ମନ୍ଦିର ଭିତରେ ପଶିଲେ। ସେତେବେଳେ ସେ ସମ୍ପୂର୍ଣ୍ଣ ଭିଜି ଯାଇଥାନ୍ତି। ସେହି ମନ୍ଦିର ଭିତରୁ ବାହାରିଲେ ଜଣେ ଅଶୀବର୍ଷ ବୟସ୍କ ବୃଦ୍ଧ ଓ ପ୍ରାୟ ସମବୟସ୍କା ଜଣେ ବୃଦ୍ଧା। ସେହି ମହିଳା ଜଣକ ସୁଧାଙ୍କ ଅବସ୍ଥା ଦେଖି ସଙ୍ଗେ ସଙ୍ଗେ ଦେହ ପୋଛିବା ପାଇଁ ତାଙ୍କୁ ଗାମୁଛାଟିଏ ଦେଲେ। ସୁଧା ମୁହଁ ପୋଛିଲେ ଓ ଜାଣିବାକୁ ପାଇଲେ ଯେ ବୃଦ୍ଧ ଜଣକ ଥିଲେ ଦୃଷ୍ଟିବାଧିତ। ସେ ଲକ୍ଷ୍ୟ କଲେ ସେମାନେ ଥିଲେ ଅତ୍ୟନ୍ତ ଦରିଦ୍ର। ତେଲ ଲ୍ୟାମ୍ପଟି ଜଳୁଥାଏ। ସେ ସେହି ବୃଦ୍ଧଙ୍କୁ ମଙ୍ଗଳ ଆରତି କରିବାକୁ କହିଲେ ଓ ତାହା ସରନ୍ତେ ଏକଶତ ଟଙ୍କା ମୂଲ୍ୟର ଏକ ନୋଟ୍ ବଢ଼ାଇଦେଲେ। ମାତ୍ର ବୃଦ୍ଧ ଜଣକ କହିଲେ, "ମାଆ! ଏଥିପାଇଁ ଆମେ ମାତ୍ର ଦଶଟଙ୍କା ଗ୍ରହଣ କରୁ। ଆପଣ ଏହି ଶହେ ଟଙ୍କିଆ ନୋଟ୍‌ଟି ଫେରେଇ ନିଅନ୍ତୁ। ଟଙ୍କା ବଡ଼ କଥା ନୁହେଁ, ଭକ୍ତି ବଡ଼ କଥା।" ବୃଦ୍ଧାଜଣକ ମଧ୍ୟ ବୃଦ୍ଧଙ୍କ କଥାକୁ ସମର୍ଥନ କଲେ। ବିସ୍ମିତ ହେଲେ ସୁଧା। ଦାରିଦ୍ର୍ୟ ସତ୍ତ୍ୱେ ସେମାନେ ତାଙ୍କର ଅକୁଣ୍ଠ ଦାନକୁ ଗ୍ରହଣ କଲେ ନାହିଁ। ଶେଷରେ ସୁଧା କହିଲେ, "ମୁଁ ଆପଣଙ୍କ ନିକଟକୁ କିଛି ଟଙ୍କା ପଠାଇବି। ତାକୁ ଆପଣ ଗୋଟିଏ ବ୍ୟାଙ୍କ ବା ପୋଷ୍ଟ ଅଫିସରେ ଜମା କରିଦେବେ। ସେଥିରୁ ଯେଉଁ ସୁଧ



ମିଳିବ ତାହା ଆପଣଙ୍କ ମାସିକ ଆବଶ୍ୟକତା ପୂରଣ କରିବ। ଶାରୀରିକ ଅସୁସ୍ଥତା ସମୟରେ ଆପଣ ମୂଳଧନକୁ ମଧ୍ୟ ବ୍ୟବହାର କରିପାରିବେ।" ବୃଦ୍ଧ ଜଣକ ହସିଲେ ଓ କହିଲେ, "ବାର୍ଦ୍ଧକ୍ୟ କାଳରେ ମୋର ଅର୍ଥ ଆବଶ୍ୟକ ହେବ କାହିଁକି ? ଆମର ଦୈନନ୍ଦିନ ଖାଦ୍ୟପେୟର ବ୍ୟବସ୍ଥା ଆମ ଗ୍ରାମବାସୀ କରିଦିଅନ୍ତି ଓ ସ୍ଥାନୀୟ ଡାକ୍ତର ଆମକୁ ଆବଶ୍ୟକ ସମୟରେ ଔଷଧ ଦିଅନ୍ତି। ଆମର ଆଉ ଅଧିକ କିଛି ଆବଶ୍ୟକ ନାହିଁ। ପୁଣି ଭଗବାନ ଶିବଙ୍କ ଅନ୍ୟ ନାମ ବୈଦ୍ୟନାଥ। ସେ ହେଉଛନ୍ତି ମହାବୈଦ୍ୟ। ସେ ଆମକୁ ନିଶ୍ଚୟ ସୁସ୍ଥ ରଖିବେ। ଏଣୁ ଆମର ଅଧିକ ଅର୍ଥ ଦରକାର ନାହିଁ। ଆମ ସ୍ୱଳ୍ପ ଧନରେ ଆମେ ସନ୍ତୁଷ୍ଟ। ଦୟାକରି ଆମକୁ ଆଉ ଅଧିକ ଅର୍ଥ ଦିଅନ୍ତୁ ନାହିଁ।" ବିଜୁଳି ଆସିଲା। ମନ୍ଦିର ପରିସର ଆଲୋକିତ ହେଲା। ସୁଧା ସେମାନଙ୍କ ମୁହଁରେ ତୃପ୍ତି ଓ ପ୍ରଶାନ୍ତିର ଭାବ ଦେଖି ବିସ୍ମିତ ହେଲେ। ସେ ବୁଝିଲେ ସନ୍ତୋଷ ହିଁ ସୁଖୀ ଜୀବନର ମୂଳସୂତ୍ର।

ଆମେରିକୀୟ କବି ଜନ୍ ହେଙ୍କ କବିତା 'ଦି ଏନ୍‌ଚେଣ୍ଟେଡ୍‌ଶାର୍ଟ' ମଧ୍ୟ ସେ ସମ୍ପର୍କରେ ଆଲୋକପାତ କରେ। ଥିଲେ ଜଣେ ରାଜା। ସେ ଠିକ୍ ଭାବରେ ଖାଇବା ପିଇବା କରୁଥିଲେ ମଧ୍ୟ ଅନୁଭବ କରୁଥିଲେ ଯେ ସେ ଦୁଃଖୀ। ତାଙ୍କ ଜୀବନରେ ସୁଖ ନାହିଁ। ଏଣୁ ତାଙ୍କର ଏହି ମାନସିକ ଅସୁସ୍ଥତାର ଉପଚାର କରିବା ପାଇଁ ରାଜ୍ୟର ଦକ୍ଷ ବୈଦ୍ୟମାନେ ଆସିଲେ ଓ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କଲେ। ଔଷଧ ଦେଲେ। ମାତ୍ର ରାଜା ସୁସ୍ଥ ଅନୁଭବ କଲେ ନାହିଁ। ଯେଉଁ ବୈଦ୍ୟମାନେ ରାଜାଙ୍କୁ ସୁସ୍ଥ କରିପାରିଲେ ନାହିଁ, ସେମାନଙ୍କ ମୁଣ୍ଡକାଟ ହେଲା। ଶେଷରେ ଆସିଲେ ରାଜ୍ୟର ଦୁଇଜଣ ପ୍ରଖ୍ୟାତ ବୈଦ୍ୟ। ସେମାନେ ରାଜାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ପରେ କୌଣସି ରୋଗର ସୂଚନା ପାଇପାରିଲେ ନାହିଁ। ଦୁଇଜଣଙ୍କ ମଧ୍ୟରୁ ବୟସ୍କ ବୈଦ୍ୟଟି କହିଲେ "ମହାରାଜ! ଆପଣ ସୁସ୍ଥ ଅଛନ୍ତି। ଆପଣଙ୍କୁ କୌଣସି ରୋଗ ଆକ୍ରମଣ କରିନାହିଁ।" ରାଜା ରାଗିଯାଇ ତାଙ୍କୁ ଫାଶୀ ଆଦେଶ ଦେଲେ। ଅନ୍ୟ ବୈଦ୍ୟ ଜଣକ କହିଲେ, ଯଦି ରାଜା ଜଣେ ସୁଖୀ ମଣିଷର ଶାର୍ଟ ଗୋଟିଏ ରାତି ପାଇଁ ପିନ୍ଧିବେ ସେ ଆରୋଗ୍ୟ ଲାଭ କରିବେ। ରାଜ କର୍ମଚାରୀମାନେ ଖୋଜିଲେ ଜଣେ ସୁଖୀ ମଣିଷ। ସେମାନେ ଦେଖିଲେ ଅନେକ ଧନୀଲୋକ ଅଛନ୍ତି। ମାତ୍ର ସେମାନେ ନିଜକୁ ଗରିବ ଭାବୁଛନ୍ତି ଓ ଆହୁରି ଧନ ଚାହୁଁଛନ୍ତି। ଅପରପକ୍ଷରେ କିଛି ଗରିବ ଲୋକ ଅଛନ୍ତି ଯେଉଁମାନେ ଧନୀ ହୋଇଥିବାର ଅଭିନୟ କରୁଛନ୍ତି। ଶେଷରେ ସେମାନେ ଦେଖିଲେ ଜଣେ ଭିକାରି ଗଛ ତଳେ ବସି ଆନନ୍ଦରେ ହୁଇସିଲ୍ ବଜାଇ ଗୀତ ଗାଉଛି ଓ ମନଖୋଲି ହସୁଛି। ରାଜକର୍ମଚାରୀ ତାକୁ ପଚାରିଲେ, 'ବାବୁ! ତୁମେ ତ ଭାରି ଖୁସି ଜଣାପଡୁଛ?' ସେ ଉତ୍ତର ଦେଲା, 'ହଁ ନିଶ୍ଚୟ ମୁଁ ଖୁସି। ଦୁଃଖ ଅନୁଭବ କରିବା ପାଇଁ ମୋର ସମୟ ନାହିଁ।' ରାଜ କର୍ମଚାରୀ ଭାବିଲେ ସେମାନେ ଖୋଜୁଥିବା ସୁଖୀ ମଣିଷକୁ ପାଇଗଲେ ଓ ତାକୁ କହିଲେ, "ବାବୁ ! ଆମେ ତୁମକୁ ଏକଶତ ଡୁକେଟ୍ (ସ୍ୱର୍ଣ୍ଣମୁଦ୍ରା) ଦେବୁ, ତୁମେ ଗୋଟିଏ ରାତି ପାଇଁ ତୁମ ଶାର୍ଟଟି ଦିଅ।" ଭିକାରି ଜଣକ ଏହାଶୁଣି ଖୁବ୍ ଜୋରରେ ହସିଲା ଓ କହିଲା, 'ପିନ୍ଧିବା ପାଇଁ ମୋର ଶାର୍ଟଟିଏ ବି ନାହିଁ।' ଏହାରି ଭିତରେ ଅନ୍ୟ ଗୁପ୍ତଚରମାନେ ମଧ୍ୟ ସୁଖୀ ମଣିଷ ଖୋଜିବାରେ ଅସଫଳ ହୋଇ ଫେରୁଥାନ୍ତି ଓ ରାଜାଙ୍କୁ ଜଣାଉଥାନ୍ତି କିପରି ରାଜ୍ୟରେ ଅସଂଖ୍ୟ ପ୍ରଜା ରୋଗ, ଦାରିଦ୍ର୍ୟ ଓ ବିବିଧ ସମସ୍ୟା ଜର୍ଜରିତ ହୋଇ ଦୁଃଖରେ କାଳାତିପାତ କରୁଛନ୍ତି। ମାତ୍ର ଜଣେ ଭିକାରି ନିଜର ଶାର୍ଟଟିଏ ନ ଥାଇ ମଧ୍ୟ ଖୁସିରେ ଅଛି। ରାଜା ବୁଝିଲେ ସୁଖ ବାହ୍ୟ ଜଗତରେ ନ ଥାଏ, ମନରେ ଥାଏ। ଜଣେ ଅପର୍ଯ୍ୟାପ୍ତ ଧନର ଅଧିକାରୀ ହୋଇ ବି ଦୁଃଖୀ ହୋଇପାରେ। ଅପରପକ୍ଷରେ ଜଣେ ଗରିବ ହୋଇ ବି ସୁଖୀ ଅନୁଭବ କରିପାରେ। ଅଳ୍ପ ଧନ ଉପାର୍ଜନ କଲେ ମଧ୍ୟ ଯଦି ଜଣେ ସେଥିରେ ସନ୍ତୁଷ୍ଟ ରହେ ସେ ହିଁ ସୁଖୀ। ଧନ ନୁହେଁ, ମନ ସହ ସୁଖର ସମ୍ପର୍କ ଅଛି। ସନ୍ତୋଷ ହେଉଛି ସୁଖର ମୂଳାଧାର। ସେହିଦିନଠାରୁ ରାଜା ଜନସେବାରେ ମନ ଦେଲେ ଓ ପ୍ରଜାମାନଙ୍କ ଶୁଭେଚ୍ଛା ଲାଭ କଲେ। ତାଙ୍କ ମନରୁ ସମସ୍ତ ଦୁଃଖ ଅନ୍ତର୍ହିତ ହେଲା।

ମହାଭାରତରେ ପାଣ୍ଡବମାନଙ୍କ ବନବାସ କାଳରେ ଯକ୍ଷ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରିଥିଲା। 'କିଂ ସୁଖାନାଂ ତଥୋତ୍ତମ', ଅର୍ଥାତ୍ ସୁଖମାନଙ୍କ ମଧ୍ୟରେ ଉତ୍ତମ ସୁଖ କ'ଣ ? ଯୁଧିଷ୍ଠିର ଉତ୍ତର ଦେଇଥିଲେ, 'ସୁଖାନାଂ ତୁଷ୍ଟିରୁତ୍ତମା', ଅର୍ଥାତ୍ ସୁଖ ମଧ୍ୟରେ ସନ୍ତୋଷ ଉତ୍କୃଷ୍ଟ ସୁଖ ଅଟେ। ଯକ୍ଷ ପୁଣି ପଚାରିଲା, 'କିଂ ନୁହିତ୍ୱା ସୁଖୀ ଭବେତ' ଅର୍ଥାତ୍ କାହାକୁ ଛାଡ଼ିଲେ ମଣିଷ ସୁଖୀ ହୁଏ ? ଯୁଧିଷ୍ଠିରଙ୍କ ଉତ୍ତର ଥିଲା 'ଲୋଭଂ ହିତ୍ୱା ସୁଖୀ ଭବେତ' ଅର୍ଥାତ୍ ଲୋଭ ବର୍ଜନ କଲେ ମଣିଷ ସୁଖୀ ହୁଏ। ଏହାର କାରଣ ମଣିଷ ଲୋଭାସକ୍ତ ହୋଇ ଇପ୍‌ସିତ ବସ୍ତୁ ପାଇବାରେ ଅସଫଳ ହେଲେ କଷ୍ଟ ଭୋଗେ ଓ ଶାନ୍ତି ହରାଏ। ଏଣୁ ଭଗବଦ୍ ଗୀତାରେ କୁହାଯାଇଛି 'ଅଶାନ୍ତସ୍ୟ କୁତଃ ସୁଖମ୍', ଏଣୁ ଆମେ ଅଳ୍ପ ଧନ ଅର୍ଜନ କଲେ ମଧ୍ୟ ଯଦି ସେଥିରେ ସନ୍ତୁଷ୍ଟ ତା'ହେଲେ ଆମେ ସୁଖୀ। ଏଣୁ ମନୁସଂହିତାରେ କୁହାଯାଇଛି 'ସନ୍ତୋଷ ମୂଳଂ ହି ସୁଖମ୍'।

ମୋ:୯୪୩୭୩୨୯୨୬୩

# ନୂଆ ବର୍ଷ ଭାବନା



ଡ. ନାରାୟଣ ବାରିକ୍

ପୁରାତନ ଗ୍ରୀସ୍‌ର ଆରିଷ୍ଟୋଟଲଙ୍କ ସମେତ ଅନ୍ୟ ଯେଉଁ ସାତ ଜଣ ପଣ୍ଡିତ ଦାର୍ଶନିକ ଥିଲେ, ସେମାନଙ୍କ ମଧ୍ୟରୁ ଥେଲ୍‌ସ ହେଉଛନ୍ତି ଅନ୍ୟତମ। ଥରେ ଥେଲ୍‌ସଙ୍କୁ ପଚରାଯାଇଥିଲା–ମନୁଷ୍ୟ ସମାଜ ପାଇଁ କେଉଁଟି ଜାଣିବା ସବୁଠାରୁ କଷ୍ଟସାଧ୍ୟ ଓ ଗୁରୁତ୍ୱପୂର୍ଣ୍ଣ। ସେ ଏହାର ଉତ୍ତରରେ କହିଥିଲେ– 'ମନୁଷ୍ୟ ତା' ନିଜକୁ ଜାଣିବା'। ତା' ଛଡ଼ା ଏକ ଆନୁଷଙ୍ଗିକ ବିପରୀତଧର୍ମୀ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଥେଲ୍‌ସ ମତପ୍ରଦାନ କରିଥିଲେ ଯେ 'ଉପଦେଶ ଦେବା ଏକ ସହଜ ଉପାୟ, ମାତ୍ର ଏହା ମନୁଷ୍ୟ ଜୀବନକୁ କମ୍ ପ୍ରଭାବିତ କରିଥାଏ'। କିନ୍ତୁ ବିଭିନ୍ନ ପ୍ରକାର ମନୁଷ୍ୟ ଜୀବନଶୈଳୀକୁ ବିଭିନ୍ନ ଦିଗରୁ ବିଚାର କରିଥାନ୍ତି। ଜୀବନର କର୍ମକୁଶଳତାରେ ନିଜକୁ ଚିହ୍ନିବା ବା କୌଣସି ଉପଦେଶର ଗୁରୁତ୍ୱକୁ ଅନୁଭବ କରିବା– ସମୟ ଓ ପରିବେଶ ଉପରେ ନିର୍ଭର କରିଥାଏ। ତେଣୁ ମସ୍ତିଷ୍କର ସନ୍ତୁଳନ ଏଥିପାଇଁ ଦାୟୀ। ମନୁଷ୍ୟ ବୟସ ଅନୁକ୍ରମରେ ଯେଉଁ ଅନୁଭୂତି ସଂଗ୍ରହ କରିଥାଏ, ତାହାର ଉପଯୁକ୍ତ ଉପଯୋଗ ତାକୁ ସିଦ୍ଧାନ୍ତ ନିରୂପଣ କରିବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ମନୁଷ୍ୟର ଏ ହେଉଛି ଅଙ୍ଗେନିଭା କଥା।

ଚାହୁଁ ଚାହୁଁ ଗୋଟିଏ ବର୍ଷ ପୂରଣ ହୋଇ ଆଉ ଗୋଟିଏ ନୂତନ ବର୍ଷର କମ୍ପିତ ସ୍ପର୍ଶ ମନୁଷ୍ୟକୁ ସ୍ପର୍ଶ କରିବାକୁ ଯାଉଛି। ଆମେ କେତେ ପଢ଼ିଛୁ, ନିଜକୁ କେତେ ଗଢ଼ିଛୁ ପ୍ରଶ୍ନକଲେ ଭିନ୍ନଭିନ୍ନ ଉତ୍ତର ଏହି ସମୟର ନିର୍ଯାସ ସ୍ୱରୂପ ମିଳିଥାଏ। ଲାଭ କ୍ଷତିର ହିସାବ ଉପରେ ବିବ୍ରତ ନ ହୋଇ ଆଉ ଏକ ନୂତନ ବର୍ଷରେ ଉତ୍ତମ ଯୋଜନାର ପରିକଳ୍ପନା ଏବେଠୁ କରିବା ସମସ୍ତଙ୍କ ପାଇଁ ଶ୍ରେୟସ୍କର।

ଯଦି କୌଣସି କଥାର ପରିସମାପ୍ତି ନ ଘଟିଛି, ତାହାର ପୂର୍ଣ୍ଣାଙ୍ଗ ପାଇଁ ଲାଗିପଡ଼ିବା, ଅଥବା କୌଣସି କାର୍ଯ୍ୟର ଆରମ୍ଭ ଯଦି ନ ହୋଇ ପାରିଛି, ପୁନରାୟ ଚେଷ୍ଟା କରି ତାକୁ ଫଳପ୍ରଦ କରିବା ପ୍ରତିଟି ବ୍ୟକ୍ତିର ସର୍ବାନ୍ତଃକରଣରେ ପ୍ରଥମ କର୍ତ୍ତବ୍ୟ। ଏହା କଷ୍ଟବୋଧକ ହୋଇପାରେ, ମାତ୍ର ଏହାର ଗୁରୁତ୍ୱ ଯଦି ଅପରିହାର୍ଯ୍ୟ ତାହାର ସମ୍ପାଦନା ଏକାନ୍ତ ଧ୍ୟେୟ। ନୂତନତା ଏକ ଭାବାବେଗ। ଏହାର ରୂପାୟନ କିନ୍ତୁ ଅବଶ୍ୟମ୍ଭାବୀ ହେବା ଉଚିତ।

ଆମକୁ ଯଦି କେହି ଭଲ ପାଉନାହିଁ ଆମେ ତାକୁ ଭଲପାଇବା ଦେବାର ଆବଶ୍ୟକତା ନାହିଁ। ଆମ ହାତରୁ ଗୋଲାପଟିଏ ନେବାକୁ ଯଦି କେହି ଆଗ୍ରହ ପ୍ରକାଶ ନ କରେ ଆମେ ଗୋଲାପର କାହିଁକି ଅବମାନନା କରିବା। ଯଦି ବାରମ୍ବାର ତାଗିଦ୍ କଲା ପରେ ଜଣେ ନ ବଦଳୁଛି ତାକୁ ବଦଳାଇବାର ଅଦମ୍ୟ ଚେଷ୍ଟା ଆମେ କାହିଁକି ତା' ପ୍ରତି ଅବ୍ୟାହତ ରଖିବା। ସୌନ୍ଦର୍ଯ୍ୟର ମହତ୍ତ୍ୱକୁ ଯଦି ଜଣେ ନ ବୁଝୁଛି, ଏତେ ବେଶଭୂଷାରେ ସଜେଇ ହୋଇ କ'ଣ ଦରକାର ତା' ସାମ୍ନାରେ ଉପସ୍ଥିତ ରହିବା। ସବୁ ପ୍ରକାର ପ୍ରଚେଷ୍ଟା ସତ୍ତ୍ୱେ ଆପଣଙ୍କ ସହୃଦୟତାର ଗଭୀରତାକୁ ଅନ୍ୟମାନେ ନ ବୁଝିଲେ ବନ୍ଦ କରନ୍ତୁ ସେମାନଙ୍କ ପ୍ରତି ଆପଣଙ୍କ ସହୃଦୟତା। ମୁଁ ବୁଝୁଛି, ଆପଣଙ୍କର ଇଚ୍ଛା, ଏସବୁ ଦ୍ୱାରା ଅନ୍ୟମାନଙ୍କ ମନରେ ଆପଣ ସନ୍ତୋଷ ଓ ଆନନ୍ଦ ଆଣିବାକୁ ଚାହାନ୍ତି। ମାତ୍ର ଆପଣ ଥରେ ଭାବି ଦେଖନ୍ତୁ, ଏ ପ୍ରକାର ପ୍ରବୃତ୍ତିର ତୁରନ୍ତ ନିୟନ୍ତ୍ରଣ ଦରକାର। ପ୍ରବୃତ୍ତିରୁ ଆପଣ ନିବୃତ୍ତ ରହିବା ଆବଶ୍ୟକ। ନଚେତ୍ ଆପଣଙ୍କର ସମୟ, ଶକ୍ତି, ସାମର୍ଥ୍ୟ ଓ ପବିତ୍ରତା ସମସ୍ତ କିଛି ଅଚିରେ ବିନିଷ୍ଟ ହୋଇଯିବ।

ଆପଣ ମନେରଖନ୍ତୁ। ଆପଣଙ୍କୁ ଅସୁବିଧାରେ ସମସ୍ତେ ସାହାଯ୍ୟ କରିବେ ନାହିଁ କିମ୍ବା ଅନ୍ୟମାନଙ୍କର



ଅସୁବିଧା ସମୟରେ ସମସ୍ତେ ଆପଣଙ୍କୁ ଖୋଜିବେ ନାହିଁ ବା ଆପଣଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେବେନାହିଁ। କେବଳ ଯେଉଁମାନେ ଆପଣଙ୍କର ଅତି ଭଲ ସାଙ୍ଗ, ଯେଉଁମାନଙ୍କ ସହ ଆପଣଙ୍କର ଘନିଷ୍ଠତା ଅଛି ଏବଂ ଯେଉଁମାନେ ଆପଣଙ୍କୁ ଭଲପାଆନ୍ତି, ସେହିମାନେ ହିଁ ଆପଣଙ୍କର ଅସୁବିଧା ସମୟରେ ସାହାଯ୍ୟର ହାତ ବଢ଼ାଇବେ। ଏଠାରେ କେତେକ ପ୍ରିୟ ବନ୍ଧୁଙ୍କର ସ୍ୱତନ୍ତ୍ରତାକୁ ଆପଣ ଅନୁଭବ କରିପାରିବେ ଓ ସେମାନେ ଆପଣଙ୍କ ପାଇଁ କେତେ ମୂଲ୍ୟବାନ ଜାଣିପାରିବେ। ଆପଣ କିନ୍ତୁ ଅନେକ ସମୟରେ ଜଣକ ସହ ବନ୍ଧୁତା ସ୍ଥାପନ କରିବାକୁ ଏତେ ଉଦ୍‌ବିଗ୍ନମନା ହୋଇପଡ଼ନ୍ତି ଯେ ସେ ଆପଣଙ୍କୁ ଭଲ ପାଆନ୍ତି ନାହିଁ। ଅଯଥାରେ ତାଙ୍କ ସହ ଉପରେ ପଡ଼ି କଥା ହୁଅନ୍ତି, ଯେଉଁଟାକୁ ସେ ପସନ୍ଦ କରନ୍ତି ନାହିଁ କିମ୍ବା ଆପଣଙ୍କୁ ଆଡ଼ ଆଖିରେ ଚାହାନ୍ତି ନାହିଁ। ଆପଣ ଅପେକ୍ଷା ରଖନ୍ତି, କେବେ ନା କେବେ ସେ ଆପଣଙ୍କୁ ବୁଝିବେ। ମାତ୍ର ଏହା ଆପଣଙ୍କର ଭ୍ରାନ୍ତ ଧାରଣା। ସେ ଆପଣଙ୍କ ସହ କେବେ ବି ସମ୍ପର୍କ ସ୍ଥାପନ କରିବେ ନାହିଁ। ଏ ପରିପ୍ରେକ୍ଷୀରେ ଆପଣଙ୍କର ଧୈର୍ଯ୍ୟ ଓ ଶକ୍ତିର ଅପଚୟ କାହିଁକି କରୁଛନ୍ତି। ଆପଣଙ୍କୁ କିନ୍ତୁ ଅନ୍ୟପକ୍ଷରେ ଅନେକ ସାଙ୍ଗ ଆପଣଙ୍କ ସହ ସମ୍ପର୍କ ରଖିବାକୁ ଚାହୁଁଛନ୍ତି, ଯାହାଙ୍କଠାରୁ ଆପଣ ଦୂରେଇ ଯାଉଛନ୍ତି। ଏହାଦ୍ୱାରା ଆପଣ ଜାଣିବା ଦରକାର, ଆପଣ ସାମାଜିକ ପରିବେଶରୁ କ୍ରମଶଃ ଅପସରି ଆସୁଛନ୍ତି। ପରବର୍ତ୍ତୀ ସମୟରେ ଏହା ଆପଣଙ୍କ ମନରେ କ୍ଲାନ୍ତି ଓ ଅବସାଦ ଭରିଦେବ। ଦେଖନ୍ତୁ ନୂତନ ବର୍ଷ ଆପଣଙ୍କ ପାଇଁ ନୂତନ ସୁଯୋଗ ଆଣିଦେଇଛି। ଆପଣ ସେହିମାନଙ୍କ ସହ ସମ୍ପର୍କକୁ ଦୃଢ଼ କରନ୍ତୁ; ଯେଉଁମାନେ ଆପଣଙ୍କୁ ମନଭରି ଭଲ ପାଉଛନ୍ତି, ଆପଣଙ୍କ ସହ ସମ୍ପର୍କ ରଖିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ଏବଂ ଆପଣଙ୍କର କଥାକୁ ଆଦର ଓ ଶ୍ରଦ୍ଧାର ସହ ସମ୍ମାନ କରୁଛନ୍ତି।

ଯାହା ସହ ସମ୍ପର୍କ ସ୍ଥାପନ କରୁଛନ୍ତି, ତାଙ୍କ ସମ୍ପର୍କରେ ଗଭୀର ଭାବେ ଚିନ୍ତା କରି, ତାଙ୍କ ବ୍ୟକ୍ତିତ୍ୱକୁ ତର୍ଜମା କରି, ତାଙ୍କ ସହ ସମ୍ପର୍କ ଯୋଡ଼ିବାକୁ ସହଯୋଗର ହାତ ବଢ଼ାନ୍ତୁ। ଯଦି ସାମୟିକ ମୋହର ବଶବର୍ତ୍ତୀ ହୋଇ ସଂଯୋଗ ସ୍ଥାପନ କରନ୍ତି, ପରେ ପସ୍ତେଇବେ। ଉଦାହରଣ ସ୍ୱରୂପ, ଗୋଟାଏ କାଚ ଗ୍ଲାସ୍‌ରେ ଅଳ୍ପ ପାଣି ନେଇ, ଆପଣ ଉପରକୁ ଟେକି, ଏହା ବହୁତ ହାଲୁକା ବୋଲି ମନେ କରୁଛନ୍ତି। ମାତ୍ର ସେହିପରି ଯଦି ଅଧଘଣ୍ଟାଏ ସେହି ଗ୍ଲାସ୍‌କୁ ସେମିତି ଧରି ରଖିବେ, ହାତରେ ଯନ୍ତ୍ରଣା ଅନୁଭବ କରିବେ। ତେଣୁ ଏଥିରୁ ଜଣାପଡୁଛି ଯେ, ଗ୍ଲାସ୍‌ର ସମ୍ପୂର୍ଣ୍ଣ ଓଜନ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ। କିନ୍ତୁ ଏହାକୁ ଆପଣ କେତେ ସମୟ ଅକ୍ଳେଶରେ ଧରି ରଖିପାରିବେ, ତାହା ସମୟ ଉପରେ ନିର୍ଭର କରେ। ଯଦି ଅଳ୍ପ ପାଣିଥିବା ସେହି ଗ୍ଲାସକୁ ଘଣ୍ଟା ଘଣ୍ଟା ଧରି ଆପଣ ଧରି ରଖନ୍ତି, ତାହା ବାହୁକୁ ଅସହ୍ୟ ଯନ୍ତ୍ରଣା ଦେବ ଏବଂ ଯଦି ଗୋଟିଏ ଦିନ ଧରି ରଖନ୍ତି, ତେବେ ଏହା ଆପଣଙ୍କୁ ଏପରି ଯନ୍ତ୍ରଣାସିକ୍ତ କରିବ ଯେ ଆପଣ ପକ୍ଷାଘାତ ପରି ଅନୁଭବ କରି ଗ୍ଲାସଟିକୁ ଛାଡ଼ିଦେବେ। ଏଠାରେ ପ୍ରତିଟି କ୍ଷେତ୍ରରେ ଗ୍ଲାସ୍‌ର ଓଜନର କିଛି ପରିବର୍ତ୍ତନ ହୋଇନାହିଁ, ବରଂ ଯେତେ ସମୟ ଅଧିକ ଧରି ରଖିଛନ୍ତି, ସେହି ଅନୁସାରେ ଆପଣଙ୍କୁ ତାହା ଅଧିକ ଭାରିଲାଗିଛି। ତେଣୁ ବିଗତ ବର୍ଷର ଯେଉଁ ଚାପ, ଯେଉଁ ଚିନ୍ତା ମନରେ ଅଛି ତାକୁ ଅଳ୍ପ ସମୟ ପାଇଁ ଭାବିଲେ କିଛି ହେବନାହିଁ। କିନ୍ତୁ ଟିକିଏ ଅଧିକ ସମୟ ହେଲେ ମନରେ ଯନ୍ତ୍ରଣା ଆସେ। ଯଦି ଦିନ ଦିନ ଧରି ଚିନ୍ତା କରିବେ ଆପଣ ଅସ୍ଥିର ଓ ବିଭ୍ରାନ୍ତ ହୋଇପଡ଼ିବେ। ତେଣୁ ନୂଆ ବର୍ଷରେ ସେ ସବୁ ଚିନ୍ତା ଛାଡ଼ି ନୂଆ ଆଶାରେ ମନକୁ ଆମୋଦିତ ଓ ଉତ୍‌ଫୁଲ୍ଲିତ କରନ୍ତୁ।

ମୋ: ୯୩୪୮୯୪୮୫୪୭

## ଏଇ ଭାରତରେ

ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଦେଖିବାକୁ ମିଳୁଛି ଯେଉଁଥିରେ ଏକ କୁକୁର ଟ୍ରେନ ଯାତ୍ରୀଙ୍କ ସୁରକ୍ଷାକୁ ବୁଝିବା ଯୋଗୁ ହିରୋ ପାଲଟି ଯାଇଛି। କୁକୁରଟି ଚଳନ୍ତା ଟ୍ରେନ ସହ ଦୌଡ଼ି ଗେଟ୍‌ର ଫୁଟବୋର୍ଡରେ ଠିଆ ହୋଇଥିବା କିମ୍ବା ବସିଥିବା ଯାତ୍ରୀଙ୍କୁ ଦେଖି ଜୋର୍‌ରେ ଭୁକୁଛି ଓ କାମୁଡ଼ିବାର ଅଭିନୟ କରି ଭିତରକୁ ଯିବାକୁ ବାଧ୍ୟ କରୁଛି। ଭିଡିଓକୁ ଭାରତୀୟ ରେଲ୍‌ୱେର ଅଧିକାରୀ ଅନନ୍ତ ରୁପାଙ୍ଗୁଡି ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଭିଡିଓର କ୍ୟାପଶନରେ ଅନନ୍ତ ଲେଖିଛନ୍ତି ଫୁଟବୋର୍ଡରେ ଯାତ୍ରା ବିରୋଧରେ ହେଉଥିବା ଅଭିଯାନରେ ଏହା କୁକୁରର ସର୍ବୋତ୍ତମ ସହଯୋଗ। ଏହି କୁକୁରର ଆଚରଣ ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରେ ଅନେକ ଆଗ୍ରହ ସୃଷ୍ଟି କରିଛି। ଏହା ସହିତ ୟୁଜରମାନେ ରେଲ୍‌ୱେରେ ଏହି କୁକୁରକୁ ସୁରକ୍ଷା ଚାକିରି ଦେବାର ଦାବି ମଧ୍ୟ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୧.୪୮ ଲକ୍ଷରୁ ଅଧିକ ଲୋକ ଏହି ଭିଡିଓ ଦେଖିଛନ୍ତି ଏବଂ ଏହି ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି। ଏହା ଉପରେ ଜଣେ ୟୁଜର ଲେଖିଛନ୍ତି ଏହି କୁକୁରକୁ ରେଳବାଇରେ ଏକ ଚାକିରିରେ ନିଯୁକ୍ତ କରାଯିବା ଉଚିତ। ସେହି ସମୟରେ, ଅନ୍ୟ ଜଣେ ୟୁଜର ଲେଖିଛନ୍ତି ଦୟାକରି ଦରମା ବିଷୟରେ ଆଲୋଚନା କରନ୍ତୁ। ଏହି କୁକୁର ରେଲୱେକୁ ନିରାଶ କରିବ ନାହିଁ। ଜଣେ ଉପଭୋକ୍ତା ଲେଖିଛନ୍ତି କୁକୁରକୁ ପୁରସ୍କାର ପ୍ରଦାନ କରାଯିବା ଉଚିତ।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜାନୁୟାରୀ ୧୯୭୫

- ବିହାରରେ ଛାତ୍ରମାନଙ୍କୁ ଏକ ବର୍ଷ ସ୍କୁଲ କଲେଜର ପଢ଼ା ବର୍ଜନ କରିବାକୁ ଜୟପ୍ରକାଶ ନାରାୟଣ ଯେଉଁ ଡାକରା ଦେଇଥିଲେ ତାହାକୁ ସେ ପ୍ରତ୍ୟାହାର କରିନେବା ଲାଗି ଅନେକ ଛାତ୍ର ନିବେଦନ ଜଣାଇଛନ୍ତି।
- ହିମାଚଳ ପ୍ରଦେଶରେ ୩୬୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ୧୩ କିଲୋମିଟର ଦୀର୍ଘ ପାଣ୍ଡୋବାଗି ସୁଡ଼ଙ୍ଗର ନିର୍ମାଣ କାର୍ଯ୍ୟ ଶେଷ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 7 | |
| | 6 | | 2 | | 9 | | | |
| | 1 | | | | 4 | | | 8 |
| | | 2 | | | | | | |
| 8 | | | | | | 6 | | 7 |
| 3 | | | 7 | | | 5 | 1 | |
| | | | 9 | | | 1 | 3 | |
| | | | | 6 | | | | |
| | | | | 2 | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 2 | 8 | 5 | 1 | 9 | 3 |
| 9 | 1 | 5 | 7 | 3 | 4 | 6 | 2 | 8 |
| 8 | 3 | 2 | 9 | 6 | 1 | 4 | 7 | 5 |
| 7 | 5 | 8 | 6 | 1 | 9 | 2 | 3 | 4 |
| 2 | 9 | 3 | 4 | 7 | 8 | 5 | 1 | 6 |
| 1 | 4 | 6 | 5 | 2 | 3 | 7 | 8 | 9 |
| 5 | 8 | 1 | 3 | 4 | 7 | 9 | 6 | 2 |
| 4 | 6 | 7 | 8 | 9 | 2 | 3 | 5 | 1 |
| 3 | 2 | 9 | 1 | 5 | 6 | 8 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୋର୍‌ୱେଲ ଅଜଣା ବିପଦ

ମହାଶୟ,

ବୋର୍‌ୱେଲ ଖନନ ପାଇଁ କରାଯାଉଥିବା ଗର୍ତ୍ତରେ ପଡ଼ି ଅନେକେ ପ୍ରାଣ ହରାଇ ସାରିଲେଣି। ଛୋଟ ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ସୋନପୁରର ଦୁଃଖୀ ନେଗୀ ଏହି ଗର୍ତ୍ତରେ ପଡ଼ି ଛଟପଟ ହୋଇଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ, ଦୁଃଖୀ ନେଗୀ ଆଖି ବୁଜି ଦେଇଥିଲେ। ଅନେକ ସମୟରେ ଗର୍ତ୍ତରେ ପଡ଼ିବା କଷ୍ଟ ସହିତ ପାଖରେ ଯଦି ବିଷାକ୍ତ କୀଟସାଙ୍ଗକୁ ସର୍ପ ଦଂଶନର ଭୟ କଷ୍ଟକୁ ଦ୍ୱିଗୁଣିତ କରିଦିଏ। ରାଜ୍ୟରେ ପ୍ରାୟ ୪୫ ହଜାରରୁ ଊର୍ଦ୍ଧ୍ୱ ବୋର୍‌ୱେଲ ପାଇଁ ଖନନ କରାଯାଇଥିବା ଗର୍ତ୍ତ ରହିଛି। ଯଦି ଗୋଟିଏ ଜାଗାରୁ ପାଣି ବାହାରୁ ନାହିଁ, ତାକୁ ତୁରନ୍ତ ବନ୍ଦ କରିଦେଲେ ଏପରି ସମସ୍ୟା ଉପୁଜନ୍ତାନି। ମାତ୍ର ବୁଝା ପଡୁନାହିଁ, ଏହାକୁ ବନ୍ଦ କରିବା ପାଇଁ ପ୍ରଶାସନ କ'ଣ ପାଇଁ ପଦକ୍ଷେପ ନେଉନାହାନ୍ତି।

–ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ଆସ ଭାରତର ପ୍ରାଚୀନପନ୍ଥୀ ଧର୍ମଧ୍ୱଜୀ
ଧର୍ମ ତୁମର ଦିଲ୍ଲୀ ଧୂଳିରେ ଗଲାଣି ହଜି।
ଯେଉଁ ଧୂଳି ପରେ ଲୋଟାଇଲ ଦେହ ଅସ୍ଥିସାର
ଭାରତ ବକ୍ଷେ ଝରାଇଲ ଚିର ରକ୍ତଧାର।
–(ରକ୍ତ–ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିହାରରେ ରାତାରାତି ପୋଖରୀ ଚୋରି**

ବିହାରରେ ବ୍ରିଜ୍ ଏବଂ ରାସ୍ତା ଚୋରି ହେବା ଖବର ପୂର୍ବରୁ ପ୍ରକାଶ ପାଇଥିଲା। ଏବେ ଦରଭଙ୍ଗା ଜିଲାରେ ଏଭଳି ଏକ ଅଜବ ଚୋରି ହୋଇଛି। ରାତାରାତି ଏକ ପୋଖରୀ ଚୋରି ହୋଇଯାଇଛି। ପୂର୍ବରୁ ଯେଉଁଠି ସରକାରୀ ପୁଷ୍କରିଣୀ ଥିଲା ସେଠାରେ ଏକ ଚାଳଘର ନିର୍ମାଣ କରାଯାଇଛି। ଜମି ମାଫିଆମାନେ ଉକ୍ତ ପୁଷ୍କରିଣୀକୁ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସେମାନେ ବାଲି ପକାଇ ପୋଖରୀକୁ ପୋତିଦେବା ପରେ ସେଠାରେ ଚାଳଘର ନିର୍ମାଣ କରିଛନ୍ତି।

## ସଂକ୍ଷେପରେ

### ରେଭ୍ ପାର୍ଟି ଉପରେ ଚଢ଼ାଉ: ୮୦ ଅଟକ

**ଠାଣେ,୩୧।୧୨:** ମୁମ୍ବାଇ ନିକଟରେ ଶନିବାର ରାତିରେ ଚାଲିଥିବା ଏକ ରେଭ୍‌ପାର୍ଟି ଉପରେ ପୋଲିସ ଚଢ଼ାଉ କରି ବେଆଇନ ନିଶା ସେବନ କରିଥିବା ଅଭିଯୋଗରେ ୮୦ ଜଣଙ୍କୁ ଅଟକ ରଖିଛି। ସେମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି। ରେଭ୍ ପାର୍ଟିର ୨ ଜଣ ଆୟୋଜକ ତେଜସ କୁବଲ ଏବଂ ସୁଜଲ ମହାଜନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ପାର୍ଟିରୁ ଏଲ୍‌ଏସ୍‌ଡି, ଚରସ୍, ଏକ୍‌ଷ୍ଟାସି, ଗଞ୍ଜେଇ ସମେତ ଡ୍ରଗ୍ସ ଜବତ କରାଯାଇଛି। ଠାଣେର ବଡ଼ଭାଲି କ୍ରିକ୍ ନିକଟରେ ଚାଲିଥିବା ରେଭ୍ ପାର୍ଟିକୁ ଶତାଧିକ ଲୋକଙ୍କୁ ଇନ୍‌ଷ୍ଟାଗ୍ରାମରେ ନିମନ୍ତ୍ରଣ କରାଯାଇଥିଲା। ପାର୍ଟିରେ ମହାରାଷ୍ଟ୍ର ବାହାରର କେତେଜଣ ସାମିଲ ଥିବା ସନ୍ଦେହ କରାଯାଉଛି।

### ରାମମନ୍ଦିର ନାଁରେ ଭକ୍ତଙ୍କୁ ଲୁଟ୍ ଉଦ୍ୟମ

**ସତର୍କ କରାଇଲା ଭିଏଚ୍‌ପି**

**ନୂଆଦିଲ୍ଲୀ,୩୧।୧୨:** ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପାଖେଇ ଆସୁଥିବାବେଳେ ମନ୍ଦିର ନାଁରେ ଭକ୍ତଙ୍କୁ ଲୁଟିବା ପାଇଁ ଏକ ର୍‍ୟାକେଟ୍ କାମ କରୁଥିବା ଜଣାପଡ଼ିଛି। ସାଇବର ଅପରାଧୀମାନେ ସୋସିଆଲ ମିଡିଆରେ ବାର୍ତ୍ତା ଦେଇ ମନ୍ଦିରକୁ ଦାନ କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହିସବୁ ବାର୍ତ୍ତାରେ କ୍ୟୁଆର୍ କୋଡ୍ ରହିଛି। ଉକ୍ତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଟଙ୍କା ପୈଠ କରିବାକୁ କୁହାଯାଉଛି। ଉକ୍ତ କ୍ୟୁଆର୍ କୋଡ୍ ସମ୍ପୂର୍ଣ୍ଣ ଜାଲିଆତି ଓ ଏଥିରେ ଟଙ୍କା ପୈଠ କଲେ, ତାହା ଠକମାନଙ୍କ ପାଖକୁ ଚାଲିଯିବ ବୋଲି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଭକ୍ତମାନଙ୍କୁ ସତର୍କ କରାଇଛି। ଏହି ଠକେଇ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଦିଲ୍ଲୀ ଓ ଉତ୍ତରପ୍ରଦେଶ ପୋଲିସ ମୁଖ୍ୟଙ୍କୁ ଜଣାଇ ଦିଆଯାଇଥିବା ଭିଏଚ୍‌ପି ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ମନ୍ଦିର ନିର୍ମାଣର ତଦାରଖ କରୁଥିବାବେଳେ ଚାନ୍ଦା ଆଦାୟ ପାଇଁ କାହାକୁ ଅନୁମତି ଦେଇ ନ ଥିବା ବଂଶଲ ଜଣାଇଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସ କାହାଠାରୁ ଚାନ୍ଦା ସଂଗ୍ରହ କରୁନାହିଁ। ତେଣୁ କେହି ଠକାମିର ଶିକାର ନ ହେବାକୁ ଭିଏଚ୍‌ପି ମୁଖପାତ୍ର ପରାମର୍ଶ ଦେଇଛନ୍ତି। ରାମମନ୍ଦିରକୁ ଚାନ୍ଦା ଦେବା ପାଇଁ ସୋସିଆଲ ମିଡିଆ ଏବଂ ଫୋନ୍ କଲ୍ ଆସୁଥିବା ସମ୍ପର୍କରେ ଜଣେ ବ୍ୟକ୍ତି ଭିଏଚ୍‌ପି କର୍ମୀମାନଙ୍କୁ ଜଣାଇବା ପରେ ଠକେଇ ଘଟଣା ପଦାକୁ ଆସିଛି।

# ଲୋହିତ ସାଗରରେ ହୋଉଥିର ଆକ୍ରମଣ ଜାରି




**କୋପେନ୍‌ହେଗେନ୍/ଦୁବାଇ,୩୧।୧୨**

- ଜାହାଜ ଚଳାଚଳ ବନ୍ଦ କଲା ମାଏର୍ସ୍କ
- ବିଶ୍ୱ ବାଣିଜ୍ୟ ପ୍ରଭାବିତ

ଇରାନ ସମର୍ଥିତ ହୋଉଥି ଆତଙ୍କବାଦୀମାନେ ଲୋହିତ ସାଗର ସମେତ ବିଭିନ୍ନ ସାମୁଦ୍ରିକ ପଥରେ ଯାଉଥିବା ପଣ୍ୟବାହୀ ଜାହାଜକୁ ଟାର୍ଗେଟ କରି ଆକ୍ରମଣ କରୁଥିବାରୁ ଏବେ ଅନ୍ତର୍ଜାତୀୟ ବାଣିଜ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ହୋଉଥି ଆତଙ୍କବାଦୀମାନେ ଡେନ୍‌ମାର୍କର ମାଏର୍ସ୍କ ହାଙ୍ଗ୍‌ଝୋଉ ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି। ଆତଙ୍କବାଦୀମାନେ ବୋଟ୍ ଯୋଗେ ଆସି ୪୮ ଘଣ୍ଟା ମଧ୍ୟରେ ଲୋହିତ ସାଗରରେ ଜାହାଜ ଚଳାଚଳ ବନ୍ଦ କରିବାକୁ ଧମକ ଦେଇଥିଲେ। ଫଳରେ ମାଏର୍ସ୍କ କମ୍ପାନୀ ଏହାର ଜାହାଜ ଚଳାଚଳ ବନ୍ଦ ରଖିବାକୁ ବାଧ୍ୟ ହୋଇଛି। ଲୋହିତ ସାଗରରେ ୨୪ ଘଣ୍ଟା ମଧ୍ୟରେ ଡେନ୍‌ମାର୍କର ଜାହାଜ ଦ୍ୱିତୀୟ ଥର ଆକ୍ରମଣର ସମ୍ମୁଖୀନ ହେବାରୁ ଆମେରିକା ନୌସେନାର ସହାୟତା ମାଗିଥିଲା। ଡେନ୍‌ମାର୍କର ଜାହାଜକୁ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିବାବେଳେ ଆମେରିକା ସେନା ତାହାକୁ ଖସାଇଥିଲା। ହୋଉଥି ନିୟନ୍ତ୍ରିତ ୟେମେନ୍‌ରୁ ଉକ୍ତ ମିଶାଇଲ୍ ଛଡ଼ାଯାଇଥିବାବେଳେ ଗୋଟିଏ ମାଏର୍ସ୍କ ହାଙ୍ଗ୍‌ଝୋଉ ଜାହାଜକୁ ମାଡ଼ କରିଥିଲା। ତେବେ ଏଥିରେ ଥିବା କର୍ମଚାରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

ଆକ୍ରମଣ ଯୋଗୁ ବିଶ୍ୱ ବାଣିଜ୍ୟ ଗୁରୁତର ପ୍ରଭାବିତ ହୋଇଛି। ବୃହତ୍ ଶିପିଂ କମ୍ପାନୀଗୁଡ଼ିକ ସୁଏଜ୍ କେନାଲ ଦେଇ ଜାହାଜ ଚଳାଚଳ କରାଇବା ପରିବର୍ତ୍ତେ ଆଫ୍ରିକାର କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ମାଲ୍ ପରିବହନ କରୁଛନ୍ତି। ଫଳରେ ଦୀର୍ଘ ସମୟ ଲାଗିବା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସୁଏଜ୍ କେନାଲରେ ପ୍ରବେଶ ପାଇଁ ଲୋହିତ ସାଗର ହେଉଛି ପ୍ରବେଶ ପଥ। ଏହି ବାଟ ଦେଇ ବିଶ୍ୱ ବାଣିଜ୍ୟର ୧୨ ପ୍ରତିଶତ ହୋଇଥାଏ। ଏସିଆ ଏବଂ ୟୁରୋପ ମଧ୍ୟରେ ବାଣିଜ୍ୟ କାରବାରର ଏହା ମୁଖ୍ୟ ପଥ। ଲୋହିତ ସାଗରରେ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଗତ ୧୯ ତାରିଖରେ ଆମେରିକା ଅପରେଶନ ପ୍ରସ୍ପରିଟି ଗାର୍ଡିଆନ୍ ଆରମ୍ଭ କରିଥିଲା। ଏଥିରେ ୨୦ଟି ଦେଶ ଭାଗନେବାକୁ ରାଜି ହୋଇଥିଲେ।

### ହୋଉଥିର ୩ ବୋଟ୍ ବୁଡ଼ାଇଲା ଆମେରିକା

**ୱାଶିଂଟନ,୩୧।୧୨**

ଗାଜାର ପାଲେଷ୍ଟିନୀୟମାନଙ୍କୁ ସମର୍ଥନ ଜଣାଇ ଇରାନ ସମର୍ଥିତ ହୋଉଥି ଆତଙ୍କବାଦୀମାନେ ଗୁରୁତ୍ୱପୂର୍ଣ୍ଣ ଲୋହିତ ସାଗର ଶିପିଂ ଲେନ୍‌ରେ ଜାହାଜଗୁଡ଼ିକୁ ଆକ୍ରମଣ କରୁଛନ୍ତି। ଆମେରିକାର ଏକ ମାଲ୍‌ବାହୀ ଜାହାଜ ଉପରେ ଆକ୍ରମଣ ପରେ ଏହାର ନୌସେନା ହେଲିକପ୍ଟର ହୋଉଥି ବିଦ୍ରୋହୀଙ୍କ ୩ଟି ବୋଟ୍‌କୁ ବୁଡ଼ାଇଦେଇଛି। ଆତଙ୍କବାଦୀମାନେ ପ୍ରଥମେ ଆମେରିକା ହେଲିକପ୍ଟରକୁ ଗୁଳି କରିବା ପରେ ଆତ୍ମରକ୍ଷା ପାଇଁ ଏହା ବୋଟ୍‌ଗୁଡ଼ିକୁ ପାଲଟା ଆକ୍ରମଣ କରିଥିଲା। ଆମେରିକା ନୌସେନାର ଗୁଳିମାଡ଼ ଯୋଗୁ ଜାହାଜଠାରୁ ୨୦ ମିଟର ଦୂରରେ ଥିବା ୩ଟି ବୋଟ୍ ବୁଡ଼ିଯିବା ସହ କର୍ମଚାରୀମାନଙ୍କ ମୃତ୍ୟୁ ଘଟିଛି। ଚତୁର୍ଥ ବୋଟ୍‌ଟି ଘଟଣାସ୍ଥଳରୁ ଖସି ପଳାଇଥିଲା।

### ଆରବ ସାଗରରେ ସର୍ଭିଲାନ୍ସ ବଢ଼ିଲା

**ନୂଆଦିଲ୍ଲୀ,୩୧।୧୨(ପି.ଟି.)**

ମାଲ୍‌ବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ପରେ ଆରବ ସାଗର ଏବଂ ଆଡେନ୍ ଉପସାଗରରେ ଭାରତୀୟ ନୌସେନା ଏହାର ସର୍ଭିଲାନ୍ସକୁ ବଢ଼ାଇଦେଇଛି। ନୌସେନାର ଯୁଦ୍ଧଜାହାଜକୁ ଏଥିରେ ନିୟୋଜିତ କରାଯାଇଛି। ଗତ ୨୩ ତାରିଖରେ ଗୁଜରାଟଠାରୁ ପ୍ରାୟ ୨୦୦ ନଟିକାଲ ମାଇଲ୍ ଦୂର ଆରବ ସାଗରରେ ଏମ୍‌ଭି ଚେମ୍ ପ୍ଲୁଟୋ ନାମକ ମାଲ୍‌ବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଏଥିରେ ୨୧ ଭାରତୀୟ ଥିଲେ। ଇରାନ୍ ସମର୍ଥିତ ହୋଉଥି ଆତଙ୍କବାଦୀ ଇତିମଧ୍ୟରେ ଅନେକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିଥିବାରୁ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଥିଲା। ଏହି ଘଟଣାର ଦିନକ ପରେ ଲୋହିତ ସାଗରରେ ଭାରତ ଆସୁଥିବା ତୈଳବାହୀ ଜାହାଜ ଏମ୍‌ଭି ସାଇବାବା ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଗତ କିଛି ସପ୍ତାହ ହେଲା ଲୋହିତ ସାଗର, ଆଡେନ୍ ଉପସାଗର ଏବଂ ଆରବ ସାଗରରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ନୌସେନା ଆରବ ସାଗର ଓ ଆଡେନ୍ ଉପସାଗରରେ ସର୍ଭିଲାନ୍ସ ବ୍ୟବସ୍ଥା ବଢ଼ାଇଛି।

# ମଣିପୁରରେ ସାନି ହିଂସା: କର୍ଫ୍ୟୁ ଜାରି

**ଗୁଆହାଟୀ,୩୧।୧୨**

ମଣିପୁରର କୁକି ବହୁଳ ତେଙ୍ଗନୌପାଲ ଜିଲାର ମ୍ୟାନ୍‌ମାର ସୀମାନ୍ତବର୍ତ୍ତୀ ସହର ମୋରେହରେ ସାନି ହିଂସା ଦେଖାଦେଇଛି। ସଶସ୍ତ୍ର ଦୁର୍ବୃତ୍ତ ଏବଂ ପୋଲିସ୍ କମାଣ୍ଡୋ ମଧ୍ୟରେ ଗୁଳି ବିନିମୟ ଫଳରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପ୍ରଶାସନ ସେଠାରେ ପୁନର୍ବାର କର୍ଫ୍ୟୁ ଲାଗୁ କରିଥିବାବେଳେ ହାଇ ଆଲର୍ଟ ଜାରି ହୋଇଛି। ଶନିବାର ଅପରାହ୍ନରେ ଦୁର୍ବୃତ୍ତମାନେ ପୋଲିସ ଟିମ୍ ଉପରକୁ ଅତର୍କିତ ଆକ୍ରମଣ କରିବାରୁ ରାଇଫଲମ୍ୟାନ୍ ଜି. ପୋଙ୍ଗମଲୁଙ୍ଗ ଆହତ ହୋଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଗୁଳି ବିନିମୟ ଜାରି ରହିଥିଲା। ଆହତ କମାଣ୍ଡୋଙ୍କୁ ପ୍ରଥମେ ଆସାମ ରାଇଫଲ୍ସ କ୍ୟାମ୍ପ ଓ ପରେ ଇମ୍ଫାଲ ହସ୍ପିଟାଲକୁ ନିଆଯାଇଥିଲା। ଶନିବାର ରାତିରେ ଦୁର୍ବୃତ୍ତମାନେ ପୁନର୍ବାର ଆକ୍ରମଣ କରିଥିଲେ। ପୋଲିସ ବାରାକକୁ ଟାର୍ଗେଟ କରି ସେମାନେ ରକେଟ-ପ୍ରୋପେଲ୍ଡ ଗ୍ରେନେଡ୍ ମାଡ଼ କରିଥିଲେ। ରବିବାର ଅପରାହ୍ନରେ ମଧ୍ୟ ପୁନର୍ବାର ଗୁଳିମାଡ଼ ହୋଇଛି। ଗତ ମେ' ମାସରୁ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସାକାଣ୍ଡ ଲାଗିରହିଥିବାବେଳେ ତେଙ୍ଗନୌପାଲ ଜିଲା ପ୍ରଭାବିତ ହୋଇଥିଲା।

### ୩୩ ମହଲାରୁ ଖସିପଡ଼ି ଇଞ୍ଜିନିୟରଙ୍କ ମୃତ୍ୟୁ

**ବେଙ୍ଗାଲୁରୁ,୩୧।୧୨**

ବେଙ୍ଗାଲୁରୁର କେଆର୍ ପୁରା ନିକଟ ଭଟ୍ଟରହାଲ୍ଲିଠାରେ ଏକ ବିଲ୍ଡିଂର ୩୩ ମହଲାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ଖସିପଡ଼ି ପ୍ରାଣ ହରାଇଛନ୍ତି। ବନ୍ଧୁଙ୍କ ଫ୍ଲାଟ୍‌ରେ ଗୁରୁବାର ବିଳମ୍ବିତ ରାତିରେ ଉତ୍ସବ ମନାଉଥିବାବେଳେ ଦିବ୍ୟାଂଶୁ ଶର୍ମା ସିଗାରେଟ୍ ପାଉଁଶ ତଳକୁ ପକାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସେ ଆପାର୍ଟମେଣ୍ଟ କମ୍ପ୍ଲେକ୍ସର ୱାକିଂ ଟ୍ରାକ୍ ନିକଟରେ ଖସିପଡ଼ିଥିଲେ। ଦିବ୍ୟାଂଶୁଙ୍କ ଘର ଉତ୍ତରପ୍ରଦେଶ ହୋଇଥିବାବେଳେ ସେ କେଆର୍ ପୁରାର କୋଡିଗେହଲ୍ଲିରେ ରହୁଥିଲେ।




ପଞ୍ଜାବର ଅମୃତସରରେ ଯୁବତୀମାନେ ମୁହଁ ଓ ପାପୁଲିକୁ ରଙ୍ଗ କରି ନୂଆ ବର୍ଷକୁ ସ୍ୱାଗତ କରୁଛନ୍ତି।

### ବିକଶିତ ଭାରତ ଚିନ୍ତାଧାରା ବଜାୟ ରଖିବାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୩୧।୧୨**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତ ବର୍ଷର ଶେଷ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଭାରତର ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରର ପ୍ରତିଶ୍ରୁତିବଦ୍ଧତା ବଢୁଥିବା କହିଛନ୍ତି। ବିକଶିତ ଭାରତ ଚିନ୍ତାଧାରା ବଢୁଥିବାବେଳେ ୨୦୨୪ରେ ମଧ୍ୟ ଏହି ଧାରାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି 'ଫିଟ୍ ଇଣ୍ଡିଆ' ଉପକ୍ରମରେ ପ୍ରଧାନମନ୍ତ୍ରୀ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦେଇଥିଲେ। ଫିଟ୍‌ନେସ୍ ପ୍ରତି ଇଶା ଫାଉଣ୍ଡେଶନର ପ୍ରତିଷ୍ଠାତା ସଦ୍‌ଗୁରୁ, ଭାରତୀୟ ମହିଳା କ୍ରିକେଟ ଟିମ୍ ଅଧିନାୟକ ହରମନ୍‌ପ୍ରିତ କୌର, ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଏବଂ ଅଭିନେତା ଅକ୍ଷୟ କୁମାରଙ୍କ ଅନ୍ତର୍ଦୃଷ୍ଟିର ଅବଦାନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

ବିଦାୟୀ ବର୍ଷରେ ଲୁନାର ମିଶନ ଚନ୍ଦ୍ରୟାନ-୩ର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ଦେଶର ବୈଜ୍ଞାନିକ ବିଶେଷ କରି ମହିଳା ବୈଜ୍ଞାନିକମାନଙ୍କ ପାଇଁ ଗର୍ବ ଅନୁଭବ କରୁଥିବା କହିଥିଲେ।

## ନୀତି ରାଜନୀତି

# ରୋହିତ ସମ୍ବଲପୁରମୁହାଁ, ପ୍ରସନ୍ନଙ୍କ ଆଖି ରେଢ଼ାଖୋଲ

**ସମ୍ବଲପୁର, ୩୧।୧୨**
**(ଭବାନୀ ଶଙ୍କର ଭୋଇ)**



ରୋହିତ ପୂଜାରୀ



ପ୍ରସନ୍ନ ଆଚାର୍ଯ୍ୟ

ବିଜେଡିର ରୋହିତ ପୂଜାରୀ ରେଢ଼ାଖୋଲ ବିଧାନସଭା ଆସନରୁ ଗତ ଦୁଇଟି ନିର୍ବାଚନରେ ବିଜୟୀ ହେବା ସହ ସରକାରୀ ଦଳର ଉପମୁଖ୍ୟ ସଚେତକ ଏବଂ ପରେ ଶିକ୍ଷାମନ୍ତ୍ରୀ ଭାବେ କିଛିଦିନ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିରୋଧରେ ସମ୍ଭବତଃ ଅଭିଯୋଗ ଆସିବା ପରେ ତାଙ୍କଠି ଅପାରଗ ଟ୍ୟାଗ୍ ଲଗାଇ ଦିଆଯାଇ ମନ୍ତ୍ରିମଣ୍ଡଳରୁ ବିଦା କରିଦିଆଯାଇଥିଲା। ଏହାପରେ ରୋହିତଙ୍କ ରାଜନୈତିକ କ୍ୟାରିୟର ଶେଷ ହୋଇଗଲା ବୋଲି ଅନେକେ ଚର୍ଚ୍ଚା ଆରମ୍ଭ କରିଥିଲେ। କିନ୍ତୁ ସମସ୍ତଙ୍କୁ ଚକିତ କରିଦେଇ ସେ ବିଜେଡିର ସମ୍ବଲପୁର ଜିଲା ସଭାପତି ଦାୟିତ୍ୱ ନେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ସେ ରେଢ଼ାଖୋଲ ଆସନରୁ ପୁଣିଥରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନା ସମ୍ବଲପୁରମୁହାଁ ହେବେ ସେ ନେଇ ଚର୍ଚ୍ଚା ଜୋର ଧରିଛି।

୨୦୦୯ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିବା ପରେ ୨୦୧୪ ନିର୍ବାଚନରେ ରେଢ଼ାଖୋଲ ଆସନରେ ରୋହିତଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ କରାଯାଇଥିଲା। ସେତେବେଳେ ସେ କଂଗ୍ରେସ ଦଳର ପ୍ରାର୍ଥୀ ଆସଫ୍ ଅଲି ଖାନ୍‌ଙ୍କୁ ୧୨ ହଜାର ଭୋଟରେ ପରାସ୍ତ କରିଥିଲେ। ଜିତିବା ସତ୍ତ୍ୱେ ରେଢ଼ାଖୋଲରେ ତାଙ୍କର ଲୋକପ୍ରିୟତା କମିଯାଇଥିବା ଲକ୍ଷ୍ୟ କରାଯାଇଥିଲା। ୨୦୧୯ ନିର୍ବାଚନ ସମୟରେ ରେଢ଼ାଖୋଲ ଆସନରେ ତାଙ୍କୁ ଦଳ ଭିତରେ ମଧ୍ୟ ବିରୋଧ ହୋଇଥିଲା। ଅନ୍ୟତମ ଆଶାୟୀ ପ୍ରମୋଦ ରଥଙ୍କୁ ବୁଝାଶୁଝା କରି ତାଙ୍କୁ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯିବା ସହ ରୋହିତଙ୍କୁ ଜିତାଇ ଆଣିବାକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରମୋଦଙ୍କର ନାକଟିଦେଉଳ ଅଞ୍ଚଳରେ ଲୋକପ୍ରିୟତା ଏବଂ ରୋହିତଙ୍କ ବିରୋଧୀ ସୁଦର୍ଶନ ସାହୁଙ୍କୁ ବୁଝାଶୁଝା କରି ବିଜେଡିକୁ ବିଜୟୀ କରାଇବାରେ ପ୍ରମୋଦ ପ୍ରମୁଖ ଭୂମିକା ନେଇଥିଲେ। ଫଳରେ ୨୦୧୯ ସାଧାରଣ ନିର୍ବାଚନରେ ରୋହିତଙ୍କର ଭୋଟ ହାର ୨ପ୍ରତିଶତ କମିଥିଲେ ମଧ୍ୟ ସେ ଦ୍ୱିତୀୟ ଥର ବିଧାୟକ ହୋଇଥିଲେ। ତେବେ ଜିତିବା ପରେ ସମସ୍ତଙ୍କୁ ଏକଜୁଟ କରିବାରେ ରୋହିତ ପୁଣି ବିଫଳ ହେବା ସହ ସୁଦର୍ଶନ ସାହୁ ଏବଂ ପ୍ରମୋଦଙ୍କୁ ଅଣଦେଖା କରିଥିଲେ। ତେଣୁ ପଞ୍ଚାୟତ ନିର୍ବାଚନରେ ପ୍ରମୋଦ ଓ ସୁଦର୍ଶନ ମିଶି ରୋହିତଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଦେଇ ନାକଟିଦେଉଳ ବ୍ଲକରେ ସମିତି ଗଠନ କରିବାରେ ସଫଳ ହୋଇଥିଲେ। ରୋହିତଙ୍କୁ ପଞ୍ଚାୟତ ନିର୍ବାଚନ ପରେ ବିଜେଡିର ଶକ୍ତିଶାଳୀ ଗୋଷ୍ଠୀ ଘୋର ବିରୋଧ ଆରମ୍ଭ କରିଦେଇଥିଲା।

ଅପରପକ୍ଷରେ ରୋହିତଙ୍କ ପ୍ରତି ବଢୁଥିବା ବିରୋଧକୁ ଦେଖି ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲର ପୂର୍ବତନ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପୁଣିଥରେ ରେଢ଼ାଖୋଲମୁହାଁ ହେଲେଣି। ବିଭିନ୍ନ ସ୍ଥାନରେ ବିଧାୟକଙ୍କୁ ଅତିଥି ଭାବରେ ନ ଡାକି ତାଙ୍କ ବିରୋଧୀମାନଙ୍କୁ ନିମନ୍ତ୍ରଣ କରାଯାଉଥିବା ଦେଖିବାକୁ ମିଳୁଛି। ତେଣୁ ରୋହିତ ଆଗାମୀ ନିର୍ବାଚନରେ ରେଢ଼ାଖୋଲରୁ ପ୍ରାର୍ଥୀ ନ ହୋଇ ସମ୍ବଲପୁର ବିଧାନସଭାରୁ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ଏନେଇ ତାଙ୍କୁ ସବୁଜ ସଙ୍କେତ ମିଳିସାରିଛି ବୋଲି ତାଙ୍କ ସମର୍ଥକମାନେ କହିବୁଲୁଛନ୍ତି। ଏଥିସହିତ ରୋହିତ ମଧ୍ୟ ସମ୍ବଲପୁର ବିଧାନସଭା ଅଞ୍ଚଳର ବିଭିନ୍ନ ଗୋଷ୍ଠୀର ନେତାଙ୍କୁ ଭେଟି ସମର୍ଥନ ଯୋଗାଡ଼ରେ ଲାଗି ପଡ଼ିଥିବା ଦେଖିବାକୁ ମିଳୁଛି। ଏପରି କି ଦଳୀୟ କାର୍ଯ୍ୟକ୍ରମରେ କର୍ମୀମାନଙ୍କୁ ନିଜେ ଫୋନ୍ କରି ଡାକୁଥିବା ତାଙ୍କର ଘନିଷ୍ଠମାନେ କହୁଛନ୍ତି।

ସମ୍ବଲପୁରରେ ଡ. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ ବିରୋଧୀ ଦଳ ନେତା ତଥା ଭାଜପାର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଦୀର୍ଘ ମାସ ହେବ ସମ୍ବଲପୁରକୁ ଆସୁ ନ ଥିବାରୁ ରୋହିତ ସମ୍ବଲପୁରରେ ପ୍ରାର୍ଥୀ ହେବା ସୁରକ୍ଷିତ ମଣୁଛନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ତେବେ ସମ୍ବଲପୁରରେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ବିଜେଡିର ସମସ୍ତ ନେତା ତାଙ୍କୁ କେତେଦୂର ସମର୍ଥନ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି ରାସେଶ୍ୱରୀ ୨୦୧୯ ନିର୍ବାଚନ ହାରିବା ସତ୍ତ୍ୱେ ନିଜର ସଙ୍ଗଠନକୁ ସୁଦୃଢ଼ କରି ରଖିଥିବା ଏବଂ ନିୟମିତ ବ୍ୟବଧାନରେ ବୈଠକ କରୁଥିବା ବେଳେ ନିଜେ ଟିକେଟ ଆଶାୟୀ ରହିଥିବା ତାଙ୍କ ସମର୍ଥକ କହୁଛନ୍ତି। ତେଣୁ ସେ ରୋହିତଙ୍କୁ ସମର୍ଥନ କରିବା ଏତେଟା ସହଜ ନୁହେଁ। ସେପଟେ କିଛି ମାସ ହେବ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଜେଡି ଜିଲା ସଭାପତି ପ୍ରମୋଦ ରଥ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ଜନସମ୍ପର୍କ କାର୍ଯ୍ୟକ୍ରମ ଜାରି ରଖିବା ସେଠାକାର ଦଳୀୟ ସମୀକରଣକୁ ଘନ ଘନ ବଦଳାଇ ଦେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରେଢ଼ାଖୋଲ ଟିକେଟ ମିଳିବା ନେଇ ତାଙ୍କର ସମର୍ଥକ ବେଶ୍ ଆଶାବାଦୀ ରହିଛନ୍ତି। ହେଲେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ପ୍ରମୋଦ ରଥ ଏବଂ ସୁଦର୍ଶନ ସାହୁଙ୍କ ଆଗାମୀ ରଣନୀତି ବିଜେଡିର ରାଜନୈତିକ ଫଳାଫଳକୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

# ଭୋଜିଭାତ ଦେଖି ବିଜେଡିର ଟିକେଟ ବଣ୍ଟା ଗୁଜବ

**ବାରିପଦା,୩୧।୧୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ଗୁଲିଖଟି**

ସାଧାରଣ ନିର୍ବାଚନରେ କେଉଁମାନେ ପ୍ରାର୍ଥୀ ହେବେ ସେ ନେଇ ମୟୂରଭଞ୍ଜ ଜିଲାରେ ଚର୍ଚ୍ଚା ଜୋର୍ ଧରିଛି। ଟିକେଟ ନିଶ୍ଚିତ ହୋଇଯାଇଥିବା ଦର୍ଶାଇ ବିଜେଡିର କେତେକ ଆଶାୟୀ ଭୋଜିଭାତରେ କର୍ମୀଙ୍କୁ ଆପ୍ୟାୟିତ କରୁଥିବା ଦେଖିବାକୁ ମିଳିଛି। ଏସବୁ ଦେଖି ଅନ୍ୟ ଆଶାୟୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। କେତେକେ କହିଲେଣି ବିଜେଡିରୁ ଟିକେଟ ନ ପାଇଲେ ଦଳବଦଳ କରିବେ। ଟିକେଟ ବଣ୍ଟାଯାଇଥିବା ବିଷୟକୁ ଦଳର କେତେ ଜଣ ବରିଷ୍ଠ ନେତା ଗୁଜବ ବୋଲି କହୁଛନ୍ତି।

ରାଜ୍ୟରେ ନିର୍ବାଚନୀ ବିଗୁଲ ବାଜିବା ପୂର୍ବରୁ ଟିକେଟ ବଣ୍ଟା କଥା ଶୁଣିବାକୁ ଅଖାଡୁଆ ଲାଗୁଛି। ସୂଚନା ମୁତାବକ, ବାଲେଶ୍ୱର ସହରସ୍ଥିତ ନୋସି ବିଜ୍‌ନେସ ପାର୍କରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶନିବାର ଏକ ବୈଠକ କରିଥିଲେ। ପ୍ରଣବଙ୍କ ସହିତ ସହ-ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ଓ ସୁବ୍ରତ ଛାଟୋଇ ଉପସ୍ଥିତ ରହିଥିଲେ। ଏଥିରେ ମୟୂରଭଞ୍ଜ ଜିଲାରେ ବିଜେଡିର କେତେ ଜଣ ଆଶାୟୀଙ୍କୁ ଡକାଇ ପ୍ରଣବ କୁଆଡ଼େ ଟିକେଟ ପ୍ରଦାନ କରିଥିବା କୁହାଯାଉଛି। ଏଥିସହିତ ସମ୍ପୃକ୍ତ ଆଶାୟୀଙ୍କୁ ନିଜ କ୍ଷେତ୍ର ବୁଲିବାକୁ ସେ ପରାମର୍ଶ ଦେଇଥିବା ଚର୍ଚ୍ଚା ହେଉଛି। ବଡ଼ସାହି ବିଧାନସଭା କ୍ଷେତ୍ରକୁ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଉଦଳା କ୍ଷେତ୍ରକୁ ଶ୍ରୀନାଥ ସୋରେନ, ମୋରଡ଼ା କ୍ଷେତ୍ରକୁ ବିଧାୟକ ରାଜ କିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନଗୋ, ରାଇରଙ୍ଗପୁର କ୍ଷେତ୍ରକୁ ରାଇସେନ ମୁର୍ମୁ, ବାଙ୍ଗିରିପୋଷି କ୍ଷେତ୍ରକୁ ମନ୍ତ୍ରୀ ସୁଦାମ ମାର୍ଣ୍ଡି, କରଞ୍ଜିଆ କ୍ଷେତ୍ରକୁ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ବାରିପଦା କ୍ଷେତ୍ରକୁ ସାନନ୍ଦ ମାରାଣ୍ଡିଙ୍କ ନାମ ଚୂଡ଼ାନ୍ତ ହୋଇଯାଇଥିବା ନେଇ କର୍ମୀ ମହଲରେ ଚର୍ଚ୍ଚା ହେଉଛି। ଏଭଳି ସଙ୍କେତ ପାଇବା ପରେ ନେତା ଓ କର୍ମୀମାନେ ଖୁସି ମନାଇବାରେ ଲାଗିପଡ଼ିଛନ୍ତି। ସେହିପରି ବାକି ରହିଥିବା ଯଶୀପୁର ଓ ସାରସକଣା କ୍ଷେତ୍ରରେ କାହାକୁ ଘୋଷଣା କରାଯାଇଛି ବୋଲି କର୍ମୀମାନେ ପରସ୍ପରକୁ ପଚରାଉଚରା କରୁଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ଦଳର ଭିତିରି କଥା ପଦାକୁ ଆସିବା ଏବଂ ତରବରିଆ ପ୍ରାର୍ଥୀ ଚୟନ କରିବା ଘଟଣା ସମସ୍ତଙ୍କୁ ସନ୍ଦେହ ଭିତରକୁ ଟାଣି ନେଇଛି। ଏହା ସତ କି ନୁହେଁ ଦଳର ବରିଷ୍ଠ ନେତାମାନେ ଏ ନେଇ ରିପୋର୍ଟ ସଂଗ୍ରହ କରୁଛନ୍ତି ବୋଲି କର୍ମୀଙ୍କ ମହଲରୁ ମଧ୍ୟ ଶୁଣିବାକୁ ମିଳିଛି।

# ୫ ଦିନରେ ଶଙ୍ଖ ଛାଡ଼ି ପୁଣି ହାତ ଧରିଲେ ଦେବ

**ବାଲିଆପାଳ, ୩୧।୧୨(ଗୋପାଳ ଚନ୍ଦ୍ର ସାହୁ)**



ଖବରଦାତା ସମ୍ମିଳନୀରେ ସମର୍ଥକଙ୍କ ସହ ସରପଞ୍ଚ ଦେବକୁମାର।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ୪ ଦିନ ତଳେ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ନେତା ତଥା ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ଏବଂ ବାଲିଆପାଳ ବ୍ଲକ ସରପଞ୍ଚ ସଂଘ ସଭାପତି ଦେବ କୁମାର ଦେ ପୁଣି ଘର ବାହୁଡ଼ିଛନ୍ତି। ଏ ନେଇ ରବିବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବ ସ୍ୱଷ୍ଟୋକ୍ତି ପ୍ରକାଶ କରିଛନ୍ତି।

ଦେବ ଗତ ଡିସେମ୍ବର ୨୭ ତାରିଖରେ କଂଗ୍ରେସ ଛାଡ଼ି ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ ନିଜର କେତେଜଣ ସହଯୋଗୀଙ୍କୁ ନେଇ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁବାସିନୀ ଜେନାଙ୍କ ତତ୍ତ୍ୱାବଧାନରେ ବିଜେଡିରେ ସାମିଲ ହୋଇଥିଲେ। ମାତ୍ର ୫ ଦିନ ନ ପୂରୁଣୁ ରବିବାର ପୂର୍ବାହ୍ନରେ ସହଯୋଗୀଙ୍କୁ ନେଇ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଦେବ ପହଞ୍ଚିଥିଲେ। ସେଠାରେ ସେ ତାଙ୍କ ବକ୍ତବ୍ୟରେ ପ୍ରଶାସନିକ ଅଧିକାରୀଙ୍କ ଦବଙ୍ଗଗିରିରେ ଅତିଷ୍ଠ ହୋଇ ବିଜେଡିରେ ସାମିଲ ହୋଇଥିବା କହିଥିଲେ। ମାତ୍ର କଂଗ୍ରେସ କର୍ମୀମାନଙ୍କର ଭଲପାଇବା ତାଙ୍କୁ ପୁଣି ଫେରାଇ ଆଣିଛି। ସେ ଜୀବନର ଶେଷ ପର୍ଯ୍ୟନ୍ତ କଂଗ୍ରେସରେ ରହିବେ ବୋଲି ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଦେବ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ଓ ପୁଣି ରବିବାର ବିଜେଡିକୁ ଛାଡ଼ି କଂଗ୍ରେସରେ ମିଶିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

**ମାଙ୍କଡର ମୃତଦେହ ସତ୍କାର କଲେ ସ୍ଥାନୀୟ ଯୁବକ**

ପାଣିକୋଇଲି,(ବିକାଶ ମଲ୍ଲିକ): ଦୁର୍ଘଟଣାରେ ଆହତ ହୋଇ ମୃତ୍ୟୁବରଣ କରିଥିବା ଏକ ମାଙ୍କଡ଼ର ମୃତଦେହ ସତ୍କାର କରାଯାଇଛି। ୨୮ ତାରିଖରେ ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ଧକ୍କାରେ ମାଙ୍କଡ଼ ଆହତ ହୋଇଥିଲା। ରବିବାର ମୃତ୍ୟୁ ହେବାପରେ ସ୍ଥାନୀୟ ଥାନପତି ଯୁବକ ସଂଘ ପକ୍ଷରୁ ପ୍ରମୋଦ ମଲ୍ଲିକ, ବିକାଶ ମଲ୍ଲିକ, ମଣ୍ଟୁ ମଲିକ, ଲିପୁ ନାୟକ, ନିର୍ମଳ ମଲିକ ପ୍ରମୁଖ ମାଙ୍କଡ଼ ମୃତଦେହକୁ ଶୋଭାଯାତ୍ରାରେ ନେଇ ପୋତିବା ସହିତ ସମାଧି ଉପରେ ଜାମୁ କୋଳି ଚାରାରୋପଣ କରିଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ମେଘନାଦ ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ।

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

## ୧୬ତମ କୁଆଖିଆ ମହୋତ୍ସବର ୧୦ମ ସନ୍ଧ୍ୟା

ରସୁଲପୁର,୩୧।୧୨(ରଞ୍ଜିତ ରାଉତ)

ଲକ୍ଷ୍ମୀନାରାୟଣ ଉତ୍ସବର ୧୫ତମ ଦିବସ ଓ କୁଆଖିଆ ମହୋତ୍ସବର ୧୦ମ ସନ୍ଧ୍ୟାରେ ରବିବାର ପଶ୍ଚିମ ଓଡ଼ିଶାର ପାରମ୍ପାରିକ ଓ ବହୁ ପ୍ରଶଂସିତ ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଛି। ବର୍ଷ ଶେଷ ଦିବସରେ ମହୋତ୍ସବ ପଡ଼ିଆ ଲୋକାରଣ୍ୟ ହୋଇଉଠିଥିଲା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାର ପ୍ରତିଷ୍ଠିତ ଓ ରାଜ୍ୟ, ରାଜ୍ୟ ବାହାରେ ପୁରସ୍କୃତ ହୋଇଥିବା 'ସୁସଙ୍ଗମ' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟକୁ ଭିନ୍ନ ରୂପରେ ପରିବେଷଣ କରାଯାଇଥିଲା। ଅନୁଷ୍ଠନାର ପ୍ରତିଷ୍ଠାତା ନିହାର ମହମ୍ମଦ ଓ ସାଥୀଙ୍କ ମତରେ ରାଜ୍ୟର ଓଡ଼ିଶୀ ପରେ ସମ୍ବଲପୁରୀ ନୃତ୍ୟ ଅଧିକ ଆଦୃତ ହୋଇପାରୁଛି। ଭାରତ ଓ ଭାରତ ବାହାରରେ ନୃତ୍ୟର ଶୈଳୀ, ବେଶଭୂଷା ଦର୍ଶକଙ୍କୁ ଆକଅଷ୍ଟ କରୁଛି। ଆୟୋଜକମାନଙ୍କ କାର୍ଯ୍ୟକ୍ରମ ପରିଚାଳନା ଓ କମିଟିର ସୁବନ୍ଦୋବସ୍ତ ତାଙ୍କୁ ବିଶେଷ ପ୍ରଭାବିତ କରିଛି। ଏହିମଞ୍ଚରେ ଭିନ୍ନସ୍ୱାଦର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରାଯାଇଛି ବୋଲି ମହମ୍ମଦ ପ୍ରକାଶ କରିଛନ୍ତି। ନୃତ୍ୟର ମଜା ନେବା ପାଇଁ ମଞ୍ଚ ନିକଟରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ପରିସ୍ଥିତିକୁ କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ତଦାରଖ କରିଥିଲେ। ମଞ୍ଚ ନିକଟରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳକୁ ମୁତୟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି ସଭାପତି ରାଜେଶ ସାହୁ, ସମ୍ପାଦକ ଅରୁଣ ରାଉତ, ମହାସଚିବ ଅରୁଣ ସାହୁ, ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସୋମବାର ନୂଆବର୍ଷରେ ପ୍ରବଳ ଭିଡ଼ ହେବ ବୋଲି ଆକଳନ କରି ମହୋତ୍ସବ କମିଟି, ପୋଲିସ, ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଆଇନଶୃଙ୍ଖଳା ସ୍ଥିତିକୁ ବଜାଇ ରଖିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଳାଶୁଣୀ ଗୁମ୍ଫା ପାହାଡ଼ରେ ପର୍ଯ୍ୟଟକଙ୍କ ଭିଡ଼

ଚଣ୍ଡିଖୋଲ,୩୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ଗୁମ୍ଫା ପାହାଡ଼ରେ ରବିବାର ବର୍ଷର ଶେଷଦିନରେ ହଜାରହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବଣଭୋଜି କରିବାକୁ ପର୍ଯ୍ୟଟକ ପହଞ୍ଚିଥିବାରୁ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ଏପରି କି ପୂର୍ବାହ୍ନ ୧୧ଟା ପରେ ପୋଲିସ ପାହାଡ଼ ଉପରକୁ କୌଣସି ୪ ଚକିଆ ଗାଡି ଛାଡି ନ ଥିଲା। ଫଳରେ ଓଳାଶୁଣୀ ଗୁମ୍ଫା ପାହାଡ଼ ପାଦଦେଶରୁ ପାହାଡ଼ ଶୀର୍ଷଦେଶ ପର୍ଯ୍ୟନ୍ତ ପ୍ରବଳ ଜନଗହଳି ଲାଗି ରହିଥିଲା। ଏହା ସତେଯେପରି ଓଳାଶୁଣୀ ଗୁମ୍ଫା ମେଳାର ଭ୍ରମ ସୃଷ୍ଟି କରିଥିଲା। ୧୦ହଜାରରୁ ଅଧିକ ପର୍ଯ୍ୟଟକ ଆସିଥିବା ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦ ପକ୍ଷରୁ କୁହାଯାଇଛି।ଏହା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠ। ତେଣୁ ଏଠାରେ ଆମିଷ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ଶୀତ ଋତୁରେ ବଣ ଭୋଜି କରିବାକୁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଜାନୁୟାରୀ ୧ ସୋମବାର ପଡୁଥିବାରୁ ଏହାର ପୂର୍ବଦିନ ବଣ ଭୋଜି ପାଇଁ ଏତେ ସଂଖ୍ୟକ ପର୍ଯ୍ୟଟକ ଆସିଥିଲେ। ଏ ସମ୍ପର୍କରେ ମଠାଧୀଶ ମହନ୍ତ ନାମାନନ୍ଦ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଓଳାଶୁଣୀରେ ପର୍ଯ୍ୟଟକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ସେଥିପାଇଁ ପର୍ଯ୍ୟଟକ ଆକୃଷ୍ଟ ହେଉଛନ୍ତି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ଯାଜପୁର ଟାଉନ,୩୧।୧୨(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଟାଉନ ଥାନା ଅନ୍ତର୍ଗତ ୧ନଂ. ୱାର୍ଡରେ ଜଣେ ଯୁବତୀଙ୍କ ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ଶରତ ସେଠୀଙ୍କ ଝିଅ ଶୁଭଶ୍ରୀ(୧୯)। ତାଙ୍କୁ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ ବୋଲି ପୋଲିସକୁ କହିଛନ୍ତି। ନବବର୍ଷ ପୂର୍ବରୁ ସେ ଆତ୍ମହତ୍ୟା କଲେ ନା ଏହା ପଛରେ ଅନ୍ୟ କ'ଣ କାରଣ ରହିଛି ସେ ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଏହାର ତଦନ୍ତ କରିଛି। ପରେ ମୃତଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି।


**ODISHA PUBLIC SERVICE COMMISSION**
**ADVERTISEMENT NO. 24 OF 2023-24**

**Recruitment to the posts of Veterinary Assistant Surgeon/Additional Veterinary Assistant Surgeon in Group-A (Junior Branch-II) of Odisha Veterinary Service under Fisheries & Animal Resources Development Department**

No.D-

**WEBSITE: www.opsc.gov.in**

Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in) for recruitment to **539 (Five Hundred Thirty-Nine)** posts of **Veterinary Assistant Surgeon/ Additional Veterinary Assistant Surgeon** in Group-A (Junior Branch-II) of Odisha Veterinary Service under Fisheries & Animal Resources Development Department in the scale fo pay of 56,100/- in Level 12, Cell-1 of ORSP, 2017 with usual Dearness and other Allowances as may be sanctioned by the Government of Odisha from time to time.

2. VACANCY POSITION:
As per requisition filed by the Fisheries & Animal Resources Development Department, Government of Odisha, out of a total of 539 (177-w) vacancies, 56 (18-w) vacancies are reserved for UR category, 94 (31-w) vacancy is reserved for SEBC category, 161 (53-w) vacancy is reserved for SC category & 228 (75-w) vacancies are reserved for ST category. Also 05 vacancies are reserved for Sports Persons and 22 are reserved for Persons with Disabilities whose permanent disability is 40% and more.

3. AGE:
A candidate must have attained the age of **21 (Twenty-One)** years and must not be above the age of **38 (Thirty-Eight)** years as on the **1st day of January, 2023** i.e. he/she must have been born not earlier than 2nd January 1985 and not later than 1st January 2002.

4. EDUCATIONAL QUALIFICATION :
A candidate must
a) Possess a **Bachelor's degree in Veteriany Science & Animal Husbandry (B.B.Sc. & A.H.)** or its equivalent degree from any recognized University/ College / Institution in India or abroad.
b) Possess required conversion certificates recognized by Veterinary Council of India (VCI) in case of candidate having Degrees from Universities of Foreign Countries.
c) Possess **valid Registration Certificate** under the Odisha Veterinary Practitioners Act, 1970 (Section 21).

5. EXAMINATION FEE:
The examination fee for all categories of candidates has been exempted as per **GA&PG Department Notification No. 9897/ Gen, dt.11.04.2022**.

6. METHOD OF SELECTION:
The selection of candidates for recruitment to the posts of Assistant Director will be made on the basis of **Written Test**.

**The link for registration / re-registration and Submission of online application shall be available from 25.01.2024 to 26.02.2024 (Note: 26.02.2024 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post**.

**CUTTACK**
**DATE: 30.12.2023**

**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**

OIPR-12002/11/0130/2324


# ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂର୍ତ୍ତି କବିତା ପାଠୋତ୍ସବ

ଧର୍ମଶାଳା,୩୧।୧୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ ଗୋକର୍ଣ୍ଣେଶ୍ୱର ଶୈବପୀଠରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବର୍ଷପୂର୍ତ୍ତି କବିତା ପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଡ. ପ୍ରଭଞ୍ଜନ ପତି ଯୋଗଦେଇ ଧର୍ମଶାଳା ଅଞ୍ଚଳ ସାହିତ୍ୟ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ପରେ ଗ୍ରନ୍ଥକାର ନବଘନ ଜେନାଙ୍କ ଭୂମି, ଭୂମା, ଭବିଷ୍ୟତ ପୁସ୍ତକକୁ ଅତିଥି ଲୋକାର୍ପଣ କରିଥିଲେ। ସାରଳା ପୁରସ୍କାରପ୍ରାପ୍ତ ପ୍ରାବନ୍ଧିକ ଭୀମ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଖିରାମ ମେହେରଙ୍କୁ ଅନ୍ନପୂର୍ଣ୍ଣା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦତ୍ତ ମାନପତ୍ରଗୁଡ଼ିକୁ ଆଦିକାନ୍ଦ ସ୍ୱାଇଁ ଓ ଜୟଶ୍ରୀ ସ୍ୱାଇଁ ପାଠ କରିଥିଲେ। ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ ଶିବସ୍ତୁତି ପାଠ କରିଥିବାବେଳେ ପ୍ରଫୁଲ୍ଲ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଡ. ପ୍ରଶାନ୍ତ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବିତା ପାଠ ଉତ୍ସବରେ କବି ସବିତା ମିଶ୍ର ଓ ଗଣେଶ୍ୱର ବେହେରା ସଂଯୋଜନା କରିଥିଲେ। ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକନେତା ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ପୌର ଉପାଧ୍ୟକ୍ଷଙ୍କ ପାଚେରିରେ ପିଟିହେଲା ବାଲିଗାଡ଼ି

ଯାଜପୁର ଟାଉନ,୩୧।୧୨(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ସହରରେ ସାରାରାତି ଦୌଡୁଛି ଚୋରା ବାଲିଗାଡ଼ି। ବିଭିନ୍ନ ଗଳି ଓ ମୁଖ୍ୟ ରାସ୍ତା ଦେଇ ବୈତରଣୀ ନଦୀରୁ ବାଲି ଚାଲାଣ ହୋଇ ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି। ଶନିବାର ରାତିରେ ବାଲି ପରିବହନ ହେଉଥିବା ବେଳେ ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ଘର ପାଚେରିରେ ଏକ ବାଲି ବୋଝେଇ ଟ୍ରାକ୍ଟର ପିଟି ହୋଇଛି। ଫଳରେ ପାଚେରି ଭାଙ୍ଗିଯାଇଛି। ଏଥିସହିତ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ମଧ୍ୟ ଗାଡ଼ି ଭାଙ୍ଗି ଦେଇଛି। ସୌଭାଗ୍ୟ ବଶତଃ ଅପରପାର୍ଶ୍ୱରେ ଥିବା ମାଟି ଘର ଆଡ଼କୁ ମାଡିଯାଇନି। ନଚେତ ବଡ ଦୁର୍ଘଟଣାରେ ଲୋକଙ୍କ ଜୀବନ ମଧ୍ୟ ଚାଲି ଯାଇଥାନ୍ତା। ଦୁର୍ଘଟଣାପରେ ବାଲି ଗାଡି ଛାଡି ଚାଳକ ଫେରାର ହୋଇ ଯାଇଛନ୍ତି। ସପ୍ତାହ ତଳେ ପୌରାଞ୍ଚଳର ବାହାବଳପୁରଠାରୁ ବେଆଇନ ବାଲି ପରିବହନ ହେଉଥିବାବେଳେ ଦୁର୍ଘଟଣାରେ ଜଣଙ୍କ ଜୀବନ ଯାଇଥିଲା। ଦାଣ୍ଡସୁନ୍ଦରପୁରରେ ବାଲିଗାଡ଼ି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।


idco Your power to grow | ODISHA NEW OPPORTUNITIES

No. CAD-3501

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022**

**Tender Call Notice No. H.O./P&C/EST-E-1676/01/2021/41266** **Date: 28.12.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No | Name of the Work | Value of work (Approx.) | Period of Completion |
|---|---|---|---|
| 1. | Providing, laying, testing & commissioning of D.I. S/S (K-9) pipe in water supply distribution system at Zone A & B of Industrial Estate at Bijakhaman, Bolangir | ₹ 64.91 lakhs | 03 (Three) Calendar Months |

**1. Other details :-**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid ID No. P&C/ EST/E-165/2023-24 | 17.00 hours of dt.03.01.2024 | 17.00 hours of dt.16.01.2024 |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.

**OIPR-14003/11/0333/2324** **Sd./- Chief General Manager (P&C), IDCO, Bhubaneswar**



No.A-1112:-

**8-59/2018FC**
I/58512/2023

**Government of India**
**Ministry of Environment, Forests and Climate Change**
**(FC Division)**
*****

Indira Paryavaran Bhawan,
Jor Bag Road, Aliganj
New Delhi - 110003.
**Dated: November, 2023**

To,
Addl. Chief Secretary (Forests),
Government of Odisha,
Bhubaneswar.

**Sub: Proposal for seeking prior approval of the Central Government under Section 2 (ii) of the Forest (Conservation) Act, 1980 in favour of Water Resources Department, Govt. of Odisha for non-forestry use of 341.23 ha. of forest land for construction of Upper Lanth Medium Irrigation Project in the Bolangir Forest division under Bolangir District, Odisha (Online Proposal No. FP/OR/IRRIG/25941/2017)**

Madam/Sir,

I am directed to refer to the Government of Odisha's letter No. 10 F(Cons)- 46/2018/19054/F&E dated 31.08.2018 on the above mentioned subject seeking prior approval of the Central Government under Section-2 (ii) of the Forest (Conservation) Act, 1980. After careful examination of the proposal by the Forest Advisory Committee, constituted under section 3 of the said Act, 'in-principle' approval to the proposal under the Forest (Conservation) Act, 1980 was granted vide this Ministry's letter of even number dated 21.12.2018 subject to fulfilment of certain conditions prescribed therein. The State Government has furnished compliance report in respect of the conditions stipulated in the 'in-principle' approval and has requested the Central Government to grant final approval.

2. In this connection, I am directed to say that on the basis of the compliance report furnished by the Government of Odisha vide their letter No. 4312/9F (Irrg)-369/2018 dated 19.02.2020 and letter No. 21496/9F (IRRIG)-369/2018 dated 03.11.2023 **'final'/Stage–II approval'** of the Central Government is hereby granted under Section-2 (ii) of the Forest (Conservation) Act, 1980 in favour of the Water Resources Department, Govt. of Odisha for non-forestry use of 341.23 ha of forest land for construction of Upper Lanth Medium Irrigation Project in the Bolamgir Forest Division under Bolangir District, Odisha, subject to the following conditions:-

i. Legal status of the diverted forest land shall remain unchanged;

**ii. Compensatory Afforestation:**

a. The State Government shall ensure that the Compensatory Afforestation (CA) will be carried out over equivalent non-forest i.e. 341.23 ha and transfer & mutated in favour of the State Forest Department and notified as Protected Forests under Section 33 of Orissa Forest Act, 1972 (Odisha Act, 14 of 1972) vide Notification FE - DIV - 0065 -2022- (10F Cons) - 146/201/ - 22659, FE -DIV - 0065 -2022- (10F Cons) - 146/201/ - 22619, FE - DIV - 0065 -2022-(10F Cons) - 146/201/ - 22643, FE - DIV - 0065 -2022- (10F Cons) - 146/201/- 22627, FE - DIV - 0065 -2022- (10F Cons) - 146/201/ - 22587, FE - DIV -0065 -2022- (10F Cons) - 146/201/ - 22579, FE - DIV - 0065 -2022- (10F Cons) - 146/201/ - 22635, FE - DIV - 0065 -2022- (10F Cons) - 146/201/ - 22611, FE - DIV - 0065 -2022- (10F Cons) - 146/201/ - 22603, FE - DIV - 0065 -2022- (10F Cons) - 146/201/ - 22595, FE - DIV - 0065 -2022- (10F Cons) - 146/201/ - 22651, FE - DIV - 0065 -2022- (10F Cons) - 146/201/ - 22667, FE - DIV - 0065 -2022- (10F Cons) - 146/201/ - 22675 dated 30.10.2023 from the funds already deposited by the User Agency;

b. The State Government shall ensure that the CA shall be done within a period of three years with effect from the date of issue of Stage-II clearance and maintained thereafter in accordance with the approved plan in consultation with the State Forest Department at the cost of the user agency. At least 1000 saplings per hectares shall be planted. If this is not possible to plant these many seedlings in the identified NFL, the balance seedlings will be planted in degraded forest land as per the prescriptions of the Working Plan at the cost of the User agency. In such case CA cost will be revised and duly approved by competent authority and deposited;

c. The compensatory afforestation scheme, as approved, shall be implemented by the State Forest Department. The CA will be maintained for 10 years, and the CA scheme may include afforestation of indigenous species with appropriate provision for anticipated cost increase for works scheduled for subsequent years;

d. The soil moisture conservation should be given prime focus with possible creation of small water bodies and planting shall also be limited and confined to local thorny, fruit bearing species only;

**iii. NPV:**

a. The State Government has realized the Net Present Value (NPV) of the forest land being diverted under this proposal from the User Agency as per the orders of the Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No. 202/1995 and the guidelines issued by this Ministry vide its letter No. 5-3/2007-FC dated 05.02.2009 and guidelines dated 6.01.2022 read with guidelines dated 22.03.2022 through online portal of CAMPA account of the State Concerned. NPV, if any becomes due in future shall be realized in accordance with the relevant guidelines issued by the Ministry;

b. The User Agency shall pay the additional amount of NPV, if so determined, as per the final decision of the Hon'ble Supreme Court of India;

iv. Compensatory levies, if any, realized in future under the extant project, shall be transferred/ deposited, through e-challan, into the account of CAMPA pertaining to the State concerned through e-portal (https://parivesh.nic.in/);

v. The State Govt. shall ensure the complete compliance on FRA, 2006;

vi. The State Govt. shall ensure that the boundary of the diverted forest land, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates;

vii. The User Agency shall obtain the Environment Clearance as per the provisions of the Environmental (Protection) Act, 1986, if required;

viii. ***The State Government shall upload the KML files of the area under diversion and the accepted non-forest land for raising compensatory afforestation in the E-Green Watch portal of FSI, before handing over forest land to the user agency;***

ix. ***The State Government shall ensure that the R&R plan shall be prepared in consonance with National R&R Policy, Government of India and implemented before handing over the forest land to the User Agency. The said R&R Plan will be monitored by the State Government / Regional Office of MoEF&CC along with indicators for monitoring and expected observable milestones;***

x. The State Government shall ensure that approved CAT Plan shall implemented at project cost already deposited by the UA;

xi. The State Government shall ensure that Canal Bank Plantation on either side of the two canals shall be raised and maintained at project cost, with the approval of the scheme by DFO, Bolangir;

xii. The period of diversion under this approval shall be co-terminus with the period of lease to be granted in favour of the user agency or the project life, whichever is less;

xiii. The State Govt. shall ensure that the User Agency shall provide firewood preferably alternate fuel to the labourers and the staff working at the site so as to avoid any damage and pressure on the adjacent forest areas;

xiv. The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other agency, department or person without obtaining prior approval of the Central Government;

xv. The User Agency shall restrict the felling of trees to minimum numbers in the diverted forest land and trees shall be felled under strict supervision of the State Forest Department;

xvi. The layout plan of the proposal shall not be changed without prior approval of Central Government;

xvii. No labour camp shall be established on the forest land;

xviii. Sufficient firewood, preferably the alternate fuel, shall be provided by the User Agency to the labourer after purchasing the same from the State Forest Department or the Forest Development Corporation or any other legal source of alternate fuel;

xix. No additional or new path will be constructed inside the forest area for transportation of construction materials for execution of the project work;

xx. No damage to the flora and fauna of the area shall be caused;

xxi. The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area;

xxii. The State Government shall ensure that the forest land located between FRL and the FRL-4 meters may be afforested by planting appropriate indigenous tree species;

xxiii. The State Government shall ensure that the User Agency will be raise afforestation along the periphery of the reservoir;

xxiv. The State Government shall ensure that the water shall be provided free of cost from the reservoir to the Forest Department for raising and maintenance of plantations and nurseries around the site whenever required;

xxv. The State Government ensure that the User Agency in consultation with the State Forest Department shall create and maintain alternate habitat/ home for the avifauna, whose nesting tress are to be cleared in this project. Bird nests artificially made out of eco-friendly materials shall be used in the area, including forest area and human settlements, adjoining the forest area being diverted for the project;

xxvi. The State Government shall maintain the character of the projects as an irrigation project and to ensure continued benefit to the farmers in the command area, no more diversion of water from the project for industrial projects will be permitted in future;

xxvii. The forest land proposed to be diverted shall under no circumstances be transferred to any other agencies, department or person without prior approval of Govt. of India;

xxviii. The State Govt. shall ensure that the compliance report of this approval is uploaded on e-portal (https://parivesh.nic.in/);

xxix. Any other condition that the Ministry of Environment, Forests & Climate Change may stipulate from time to time in the interest of conservation, protection and development of forests & wildlife shall be carried with by the State Government and user agency;

xxx. The user agency shall comply all the provisions of all Acts, Rules, Regulations, Guidelines, Hon'ble Court Order (s) and NGT Order (s) pertaining to this project, if any, for the time being in force, as applicable to the project;

xxxi. The Violation of any of these conditions will amount to violation of Forest (Conservation) Act, 1980 and action would be taken as per the para 1.21 of comprehensive guidelines issued vide this Ministry F. No.5-2/2017-FC dated 28th March, 2019; and

xxxii. The User Agency shall submit the annual self -compliance report in respect of the above stated conditions to the State Government, concerned Regional Office and to this Ministry by the end of March every year regularly.

**Yours Sincerely,**
**(Dr. D. Manjunatha)**
**Dy. Inspector General of Forests**

Copy to:
1. PCCF (HoFF), Government of Odisha, Bhubaneswar.
2. DDGF (Central), Integrated Regional Office, Bhubaneswar.
3. PCCF cum Nodal Officer (FCA), Government of Odisha, Bhubaneswar.
4. User Agency.
5. Monitoring Cell of FC Division, MoEF&CC, New Delhi.

**F. No 8-59/2018-FC**

**Government of India**
**Ministry of Environment, Forests and Climate Change**
**(FC Division)**

Indira Paryavaran Bhawan,
Aliganj, Jor Bag Road,
New Delhi - 110003.
**Dated: 21st December, 2018**

To,
The Principal Secretary (Forests),
Government of Odisha,
Bhubaneswar.

**Sub: Diversion of 341.23 ha of forest land in the Bolangir Forest Division under Bolangir District, Odisha for construction of Upper Lanth Medium Irrigation Project.**

Sir,

I am directed to refer to the Government of Odisha's letter No. 10F(Cons)146/2018/19054/F&E dated 31.08.2018 on the above mentioned subject seeking prior approval of the Central Government under Section 2 of the Forest (Conservation) Act, 1980, and to say that the said proposal has been examined by the Forest Advisory Committee constituted by the Central Government under Section-3 of the aforesaid Act.

2. After careful examination of the proposal of the State Government and on the basis of the recommendations of the Forest Advisory Committee, ***in-principle/ Stage-I*** approval of the Central Government is hereby granted for diversion of 341.23 ha of forest land in the Bolangir Forest Division under Bolangir District, Odisha for construction of Upper Lanth Medium Irrigation Project subject to the following conditions:

(i) Legal status of the diverted forest land shall remain unchanged;

(ii) Compensatory afforestation shall be raised over the non-forest land equal in extent to the forest land being diverted within three years of Stage-II Clearance and maintained thereafter by the State Forest Department at the cost of the User Agency and at least 1000 plants per hectare (341.23 ha x 1000 = 341230 plants) shall be planted over identified non- forest land. If it is not possible to plant so many saplings in the area identified for CA, the balance saplings will be planted in any other forests as per prescriptions of approved working plan with provision for ten years on subsequent maintenance;

(iii) 25% of CA cost will be deposited extra by the user agency for soil and moisture conservation (SMC) activities on the CA land.

(iv) **R&R Plan duly approved by competent authority shall be furnished prior to Stage-II approval. Thus, the User Agency shall prepare and implement the R&R Plan as per the R&R Policy of State Government in consonance with National R&R Policy, Government of India before the commencement of the project work and implementation. The said R&R Plan will be monitored by the State Government/ Regional Office of MoEF&CC along with indicators for monitoring and expected observable milestones;**

(v) **State Government shall furnish revised trees enumeration list over forest and non-forest land in the project, prior to stage II approval. The number of trees which are falling in submergence area shall not be felled and shall be retained. In other area the User Agency shall pay towards cost of removal of trees enumerated before commencement of work after obtaining and tree felling should be taken up in phases strictly as per requirement under the supervision of the Divisional Forest Officer, Bolangir Forest Division.**

(vi) **Detailed Project Report as per present cost-estimation along with administrative approval for this project shall be furnished.**

(vii) **Approved CAT Plan shall be submitted, to be implemented at project cost and the State Government shall realize cost of implementation of approved Catchment Area Treatment (CAT) Plan and transfer the same in the account of CAMPA;**

(viii) **Canal Bank Plantation on either side of the two canals shall be raised and maintained at project cost, with the approval of the scheme by DFO, Bolangir.**

(ix) **State Government shall ensure that the land selected for Compensatory afforestation is suitable for plantation. Certificate in this regard shall be submitted prior to Stage-II approval.**

(x) The land identified for the purpose of CA shall be clearly depicted on a Survey of India topo sheet of 1:50,000 scale;

(xi) The User Agency shall transfer the cost of raising and maintaining the **compensatory afforestation** at the current wage rate in consultation with State Forest Department in the account of CAMPA of the concerned State **through online portal**. The scheme may include appropriate provision for anticipated cost increase for works scheduled for subsequent years.

(xii) The User Agency shall transfer the funds for **the Net Present Value (NPV)** of the forest land being diverted under this proposal from the User Agency as per the orders of the Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No. 202/1995 and the guidelines issued by this Ministry vide its letter No. 5-3/2007-FC dated 05.02.2009 **through online portal** of CAMPA account of the State Concerned;

(xiii) At the time of payment of the Net Present Value (NPV) at the present rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India;

(xiv) User Agency should ensure that the Compensatory levies (CA cost, NPV, etc.) are deposited through challan generated online on web portal and deposited in appropriate bank online only. Amount deposited through other mode will not be accepted as compliance of the Stage-I clearance;

(xv) The User Agency shall obtain the Environment Clearance as per the provisions of the Environmental (Protection) Act, 1986, if required;

(xvi) The Non-forest land as identified for raising compensatory afforestation shall be transferred and mutated in favour of the State Forest Department prior to Stage-II approval and declared as protected forest /RF within six months of Stage-II approval;

(xvii) The water shall be provided free of charge from the reservoir to the Forest Department for raising and maintenance of plantations and nurseries around the site whenever required;

(xviii) No damage to the flora and fauna of the adjoining area shall be caused;

(xix) Felling of trees on the forest land being diverted shall be reduced to the bare minimum and the trees shall be felled under strict supervision of the State Forest Department;

(xx) The User Agency shall undertake afforestation along with the periphery of the reservoir and canals (as applicable);

(xxi) The User Agency shall carry out muck/silt disposal at pre-designated sites in such a manner so as to avoid its rolling down.

(xxii) The dumping area for muck/silt disposal shall be stabilized and reclaimed by planting suitable species by the User Agency at the cost of project under the supervision of State Forest Department. Retaining walls and terracing shall be carried out to hold the dumping material in place. Stabilization and reclamation of such dumping sites shall be completed before handing over the same to the State Forest Department in a time bound manner as per Plan.

(xxiii) The State Government and the User Agency shall ensure that the trees available between full reservoir level (FRL) and FRL-4 meters are not felled;

(xxiv) No labour camp shall be established on the forest land;

(xxv) User agency shall provide firewood preferably alternate fuel to the labourers and the staff working at the site so as to avoid any damage and pressure on the adjacent forest areas;

(xxvi) Forest land shall not be used for any purpose other than that specified in the proposal;

(xxvii) State Government shall complete settlement of rights, in term of the Scheduled Tribes and Traditional Forest Dwellers (Recognition of Forest Rights) Act, 2006, if any, on the forest land to be diverted and submit the documentary evidence as prescribed by this Ministry in it's letter No. 11-9/1998-FC (pt.) dated 3rd August 2009 read with 05.07.2013, in support thereof;

(xxviii) The user agency shall submit the annual self-compliance report in respect of the above conditions to the State Government, concerned Regional Office and this Ministry by the end of March every year regularly;

(xxix) Any other condition that the concern Regional Office of this Ministry, may stipulate, from time to time, in the interest of conservation, protection and development of forests & wildlife; and

(xxx) The State Government and user agency shall comply the provisions of the all Acts, Rules, Regulations, Guidelines, NGT Order & Hon'ble Court Order (s) pertaining to this project, if any, for the time being in force, as applicable to the project;

After receipt of the report on compliance to the conditions stipulated in the paragraph-2 above from the State Government of Odisha, final/ stage-II approval for diversion of the said forest under Section-2 of the Forest (Conservation) Act, 1980 will be issued by this Ministry. Transfer of to the said forest land to the user agency shall not be affected by the State Government of Odisha till final/stage-II approval for its diversion is issued by this Ministry.

**Yours faithfully**
**Sd./- (Shrawan Kumar Verma)**
**Dy. Inspector General of Forests**

Copy to:
1. The Principal Chief Conservator of Forests, Government of Odisha, Bhubaneswar.
2. The Nodal Officer (FCA), Government of Odisha, Bhubaneswar.
3. The Addl. Principal Chief Conservator of Forests (Central), Regional Office (Eastern Zone), Bhubaneswar.
4. User Agency.
5. Monitoring Cell of FC Division, MoEF&CC, New Delhi.
6. Guard File

**Sd./- (Shrawan Kumar Verma)**
**Dy. Inspector General of Forests**

OIPR-32086/11/0002/2324

୨୦୨୪ ବର୍ଷ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡ଼ା, ମନୋରଞ୍ଜନ ଆଦି କ୍ଷେତ୍ର ପାଇଁ ନୂଆ ଆଶା ଓ ସମ୍ଭାବନା ଆଣିଦେବ ବୋଲି ସମସ୍ତେ ଆଶାବାଦୀ।

## ପୁରୀର ଆଧାତ୍ମିକ ପରମ୍ପରା ଆହୁରି ବିଶ୍ୱସ୍ତରକୁ ପ୍ରସାରିତ ହେବ



ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଯେଉଁ ପରିକ୍ରମା ପ୍ରକଳ୍ପର ବିକାଶ କରାଯାଉଛି, ତାହା ୨୦୨୪ର ପ୍ରଥମ ଭାଗରେ ଲୋକାର୍ପିତ ହେବ। ପୁରୀର ସମସ୍ତ ମଠ ମନ୍ଦିରର ବିକାଶ ମଧ ଏହି ସମୟରେ ପୂର୍ଣ୍ଣାଙ୍ଗ ରୂପ ନେବ। ନୂଆବର୍ଷରୁ ଭକ୍ତଙ୍କୁ ସୁଃଖଦ ଅନୁଭୂତି ପାଇଁ ଶ୍ରୀଦାଣ୍ଡ, ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ ଓ ଏସି କରିଡର ଲୋକାର୍ପିତ ହେବ। ଫଳରେ ପୁରୀର ଆଧାତ୍ମିକ ପରମ୍ପରା ଆହୁରି ବିଶ୍ୱସ୍ତରକୁ ପ୍ରସାରିତ ହେବ।

**- ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

## ରାଜ୍ୟ କ୍ରୀଡ଼ାକୁ ଆଗେଇ ନେବାକୁ ପ୍ରୟାସ ରହିବ



ବିଗତ ଦିନରେ ରାଜ୍ୟରେ ଯେଉଁ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଉଚ୍ଚପ୍ରଦର୍ଶନ କେନ୍ଦ୍ର ପ୍ରତିଷ୍ଠା କରିଛୁ, ତାହାକୁ ଉପଯୋଗ କରି ରାଜ୍ୟରୁ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ଆମର ଲକ୍ଷ୍ୟ ରହିବ। ନୂଆ ବର୍ଷରେ ଅଧିକ କମ୍ପାନୀ ପ୍ରତିଷ୍ଠା କରି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଲକ୍ଷ୍ୟ ରହିବ। ସେହିପରି ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧକୁ ରୋକିବା ଏବଂ ସାଇବର ଅପରାଧ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ବର୍ଷରେ ଅନେକ କାର୍ଯ୍ୟ କରିବାକୁ ପଡ଼ିବ।

**- ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଗୃହ ରାଷ୍ଟ୍ରମନ୍ତ୍ରୀ**

## ଯୋଜନା ସହ କାମ କରିବୁ



ବୟସ୍କ, ଭିନ୍ନକ୍ଷମ, ଭିକ୍ଷୁକ, କୁଷ୍ଠରୋଗରୁ ଆରୋଗ୍ୟ ପ୍ରାପ୍ତ ବ୍ୟକ୍ତି, ଟ୍ରାନ୍ସଜେଣ୍ଡର, ନିଶା ସେବକ, ବିଧବା ଆଦି ସମାଜର ବହୁ ବର୍ଗ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସରକାରଙ୍କ ଯୋଜନା ସହ କାମ କରିବ। ସେମାନଙ୍କୁ କିଭଳି ଶିକ୍ଷା, ପେନସନ୍, ଜୀବିକା, ଆର୍ଥିକ ସହାୟତା, ଯତ୍ନ, ସାହାଯ୍ୟ ଓ ସହଯୋଗ ମିଳିପାରିବ ସେ ଦିଗରେ ବିଭାଗ ଅଧିକ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖିଛି। ଉପଯୁକ୍ତ ପ୍ଲାଟଫର୍ମ ଦେବାକୁ ବିଭାଗ ଯତ୍ନବାନ ରହିବ।

**- ବିଷ୍ଣୁପଦ ସେଠୀ, ପ୍ରମୁଖ ସଚିବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**

## ଭାଷା, ସଂସ୍କୃତି ପାଇଁ ବହୁ ଯୋଜନା ରହିଛି



ବର୍ଷ ଆରମ୍ଭରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେବ। ସାରା ରାଜ୍ୟରେ ଏକ ପର୍ବର ଅନୁଭୂତି ସମସ୍ତେ ପାଇବେ। ବିଭିନ୍ନ ସ୍ଥାନରେ କବିତା ସମ୍ମିଳନୀ, ଲିଟେରାରି ଫେଷ୍ଟିଭାଲ, ଚଳଚ୍ଚିତ୍ର ଉତ୍ସବ ଆଦି ଆୟୋଜିତ ହେବ। ପରିକ୍ରମା ପ୍ରକଳ୍ପ ସମୟରେ ସବୁ ଜିଲାରେ ପ୍ରଭୁ ଜଗନ୍ନାଥଙ୍କ ଉପରେ ନାଟକ ପରିବେଷିତ ହେବ। ରାଜ୍ୟ ସଂଗ୍ରହାଳୟକୁ ୫-ଟି ଅନ୍ତର୍ଭୁକ୍ତ ଓ ପାଠାଗାରର ନବକଳେବର କରାଯିବାର ଯୋଜନା ରହିଛି। ପାଇକ ଏକାଡେମୀ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଏବଂ କେନ୍ଦୁଲି ଡିପିଆର୍ ପ୍ରୋଜେକ୍ଟ ଆଦି ଉପରେ ମଧ ଧ୍ୟାନ ଦିଆଯିବ। ୨୦୨୪ରେ ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରଚାରପ୍ରସାରକୁ ବେଶ୍ ଗୁରୁତ୍ୱ ଦିଆଯିବ।

**- ଦିଲୀପ ରାଉତରାଏ, ନିର୍ଦ୍ଦେଶକ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ**

## ପର୍ଯ୍ୟଟକ ଆଗମନ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ



ପର୍ଯ୍ୟଟକଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ। ବୋଟିଂ କ୍ଲବ ଅଧିକ ଖୋଲାଯିବ। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମୟରେ ପୁରୀରେ ଓଟିଡିସି ପକ୍ଷରୁ ୪ଟି ଆଉଟଲେଟ୍ ଖୋଲାଯିବ। ଓଡ଼ିଶାର ଖାଦ୍ୟକୁ ବାହାରେ ପହଞ୍ଚାଇବା ପାଇଁ ଦିଲ୍ଲୀରେ ନିମନ୍ତ୍ରଣର ଏକ ଶାଖା ଖୋଲାଯିବାର ଯୋଜନା ରହିଛି। ସେହିପରି ବୁଦ୍ଧିଷ୍ଟ ସର୍କିଟ୍ ଉପରେ କାମ ହେଉଛି। ସେହି ସ୍ଥାନଗୁଡ଼ିକୁ କିଭଳି ପର୍ଯ୍ୟଟକମାନେ ଅଧିକ ଯିବେ ସେ ଦିଗରେ ମଧ ଧ୍ୟାନ ଦିଆଯିବ। ଭଲ ଖାଦ୍ୟ ସହ ପର୍ଯ୍ୟଟକଙ୍କ ଆତିଥେୟତାକୁ ଗୁରୁତ୍ୱ ଦିଆଯିବ। ୨୦୨୪ରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଆମର ମୁଖ୍ୟ ଲକ୍ଷ୍ୟ ରହିବ।

**- ଲେନିନ ମହାନ୍ତି, ଅଧକ୍ଷ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ**

## ତ୍ରୁଟି ଶୂନ୍ୟ ନିର୍ବାଚନ ପାଇଁ ଯୋଜନା କରୁଛୁ



ଆସନ୍ତା ଗ୍ରୀଷ୍ମରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ମୁକ୍ତ ଏବଂ ତ୍ରୁଟି ଶୂନ୍ୟ ନିର୍ବାଚନ ପାଇଁ ଆମେ ଯୋଜନା କରୁଛୁ। ସବୁ ଭୋଟରଙ୍କୁ ନିର୍ବାଚନ ସମୟରେ ଭଲ ଅଭିଜ୍ଞତା ଭେଟି ଦେବାକୁ ଆମେ ଧ୍ୟାନ ଦେବୁ। ବିଶେଷ କରି ବୟସ୍କ ଓ ପିଡବ୍ଲ୍ୟୁଡି ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପ୍ରତି ଅଧିକ ଯତ୍ନବାନ ହେବୁ। ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଭୋଟଦେବା ସହ ସଫଳ ନିର୍ବାଚନ ପାଇଁ ସହଯୋଗ କରିବାକୁ ମୁଁ ଅନୁରୋଧ କରୁଛି।

**- ନିକୁଞ୍ଜ ବିହାରୀ ଧଳ, ନିର୍ବାଚନ କମିଶନର**

## ବିପର୍ଯ୍ୟୟ ମୁକ୍ତ ରାଜ୍ୟ ଲକ୍ଷ୍ୟ



ନୂଆବର୍ଷରେ ରାଜସ୍ୱ ବିଭାଗ ଆହୁରି ସକ୍ରିୟ ହୋଇ କାମ କରିବା ସହିତ ଲୋକଙ୍କ ନିକଟତର ହେବାକୁ ଗୁରୁତ୍ୱ ଦେବ। ଓଡ଼ିଶା ଗତ ୮ ମାସ ହେଲା କୌଣସି ବିପର୍ଯ୍ୟୟ ସାମ୍ନା କରିନାହିଁ। ଆମ ରାଜ୍ୟ କିପରି ବିପର୍ଯ୍ୟୟ ମୁକ୍ତ ରହିବ ତାହା ଆମର ଲକ୍ଷ୍ୟ। ଜଙ୍ଗଲ ବିଭାଗ କ୍ଷେତ୍ରରେ ଆମେ ପ୍ରଗତି ଓ ପ୍ରକୃତି ମଧରେ ସମନ୍ୱୟ ରଖି କାମ କରିବାକୁ ପଡ଼ିବ। ପରିବେଶ ସୁରକ୍ଷା ପ୍ରତି ଆମେ ସଚେତନ ହେବାକୁ ପଡ଼ିବ।

**- ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ**

## 'ଜିରୋ ଡମ୍ପିଂ', 'ଶତପ୍ରତିଶତ ପ୍ରକ୍ରିୟାକରଣ'



୨୦୨୪ରେ 'ଜିରୋ ଡମ୍ପିଂ' ସହ 'ଶତପ୍ରତିଶତ ପ୍ରକ୍ରିୟାକରଣ' ଲକ୍ଷ୍ୟ ରଖାଯାଇଛି। କଞ୍ଜରଭେନ୍ସି ଲେନ୍‌ଗୁଡ଼ିକର ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ନବବର୍ଷରେ ପୂରଣ କରାଯିବ। ବଡ଼ ବିଲ୍ଡିଂଗୁଡ଼ିକରେ ରୁଫ୍‌ଟପ୍ ଗାର୍ଡେନ କରାଯିବ। ୩/୪ ମାସ ମଧରେ ୩୭୦କୋଟି ଟଙ୍କା ବ୍ୟୟରେ ୪୫୨ଟି କଚା ରୋଡ୍‌କୁ ପକ୍କା କରାଯିବ। ୪୦ରୁ ଊର୍ଦ୍ଧ୍ୱ ପୋଖରୀର ପୁନରୁଦ୍ଧାର କରାଯିବ। ସହରର ଡ୍ରେନେଜ୍, ଜଳବନ୍ଦୀ ସମସ୍ୟା ହଟାଇବା ଆଦି ବିଭିନ୍ନ ଦିଗ ଉପରେ କାମ କରାଯିବ।

**- ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର**

ଅଭିନନ୍ଦନ-୨୦୨୪
ନୂତନ ବର୍ଷ ବଡ଼ଚଣାବାସୀଙ୍କ ପାଇଁ ଶୁଭ ଓ ମଙ୍ଗଳମୟ ହେଉ।
ଇତିଶ୍ରୀ ସାମଲ
ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା, ବଡ଼ଚଣା

ଅଭିନନ୍ଦନ ୨୦୨୪
ଇଂରାଜୀ ନୂଆ ବର୍ଷ-୨୦୨୪ ଅବସରରେ ଲକ୍ଷ୍ମୀପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଗୀତାଞ୍ଜଳି ପିଡିକା
ସମ୍ପାଦିକା, ରାଜ୍ୟ ମହିଳା କଂଗ୍ରେସ, ଲକ୍ଷ୍ମୀପୁର

ଅଭିନନ୍ଦନ-୨୦୨୪
ନୂତନ ବର୍ଷ ବଡ଼ଚଣାର ସମସ୍ତ ଯୁବ ଛାତ୍ର ବନ୍ଧୁମାନଙ୍କ ପାଇଁ ମଙ୍ଗଳମୟ ହେଉ।
ଯଚିନ୍ଦ୍ର ପ୍ରସାଦ ନାୟକ
୧୬ ନଂ ଜିଲ୍ଲା ପରିଷଦ ସଭ୍ୟ ତଥା ଛାତ୍ର ବିଜେଡ଼ି ସଭାପତି, ବଡ଼ଚଣା

Cuttack Central Co-operative Bank Ltd.
Head Office: Nimchouri, Cuttack-753002
Email: ccbho@cuttackccb.co.in
ଇଂରାଜୀ ନବବର୍ଷ ୨୦୨୪ ଆଗମନରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଅବିଭକ୍ତ କଟକ ଜିଲ୍ଲାର ଅଗଣିତ ଚାଷୀ ଭାଇ ଭଉଣୀ ଓ ଅଂଶୀଦାରମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି।
Prabhat Chandra Kanungo, President, Cuttack Central Co-operative Bank
Ananta Kumar Samal, Chief Executive Officer, Cuttack Central Co-operative Bank

ଅଭିନନ୍ଦନ ୨୦୨୪
ଇଂରାଜୀ ନୂଆ ବର୍ଷ-୨୦୨୪ ଅବସରରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ପ୍ରଭାକର ଗୋରଡା
ପ୍ରଧାନ ଶିକ୍ଷକ, ନେତାଜୀ ହାଇସ୍କୁଲ, ତୋୟାପୁଟ

ଅଭିନନ୍ଦନ-୨୦୨୪
ନୂତନ ବର୍ଷ ବଡ଼ଚଣାର ସମସ୍ତ ଜନସାଧାରଣଙ୍କ ପାଇଁ ଶୁଭ ଓ ମଙ୍ଗଳମୟ ହେଉ।
ଅରବିନ୍ଦ ସାମଲ
୧୯ ନଂ ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡ଼ି ସଭାପତି, ବଡ଼ଚଣା

R.P. HIGHER SECONDARY SCHOOL
(A day-cum-residential institute)
BIDHARPUR, ABHIMANPUR, CUTTACK
Mob. 7064417820 / 22 / 23 / 24 / 25 / 51
e-mail : rprc2013@gmail.com www.rpresidentialcollege.com
ଇଂରାଜୀ ନବବର୍ଷ 2024 ଓ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହାର ପରିଚାଳନା ମଣ୍ଡଳୀ, ଅଗଣିତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଲଗାତର ୧୦୦% ଛାତ୍ର/ଛାତ୍ରୀ ପାସ୍ କରୁଥିବା ଏକମାତ୍ର ବିଦ୍ୟାଳୟ
ଅଧ୍ୟକ୍ଷ
ଜନରଞ୍ଜନ ମିଶ୍ର

ନୂତନ ବର୍ଷର ଅଭିନନ୍ଦନ-୨୦୨୪
ବଡ଼ଚଣା ବିକାଶ ପରିଷଦ
ନୂତନ ବର୍ଷ ବଡ଼ଚଣାର ସମସ୍ତ ଜନସାଧାରଣଙ୍କ ପାଇଁ ଶୁଭ ଓ ମଙ୍ଗଳମୟ ହେଉ।
ଚିନ୍ମୟ ପ୍ରଧାନ (ଚିକୁ)
ସଭାପତି, ବଡ଼ଚଣା ବିକାଶ ପରିଷଦ

ଆର୍ଯ୍ୟପଲ୍ଲୀ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଇଂରାଜୀ ନୂତନ ବର୍ଷ 2024ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ତ୍ରିଲୋଚନ ବେହେରା
ସରପଞ୍ଚ
ଆର୍ଯ୍ୟପଲ୍ଲୀ ଗ୍ରାମପଞ୍ଚାୟତ

ଅଭିନନ୍ଦନ-୨୦୨୪
ନୂତନ ବର୍ଷ ଯାଜପୁର ଜିଲ୍ଲାବାସୀଙ୍କ ପାଇଁ ଶୁଭ ଓ ମଙ୍ଗଳମୟ ହେଉ।
ଗଣେଶ୍ୱର ବରାଳ
ଉପ ସଭାପତି, ଯାଜପୁର ଜିଲ୍ଲା ପରିଷଦ

With best compliments from:-
500M FROM HANSPAL SQUARE
ESSEN CONSTRUCTION
FOR SALE
40 HOMES & A NEIGHBOUR - THE KUAKHAI
ORERA NO: RP/19/2021/00589
KAILASH
RIVER VIEW APARTMENTS
*T&C APPLY
FLATS STARTING AT Rs. 65 L *
Terrace Garden
Childrens' Play Area
Underground STP
24 x 7 CCTV surveillance
Vaastu Compliant
Equipped Community Hall
Temple Space
Ample Parking Space
River View Apartments
Intercom
+91 9124886579
+91 9124886759
essenconstruction
essenconstructionofficial

ନବବର୍ଷର ଅଭିନନ୍ଦନ
ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ସଂସ୍କାର ଦେବାରେ ଅନନ୍ୟ ଶିକ୍ଷାନୁଷ୍ଠାନ
ଜେନାପୁର ଡିଗ୍ରୀ କଲେଜ
ଜେନାପୁର, ଯାଜପୁର
ଛାତ୍ର, ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଭିଭାବକମାନଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛୁ।
ଅଧକ୍ଷ ତଥା ଜେନାପୁର ଡିଗ୍ରୀ କଲେଜ ପରିଚାଳନା କମିଟି
ଜେନାପୁର

ନବବର୍ଷର ଅଭିନନ୍ଦନ
ପୁରୀ ଜିଲ୍ଲାର ନିମାପଡ଼ାସ୍ଥିତ ଝାମ୍ପୁଲାକୁଦ ଗ୍ରାମଠାରେ ଅଛି ଏକ ଆଦର୍ଶ ଘରୋଇ ହୋମିଓପ୍ୟାଥିକ୍ ଚିକିତ୍ସାଳୟ।
ଏଠାରେ ମୁଖ୍ୟତଃ ପକ୍ଷାଘାତ, ରିମାଟିଜମ୍, ଗାଉଟ୍, ଫାଇଲେରିଆ ଭଳି ବହୁ ବଡ଼ ବଡ଼ ରୋଗର ସଫଳ ଚିକିତ୍ସା କରାଯାଏ।
ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଶିଷ୍ଟ ହୋମିଓପ୍ୟାଥିକ ପାରାଲିସିସ୍ ଚିକିତ୍ସକ
ଡାକ୍ତର ନେତ୍ରାନନ୍ଦ ଭୋଇ
(ରାଜ୍ୟ ଘରୋଇ ହୋମିଓପ୍ୟାଥିକ୍ ଚିକିତ୍ସକ ସଂଘ ସଭାପତି)
ଝାମ୍ପୁଲାକୁଦ, ନିମାପଡ଼ା, ପୁରୀ

# ୨୦୨୩ରେ ଗାଡ଼ି ବିକ୍ରି ୧୧% ବୃଦ୍ଧି

ନୂଆଦିଲ୍ଲୀ,୩୧।୧୨ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗାଡ଼ି ବିକ୍ରି( ଅଟୋ ସେଲ୍‌ସ) ରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଏପରିକି ପ୍ରି-କୋଭିଡ୍ ଲେବଲକୁ ବାର୍ଷିକ ଯାନ ବିକ୍ରୟ ସଂଖ୍ୟା ଯାଉଥିବାବେଳେ ବାହାନ୍ ପୋର୍ଟାଲରେ ଉପଲବ୍ଧ ତଥ୍ୟ ଦର୍ଶାଇଛି ଯେ ୨୦୨୩ କ୍ୟାଲେଣ୍ଡର ବର୍ଷରେ ଗାଡ଼ି ରେଜିଷ୍ଟ୍ରେଶନ ୧୧%ରୁ ଅଧିକ ବୃଦ୍ଧି ପାଇ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୩.୯ ମିଲିୟନରେ ପହଞ୍ଚିଛି। ବିଶେଷ କରି ପ୍ରି-କୋଭିଡ୍ ଇୟର (୨୦୧୯ବର୍ଷ) ରେ ବିକ୍ରି କରାଯାଇଥିବା ୨୪.୧୭ ମିଲିୟନ୍ ଗାଡି ତୁଳନାରେ ଚଳିତ ବର୍ଷର ରେଜିଷ୍ଟ୍ରେଶନ ସଂଖ୍ୟା ଏ ପର୍ଯ୍ୟନ୍ତ ୧% ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବର ୩୧ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ଅପଡେଟ୍ ହୋଇଥିବା ବାହାନ୍ ଡାଟା ଉପରେ ଆଧାରିତ ହୋଇଛି, ୨୦୨୨କ୍ୟାଲେଣ୍ଡର ବର୍ଷରେ ଏହି ସଂଖ୍ୟା ୨୧.୫ ମିଲିୟନ୍ ୟୁନିଟ୍ ଥିବାବେଳେ ୨୦୨୧କ୍ୟାଲେଣ୍ଡର ବର୍ଷରେ ଏହି ସଂଖ୍ୟା ୧୮.୯ ମିଲିୟନରେ ରହିଥିଲା। ଅପରପକ୍ଷରେ ଯାତ୍ରୀବାହୀ ଯାନ ପାଇଁ ଚଳିତ ବର୍ଷ ବେଶ ଭଲ ଥିଲାବେଳେ ଡିଲରସ୍ତରରେ ୬,୫୦,୦୦୦ ୟୁନିଟ୍‌ର ଏକ ତାଲିକା ସହିତ ନୂତନ ବର୍ଷ ଆରମ୍ଭ କରିବାକୁ ଯାଉଛି।

ଏ ସମ୍ପର୍କରେ ଫେଡେରେଶନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏଶନ୍ (ଫାଡା)ର ସଭାପତି ମନୀଷ ରାଜ ସିଙ୍ଗାନିଆ କହିଛନ୍ତି, ମୋଟାମୋଟି ଭାବେ ଅଟୋ ଶିଳ୍ପ ପାଇଁ ୨୦୨୩ ବର୍ଷ ଭଲ ଥିଲାବେଳେ ବିଶେଷକରି ଯାତ୍ରୀବାହୀ ଯାନ ପାଇଁ ଚଳିତ ବର୍ଷ ବହୁତ ଭଲ ରହିଛି। ଏପରିକି ଆମେ ପ୍ରତି ମାସରେ ସର୍ବୋତ୍ତମ ରେକର୍ଡ ଦେଖୁଥିଲୁ।

# ଅଶୋଧିତ ତୈଳ ବ୍ୟବହାରରେ ଚାଇନାକୁ ପଛରେ ପକାଇବ ଭାରତ

ଭୁବନେଶ୍ୱର, ୩୧।୧୨(ଅନୁରାଧା ମହାରଣା)

ଦେଶରେ ତୈଳ ବ୍ୟବହାରରେ ଦ୍ରୁତ ବୃଦ୍ଧି କାରଣରୁ ଅଶୋଧିତ ତୈଳ ବ୍ୟବହାର କ୍ଷେତ୍ରରେ ଭାରତ ଚାଇନାକୁ ପଛରେ ପକାଇବାକୁ ଯାଉଛି। ଦେଶରେ ୨୦୨୨-୨୩ ବର୍ଷରେ ପେଟ୍ରୋଲ ବ୍ୟବହାର ୧୩.୪ ପ୍ରତିଶତ ଏବଂ ଡିଜେଲ ବ୍ୟବହାର ୧୨.୧ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକା, ଚାଇନା ଏବଂ ଭାରତ ହେଉଛି ବିଶ୍ୱର ତିନୋଟି ବୃହତ ଅଶୋଧିତ ତୈଳ ଗ୍ରାହକ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି(ଆଇଏ)ର ରିପୋର୍ଟରେ କୁହାଯାଇଛି ଯେ ୨୦୨୭ ମସିହାରେ ଭାରତ ଅଶୋଧିତ ତୈଳ ବ୍ୟବହାରରେ ଚାଇନାକୁ ଅତିକ୍ରମ କରିବ ଏବଂ ଆମେରିକା ପରେ ବିଶ୍ୱର ସର୍ବବୃହତ ଗ୍ରାହକ ହେବ। 'ତୈଳ ୨୦୨୩' ନାମକ ରିପୋର୍ଟରେ ଆଉଟଲୁକ କହିଛି ଯେ, ୨୦୨୪ ମସିହାରୁ ଚାଇନାରେ ଘରୋଇ ବ୍ୟବହାର ହ୍ରାସ ହେତୁ ଅଶୋଧିତ ତୈଳର ଚାହିଦା କ୍ରମାଗତ ଭାବେ ହ୍ରାସ ପାଇବ। ବର୍ତ୍ତମାନ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୯ ଡଲାର ରହିଛି। ୨୦୨୩ରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ସର୍ବାଧିକ ୯୫ ଡଲାର ପର୍ଯ୍ୟନ୍ତ ରହିବ। ୨୦୨୨ରେ ଏହି ମୂଲ୍ୟ ବ୍ୟାରେଲ ପିଛା ୧୨୪ ଡଲାରରେ ପହଞ୍ଚିଥିଲା । ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଏବଂ ଡଲାରର ମଜଭୁତ ହେତୁ ପେଟ୍ରୋଲ ଏବଂ ଡିଜେଲ ମହଙ୍ଗା ହେବାକୁ ଲାଗିଲା। ଗୋଟିଏ ବ୍ୟାରେଲରେ ୧୫୯ ଲିଟର ଅଶୋଧିତ ତେଲ ଥାଏ। ରିପୋର୍ଟ ଅନୁଯାୟୀ, ଆମେରିକାରେ ଦୈନିକ ୧୯.୮୯ ନିୟୁତ ବ୍ୟାରେଲ ବ୍ୟବହାର ହେଉଥିବାବେଳେ ଚାଇନା ପ୍ରତିଦିନ ୧୫.୨୭ ନିୟୁତ ବ୍ୟାରେଲ ଖର୍ଚ୍ଚ ହେଉଛି। ଭାରତରେ ଦୈନିକ ପ୍ରାୟ ୫ ନିୟୁତ ବ୍ୟାରେଲ ତେଲ ବ୍ୟବହାର କରାଯାଏ। ଚୀନରେ ଆଗାମୀ ଦିନରେ ତେଲ ଚାହିଦା ହ୍ରାସ ପାଇପାରେ। ଲୋକମାନେ ପେଟ୍ରୋଲ ଏବଂ ଡିଜେଲ ଗାଡି ବଦଳରେ ବୈଦ୍ୟୁତିକ କାର କିଣିବାକୁ ପସନ୍ଦ କରୁଛନ୍ତି। ଏହା ବ୍ୟତୀତ ସର୍ବସାଧାରଣ ଯାନଗୁଡ଼ିକ ମଧ୍ୟ ବୈଦ୍ୟୁତିକ ଯାନରେ ପରିଣତ ହେଉଛି। ଏଭଳି ପରିସ୍ଥିତିରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କମିବା ସ୍ୱାଭାବିକ। ତେବେ ଭାରତ ସରକାର ମଧ୍ୟ ବୈଦ୍ୟୁତିକ ଯାନକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି।
















See Career Appointment on every Wednesday & Saturday

Classified Display on Every Tuesday and Friday

































# ସଂଘର୍ଷ କରି ହାରିଲା ଜଗରନଟ୍ସ

**ଭୁବନେଶ୍ୱର, ୩୧।୧୨**
**(ସରୋଜ ଜେନା)**

କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ। ରବିବାର

**ଅଲ୍‌ଟିମେଟ୍ ଖୋ ଖୋ**

ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ତେଲୁଗୁ ଯୋଦ୍ଧାସ ନିକଟରୁ ୨୯-୨୮ରେ ପରାଜିତ ହୋଇଛି। ଗୁଜରାଟ ଜାଏଣ୍ଟ୍ସ ନିକଟରୁ ଶନିବାର ପରାଜିତ ହୋଇଥିବା ବେଳେ ରବିବାର ସଂଘର୍ଷ କରିଥିଲେ ମଧ୍ୟ ପରାଜିତ ହୋଇଛି। ଓଡ଼ିଶା ଆରମ୍ଭରୁ ପଛୁଆ ରହିଥିଲେ ମଧ୍ୟ ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା।


ତେଲୁଗୁ ଯୋଦ୍ଧାସ୍ ଓ ଓଡ଼ିଶା ଜଗରନଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଜଗରନଟ୍ସ ଅଧିନାୟକ ଦୀପେଶ ମୋରେ ଚମତ୍କାର ପ୍ରଦର୍ଶନ କରିବା ସହ ଦଳକୁ ଏକ ଡ୍ରିମ୍ ରନ୍ ପ୍ରଦାନ କରିଥିଲେ। ତେବେ ଅନ୍ତିମ ରାଉଣ୍ଡରେ ଓଡ଼ିଶା ଶେଷ ସେକେଣ୍ଡରେ ୨ ପଏଣ୍ଟ ହାସଲ କରିଥିଲା। ତେବେ ରିଭ୍ୟୁରେ ଓଡ଼ିଶା ଏହି ପଏଣ୍ଟ ହରାଇବା ସହିତ ମ୍ୟାଚ ହାରି ଯାଇଥିଲା। ପ୍ରଥମ ଟର୍ନରେ ତେଲୁଗୁ ଯୋଦ୍ଧାସ ଆଟାକ୍‌ରୁ ୧୦ ପଏଣ୍ଟ ଅର୍ଜନ କରିଥିବା ବେଳେ ଜଗରନଟ୍ସ ୩ ପଏଣ୍ଟ ପାଇଥିଲା। ଜଗରନଟ୍ସ ଆଟାକରେ ୧୨ ପଏଣ୍ଟ ପାଇଥିବା ବେଳେ ଯୋଦ୍ଧାସ ୪ ପଏଣ୍ଟ ଡିଫେଣ୍ଡ କରିଥିଲେ। ଶେଷ ଦୁଇଟି ଟର୍ନରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ଡିଫେଣ୍ଡ କରିଥିବା ବେଳେ ଯୋଦ୍ଧାସ ଆଟାକ୍‌ରୁ ୧୪ ପଏଣ୍ଟ ଅର୍ଜନ କରିଥିଲେ।

# ହାପି ଇଲେଭେନ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳ।

**ଭୁବନେଶ୍ୱର, ୩୧।୧୨**
**(ସରୋଜ ଜେନା)**

**ସନ୍ତୋଷ ମେମୋରିଆଲ କ୍ରିକେଟ**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗଡ଼ ଗୋପୀନାଥ ପ୍ରସାଦ(ଜିଜିପି) ସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି କଟକର ହାପି ଇଲେଭେନ୍। ରବିବାର ଖେଳା ଯାଇଥିବା ଫାଇନାଲରେ ଦଳ ସନ୍ ଇଲେଭେନ୍‌କୁ ୫ ଉଇକେଟରେ ପରାସ୍ତ କରିଛି। ହାପି ଇଲେଭେନ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଲୁଲୁ ସ୍ୱାଇଁଙ୍କ ୨୪ ବଲ୍ ୪୬ ରନ୍ ବଳରେ ସନ୍ ଇଲେଭେନ୍ ୧୫ ଓଭରରେ ୭ ଉଇକେଟରେ ୧୭୨ ରନ୍ କରିଥିଲା। ଅଙ୍କେଶ ତିୱାରୀ ୨୬ ରନ୍ ବ୍ୟୟରେ ୩ ଉଇକେଟ ନେଇଥିଲେ। ଜବାବରେ ପାପାଲି ମିଶ୍ରଙ୍କ ୨୪ ବଲ୍ ୪୮ ରନ୍‌ର ଇନିଂସ ସହାୟତାରେ ୧୪.୩ ଓଭରରେ ୫ ଉଇକେଟରେ ୧୭୫ ରନ୍ ସଂଗ୍ରହ କରିଥିଲା ହାପି ଇଲେଭେନ୍। ପାପାଲି ମିଶ୍ରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିବା ବେଳେ ରଶ୍ମିରଞ୍ଜନ ଓଝା ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟର ଶୃଙ୍ଖଳିତ ଦଳ ଭାବରେ ଆମି ଇଲେଭେନକୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନମ୍ବର ୧୯ କର୍ପୋରେଟର ସ୍ମୃତିଶିଖା ବରିସାଲ, ସଞ୍ଜୟ ପାଇକରାୟ, ଭୁବନେଶ୍ୱର ଟ୍ରକ୍ ଆସୋସିଏଶନ ସଭାପତି ପ୍ରଦୀପ ବରିସାଲ ଓ ଗୀତାଞ୍ଜଳି ଆୱାର୍ଡସ ପରିଚାଳନା ନିର୍ଦ୍ଦେଶକ ବୁଦ୍ଧ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସିମରନଜିତ୍, ରଜନୀ ଅଧିନାୟକ

**ନୂଆଦିଲ୍ଲୀ, ୩୧।୧୨ (ପି.ଟି):** ମସ୍କଟରେ ଖେଳାଯିବାକୁ ଥିବା ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପ୍ ପାଇଁ ଭାରତୀୟ ପୁରୁଷ ଓ ମହିଳା ଦଳ ରବିବାର ଘୋଷଣା କରାଯାଇଛି। ସିମରନଜିତ୍ ସିଂଙ୍କୁ ପୁରୁଷ ଓ ରଜନୀ ଏଟିମାର୍ପୁଙ୍କୁ ମହିଳା ଦଳର ଅଧିନାୟକ ଘୋଷଣା କରାଯାଇଛି। ମହିଳା ବିଶ୍ୱକପ ଜାନୁୟାରୀ ୨୪-୨୭ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁରୁଷ ଟୁର୍ନାମେଣ୍ଟ ଜାନୁୟାରୀ ୨୮-୩୧ ମଧ୍ୟରେ ଆୟୋଜିତ ହେବ। ଅଭିଜ୍ଞ ଗୋଲକିପର ରଜନୀଙ୍କ ଡେପୁଟି ଭାବରେ ଡିଫେଣ୍ଡର ମହିମା ଚୌଧାରୀଙ୍କୁ ରଖାଯାଇଛି। ସେହିପରି ମନଦୀପ୍ ମୋରଙ୍କୁ ପୁରୁଷ ଦଳର ଉପ ଅଧିନାୟକ ରଖାଯାଇଛି। ମହିଳା ବର୍ଗରେ ଭାରତ ପୁଲ୍ ସି'ରେ ନାମିବ୍ୟା, ପୋଲାଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ସହ ସ୍ଥାନ ପାଇଛି।

# ଟାଇବ୍ରେକରରେ ସୋନପୁର ଚାମ୍ପିୟନ

**ଟାଙ୍ଗୀ, ୩୧।୧୨ (ରଘୁନାଥ ସାହୁ)**

କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋନପୁର ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ରବିବାର ସମ୍ବଲପୁର ଫୁଟ୍‌ବଲ କ୍ଲବକୁ ୮-୭ ଟାଇବ୍ରେକର୍‌ରେ ଦଳ ହରାଇଥିଲା। ପ୍ରଥମାର୍ଦ୍ଧର ୨୪ ମିନିଟ୍‌ରେ ସୋନପୁର ଟିମ୍‌ର ଭାବଗ୍ରାହୀ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୭ ମିନିଟରେ ସମ୍ବଲପୁର ଟିମ୍‌ର ବିଜୁ ଓରାମ ଗୋଟିଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକରରେ ୮-୭ ଗୋଲରେ ସୋନପୁର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ ପାଟଶାଣୀ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଉଦୟନ ରାଉତରାୟ, ହରିଶ୍ଚନ୍ଦ୍ର ନାଇଡୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନରଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସୁନୀଲ ମୁଣ୍ଡା, ଗଙ୍ଗା ଓରାମ, ବିଷ୍ଣୁ ଓରାମ, ବିଜୁ ଓରାମ, ଲକି ବୟ, ଭାବଗ୍ରାହୀ ପଡିହାରୀ, ଦୁବାଙ୍ଗଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ଆସୋସିଏଶନ ସମ୍ପାଦକ ମନୋଜ କୁମାର ମାନସିଂହ, ସହସମ୍ପାଦକ କମଳାକାନ୍ତ ସାମନ୍ତରାୟ, କେଦାରନାଥ ଦାସ, ବିପିନ କୁମାର ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଦଳ।

# ବାଙ୍କୁଆଳ ଦଳ ଚାମ୍ପିୟନ

**କଣ୍ଟାପଡ଼ା, ୩୧।୧୨**
**(ସୁରନାରାୟଣ ସାହୁ)**

ବ୍ରାହ୍ମଣସାଇଲୋସ୍ଥିତ ଭୁବନେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ପଡିଆରେ ଆୟୋଜିତ ୨ୟ ନିରଞ୍ଜନ-ବିଶ୍ୱନାଥ ସ୍ମାରକୀ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସୁନ୍ଦରଗ୍ରାମ ସ୍ପୋର୍ଟିଂକୁ ୮ ଉଇକେଟରେ ହରାଇ ମା' ଭଗବତୀ କ୍ରିକେଟ କ୍ଲବ ବାଙ୍କୁଆଳ ଦ୍ୱିତୀୟଥର ଚାମ୍ପିୟନ ହୋଇଛି। ଟସ୍‌ଜିତି ବ୍ୟାଟିଂ ନେଇଥିବା ସୁନ୍ଦରଗ୍ରାମ ସ୍ପୋର୍ଟିଂ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୧୮ ରନ କରିଥିଲା। ଦଳପକ୍ଷରୁ ଅଭୟ ମଲିକ ୫୮ ରନ କରିଥିଲେ। ଜବାବରେ ବାଙ୍କୁଆଳ ୧୬.୪ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମହାପାତ୍ର ୪୪ ବଲରୁ ୭ ଚୌକା ଓ ୭ ଛକା ସହାୟତାରେ ୮୫ ରନ କରିଥିଲେ। ପ୍ରାଚୀପ୍ରଜ୍ଞା ପରିଷଦର ସଭାପତି ଅଶ୍ୱିନୀ ମହାପାତ୍ର ଓ ସାମାଜିକ କର୍ମୀ ଅରୁଣ ସାହୁ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଓଡ଼ିଶା ରୋଲ ବଲ୍ ଦଳର ସଫଳତା

**ଭୁବନେଶ୍ୱର, ୩୧।୧୨ (ବିଜୟ ରଣା):** ଝାଡ଼ଖଣ୍ଡର ଜାମଶେଦପୁର ଅନ୍ତର୍ଗତ ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜାତୀୟ ପୂର୍ବାଞ୍ଚଳ ୧୪ ବର୍ଷରୁ କମ୍ ରୋଲ୍‌ବଲ୍ ଚାମ୍ପିୟନଶିପ୍ ଚଳିତ ମାସ ୨୯-୩୦ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳକ ଦଳ ଛତିଶଗଡ଼କୁ ୩-୨ଗୋଲ୍‌ରେ ପରାସ୍ତ କରି ପ୍ରଥମ ରନରଅପ୍ ଦଳ ଭାବେ ବ୍ରୋଞ୍ଜ ପଦକ ଜିତିଛି। ଅନ୍ୟପକ୍ଷରେ ବାଳିକା ଦଳ ଫାଇନାଲରେ ଆସାମକୁ ୫-୧ ଗୋଲ୍‌ରେ ହରାଇ ରନର-ଅପ୍ ହେବା ସହ ରୌପ୍ୟ ପଦକ ଲାଭ କରିଛି। ବାଳକ ଦଳ ପୁଲ୍ ପର୍ଯ୍ୟାୟରେ ଦଳ ଆସାମ ଓ ବିହାରକୁ ପରାସ୍ତ କରିଥିବା ବେଳେ ଝାଡ଼ଖଣ୍ଡଠାରୁ ପରାଜିତ ହୋଇଥିଲା। ଓଡ଼ିଶାର ପ୍ରତୀକ ଅର୍ନଭ ଜେନା ସର୍ବାଧିକ ୧୮ ଗୋଲ୍ ସ୍କୋର କରି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
୨୦୨୪
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧/୨୦୨୪ (୧୨+୮= ୨୦ ପୃଷ୍ଠା) Bhubaneswar, Monday, January 1/2024 Page 20

DSPL-498

ଆମ ଓଡ଼ିଶା ନବୀନ ଓଡ଼ିଶା



# ନୂଆ ଓଡ଼ିଶାରେ ଏକ ଯୁଗାନ୍ତକାରୀ ପଦକ୍ଷେପର ଶୁଭାରମ୍ଭ

# ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ (ପ୍ରଥମ ପର୍ଯ୍ୟାୟ)

## ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ରୁ ତ୍ରିଶୁଳିଆ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ
୧ ଜାନୁୟାରୀ ୨୦୨୪, ପୂର୍ବାହ୍ନ ୧୧:୩୦ ଘଟିକା



## ନୂଆ ଓଡ଼ିଶା - ରୂପାନ୍ତରିତ ଓଡ଼ିଶା

- 5T ସୁଶାସନ ଅନ୍ତର୍ଗତ ରାଜଧାନୀ ଅଞ୍ଚଳର ପରିବହନ ବ୍ୟବସ୍ଥାକୁ ରୂପାନ୍ତରଣ ପାଇଁ ଏକ ପଦକ୍ଷେପ
- ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଏବଂ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ
- ୬୨୫୫ କୋଟି ଟଙ୍କା ବିନିଯୋଗରେ ଓଡିଶା ସରକାରଙ୍କ ଏହି ପ୍ରକାର ପ୍ରଥମ ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ପ୍ରକଳ୍ପ
- ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ୨୬ କି.ମି. ବିଶିଷ୍ଟ ମେଟ୍ରୋ ରେଳ ପଥ
- କ୍ୟାପିଟାଲ ହସ୍ପିଟାଲ୍, ରାଜମହଲ, ଜୟଦେବ ବିହାର ଏବଂ ପଟିଆ ଛକ ସମେତ ୨୦ ଟି ଷ୍ଟେସନ
- ମେଟ୍ରୋ ରେଳ ଟ୍ରାକ୍ ଏବଂ ଷ୍ଟେସନଗୁଡିକ ଭୂଉଚ୍ଚ ପୋଲ ବିଶିଷ୍ଟ ଢାଞ୍ଚାରେ ନିର୍ମିତ ହେବ
- ଅତ୍ୟାଧୁନିକ କୋଚ୍ ଏବଂ ସିଗନାଲ୍ ବ୍ୟବସ୍ଥା
- ଉନ୍ନତ ଟିକେଟ୍ ବ୍ୟବସ୍ଥା

OIPR-13252/13/0002/2324

ରୁଷିଆ-ୟୁକ୍ରେନ୍‌ର ଯୁଦ୍ଧ ଛାୟା ଏବଂ ଇସ୍ରାଏଲ-ହମାସ୍ ସଂଘର୍ଷ ଘନଘଟା ସହ ମୁଦ୍ରାସ୍ଫୀତି ଓ ମାନ୍ଦାବସ୍ଥା ଭୟ। କେଉଁଠି ମରୁଡ଼ି ତ ପୁଣି କେଉଁ ଦେଶରେ ଭୂକମ୍ପ, ବନ୍ୟା ଓ ତଦ୍‌ଜନିତ ବିପର୍ଯ୍ୟୟ। କୋଭିଡ୍-୧୯ ଭୂତାଣୁର ଲେଉଟାଣି ବେଳେ ଭୂରାଜନୈତିକ ଅସ୍ଥିରତା। ଏହା ଭିତରେ ୩୧ ମଧ୍ୟରାତ୍ରିରେ ବଦଳିଯାଇଛି କ୍ୟାଲେଣ୍ଡର। ନୂତନ ବର୍ଷ ୨୦୨୪କୁ ସ୍ୱାଗତ କରିଛନ୍ତି ବିଶ୍ୱବାସୀ। ଏଥିରୁ ବାଦ୍ ପଡ଼ିନାହାନ୍ତି ୧,୪୩୫,୧୬୧,୮୭୯ ଭାରତୀୟ। ନବବର୍ଷରେ ନୂଆ ସୂର୍ଯ୍ୟୋଦୟ। ବିଶେଷକରି ଭାରତୀୟ ରାଜନୀତି ପାଇଁ ଏହି ବର୍ଷ ଅନେକ ଗୁରୁତ୍ୱ ବହନ କରେ। କାରଣ ମାସ କେଇଟା ଭିତରେ ଆସୁଛି ଲୋକ ସଭା ନିର୍ବାଚନ। ସାଧାରଣ ନିର୍ବାଚ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ସମ୍ମାନର ବିଷୟ ହୋଇଥିବାବେଳେ କଂଗ୍ରେସ ଓ ବିରୋଧୀ ବ୍ଲକ୍ ଇଣ୍ଡିଆ (ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ) ଲାଗି ଅସ୍ତିତ୍ୱର ପ୍ରଶ୍ନ। ଏହାସହ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା, ସିକିମ, ଜମ୍ମୁ ଓ କଶ୍ମୀର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବ ନୂଆବର୍ଷରେ। ଏସବୁ ଦୃଷ୍ଟିରୁ ୨୦୨୪ ଉପରେ ରହିବ ସମସ୍ତଙ୍କ ନଜର।

# ଚବିଶ ରାଜନୀତି



ଲଗାତର ୨ଟି ସାଧାରଣ ନିର୍ବାଚନରେ ଅଭୂତପୂର୍ବ ସଫଳତା ହାସଲ କରି ଭାଜପାକୁ କ୍ଷମତାସୀନ କରାଇବାରେ ସକ୍ଷମ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ କରିସ୍ମା ତାଙ୍କୁ ଆଉ ଏକ ବୃହତ୍ ବିଜୟର ଦ୍ୱାରଦେଶରେ ଛିଡ଼ା କରାଇଛି। ଏପ୍ରିଲ-ମେ’ ଆଡ଼କୁ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ସଫଳତାକୁ ସୁନିଶ୍ଚିତ କରିବା ଭଳି ଅନେକ ପୁଞ୍ଜି ରହିଛି ଭାଜପା ନିକଟରେ। ବିଶେଷକରି ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶର ମଡେଲ ଏବଂ ସେସବୁକୁ ନେଇ ଧୂଆଁଧାର ପ୍ରଚାର ଦେଖି ଭାରତୀୟ ଭୋଟର ଆବିଭୂତ ହୋଇଯାଇଛନ୍ତି, ଯାହାର ପ୍ରମାଣ ଦେଇଛି ନିକଟରେ ଅନୁଷ୍ଠିତ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ନିର୍ବାଚନର ଫଳାଫଳ। ମୋଦିଙ୍କ ଯାଦୁକରୀ ବ୍ୟକ୍ତିତ୍ୱ ଆଗରେ ଫିକା ପଡ଼ିଯାଇଛି ବିରୋଧୀଙ୍କ ସବୁ କୌଶଳ। ଇତିମଧ୍ୟରେ ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୨୨ରେ ହେବାକୁ ଯାଉଛି। ଏହି ମହୋତ୍ସବ ୨୦୨୪ ନିର୍ବାଚନରେ ଭାଜପା ପାଇଁ ଅମ୍ଳଜାନ ଭଳି କାମ କରିବ। ଏଥିରୁ ସଂଖ୍ୟାଗରିଷ୍ଠ ହିନ୍ଦୁ ଭୋଟ ମିଳିପାରେ। ଦେଶର ୧୭% ଦଳିତମାନଙ୍କ ସମର୍ଥନ ହାସଲ ପାଇଁ ମୋଦି ସରକାର ଅଯୋଧ୍ୟାରେ ନବନିର୍ମିତ ଶ୍ରୀରାମ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ନାମ ବଦଳାଇ ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନବନ୍ଦର ରୂପେ ଏହାର ନୂଆ ନାମକରଣ କଲେ ଉଦ୍‌ଘାଟନର ଅବ୍ୟବହିତ ପୂର୍ବରୁ। ବାକି ରହିଲା ୧୪% ମୁସଲିମ୍ ଭୋଟ କଥା। ସଂଖ୍ୟାଲଘୁ ମହିଳା ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଭାଜପା ଜାନୁୟାରୀରୁ ନୂଆ ଅଭିଯାନ ଆରମ୍ଭ କରିବାକୁ ଯାଉଛି, ‘ଶୁକ୍ରିୟା ମୋଦି ଭାଇଜାନ’।



## ହ୍ୟାଟ୍ରିକ୍ ଆଶାରେ ମୋଦି

ଅନ୍ୟପକ୍ଷେ କଂଗ୍ରେସ ହାତରୁ ରାଜସ୍ଥାନ ଓ ଛତିଶଗଡ଼ ଖସିଯାଇଥିଲେ ସୁଦ୍ଧା ତେଲଙ୍ଗାନାରେ ଦଳର ବିଜୟ ନେତା ଏବଂ କର୍ମୀଙ୍କୁ ସ୍ୱାନ୍ତନା ଦେଇଛି। ଅଷ୍ଟାଦଶ ଲୋକ ସଭା ନିର୍ବାଚନ କଂଗ୍ରେସ ପାଇଁ ମେକ୍-ଅର୍-ବ୍ରେକ୍ ସ୍ଥିତିରେ ଛିଡ଼ା କରାଇଛି। ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସ୍ଥାନ ଛଡ଼ାଇନେବାକୁ ଅଣ୍ଟା ଭିଡ଼ିଥିବାବେଳେ ତାଙ୍କ ବଂଶଜ ରାହୁଲ ଗାନ୍ଧୀ ନିଜ ଜୀବନର ସବୁଠୁ ବଡ଼ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଦଳିତ ଚେହେରା ମଲ୍ଲିକାର୍ଜୁନ ଖାର୍ଗେ କଂଗ୍ରେସର ମଙ୍ଗ ଧରିଥିଲେ ହେଁ ପ୍ରକୃତ ଚାବିକାଠି ଯେ, ନେହେରୁ-ଗାନ୍ଧୀ ପରିବାର ହାତରେ ରହିଛି ସେକଥା କାହାକୁ ଅଛପା ନୁହେଁ। ଏଭଳି ସ୍ଥିତିରେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ର ଜନାଦେଶ ରାହୁଲଙ୍କ ମୂଲଚାଲ କ୍ଷମତାକୁ ଦୁର୍ବଳ କରିଦେଇଛି। ସମ୍ଭବତଃ ଏଇ କାରଣରୁ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଭାଗୁଆଳି ଦଳଗୁଡ଼ିକ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ କରାଇବାକୁ ଚାହୁଁ ନାହାନ୍ତି। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଦିଲ୍ଲୀ ପ୍ରତିପକ୍ଷ ଅରବିନ୍ଦ କେଜ୍‌ରିୱାଲ ଖାର୍ଗେଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ପ୍ରସ୍ତାବ ଦେଇ ରାହୁଲଙ୍କ ବାଟ ଓଗାଳିବାକୁ ଉଦ୍ୟମ କରିଥିଲେ। ଅବଶ୍ୟ ଏହା ପଛରେ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ଓ ଆମ୍ ଆଦ୍‌ମୀ ପାର୍ଟି ମୁଖିଆ କେଜ୍‌ରିୱାଲଙ୍କ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ମଧ୍ୟ ଥାଇପାରେ। ଇଣ୍ଡିଆ ପାଇଁ ସବୁଠୁ ବଡ଼ ଆହ୍ୱାନ ହେବ ୫୪୩ ଆସନରେ ମେଣ୍ଟ ପକ୍ଷରୁ ଜଣେ ଲେଖାଏ ପ୍ରାର୍ଥୀ ଛିଡ଼ା କରାଇବା। କାରଣ ପଶ୍ଚିମବଙ୍ଗରେ ଟିଏମ୍‌ସି କଂଗ୍ରେସକୁ ଆପଣାଇପାରେ, କିନ୍ତୁ ବାମପନ୍ଥୀଙ୍କୁ ବରଦାସ୍ତ କରିବ ନାହିଁ। କେରଳରେ କ୍ଷମତାସୀନ ବାମପନ୍ଥୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ସେଠାରେ ମଧ୍ୟ ପ୍ରାର୍ଥୀ ଚୟନ ନେଇ ଇଣ୍ଡିଆକୁ ବିଷମ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଏସବୁ ଭିତରେ ରାହୁଲ ଜାନୁୟାରୀ ୧୪ରେ ‘ଭାରତ ନ୍ୟାୟ ଯାତ୍ରା’ ନାମରେ ଆଉ ଏକ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି।



## ନ୍ୟାୟ ଯାତ୍ରାରେ ରାହୁଲ

ଏହି ଯାତ୍ର ଜାନୁୟାରୀ ୧୪ରୁ ମଣିପୁରରୁ ମୁମ୍ବାଇ ଅଭିମୁଖେ ବାହାରି ମାର୍ଚ୍ଚ ୨୦ରେ ଶେଷ ହେବ। ଏହା ମଧ୍ୟରେ ରାହୁଲ ୧୪ ରାଜ୍ୟର ୮୫ ଜିଲା ଦେଇ ଯାତ୍ରା କରିବେ। ୱାୟନାଡ୍ ଏମ୍‌ପି ରାହୁଲ ‘ଭାରତ ନ୍ୟାୟ ଯାତ୍ରା’ରେ ୬,୨୦୦ କି.ମି. ବୁଲିବେ। ଏହା ପୂର୍ବରୁ ୨୦୨୨ ସେପ୍ଟେମ୍ବର ୭ରେ କଂଗ୍ରେସର ‘ଭାରତ ଯୋଡ଼ୋ ଯାତ୍ରା’ ଆରମ୍ଭ ହୋଇଥିଲା। ଉକ୍ତ ଅଭିଯାନରେ ରାହୁଲ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ୪,୦୦୦ରୁ ଊର୍ଦ୍ଧ୍ୱ କି.ମି. ୧୩୬ ଦିନ ଧରି ପଦଯାତ୍ରା କରିଥିଲେ। ‘ଭାରତ ଯୋଡ଼ୋ ଯାତ୍ରା’ ବେଳେ ସେ ଆର୍ଥିକ ଅସମାନତା, ଧ୍ରୁବୀକରଣ ଓ ଏକଛତ୍ରବାଦ ଭଳି ପ୍ରସଙ୍ଗ ଉଠାଇଥିଲେ। ଏଥର ‘ନ୍ୟାୟ ଯାତ୍ରା’ରେ ରାହୁଲ ସାମାଜିକ, ଦେଶବାସୀଙ୍କ ପାଇଁ ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଉପରେ ଗୁରୁତ୍ୱ ଦେବେ। ଲୋକ ସଭା ନିର୍ବାଚନ ପୂର୍ବରୁ ଜନ ସମର୍ଥନ ହାସଲ ପାଇଁ ଏହାକୁ କଂଗ୍ରେସର ଉଦ୍ୟମ ରୂପେ ଦେଖାଯାଉଛି।

## କ’ଣ କରିବେ କେଜ୍‌ରିୱାଲ, ନୀତୀଶ



କଂଗ୍ରେସ ପରେ ସର୍ବାଧିକ ୨ଟି ରାଜ୍ୟରେ କ୍ଷମତାସୀନ ଥିବା ଦଳ ହେଉଛି ଏଏପି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ପଞ୍ଜାବରେ ମଧ୍ୟ କ୍ଷମତାସୀନ ହୋଇଛି। ଅନ୍ୟ କେତୋଟି ରାଜ୍ୟରେ ନିର୍ବାଚନ ଲଢ଼ିସାରିଥିବା ଏଏପି ୨୦୨୪ରେ ଜାତୀୟ ରାଜନୀତିରେ ବଡ଼ ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇଛି।

ଇଣ୍ଡିଆ ବ୍ଲକ୍‌ର ମୂଳଦୁଆ ପକାଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିରୋଧୀ ମେଣ୍ଟରେ ଆଶାନୁରୂପ ସମ୍ମାନ ନ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ଚିନ୍ତା କରୁଛନ୍ତି। ଇତିମଧ୍ୟରେ ନୀତୀଶ ରାଜୀବ ରଞ୍ଜନ ସିଂଙ୍କଠାରୁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ପଦ ନିଜ ପାଖକୁ ନେଇ ଜାତୀୟ ରାଜନୀତିରେ ପତିଆରା ବୃଦ୍ଧିର ସଙ୍କେତ ଦେଇଛନ୍ତି। ତେଣୁ ତାଙ୍କ ଆଗାମୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

























































ଧରିତ୍ରୀ
DHARITRI
ଧରିତ୍ରୀ 50 Years
୨୦୨୪ର ଶୁଭେଚ୍ଛା
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧/୨୦୨୪ | Bhubaneswar, Monday, January 1/2024 | ପୃଷ୍ଠା-୧

ଭିତର ପୃଷ୍ଠାରେ: ବାର୍ଷିକ ରାଶିଫଳ (ପୃଷ୍ଠା-୨) / ସିନେ କ୍ୟାଲେଣ୍ଡର (ପୃଷ୍ଠା-୩)

# ପିକ୍‌ନିକ୍ ବସ୍ ଓଲଟି ୫୦ ଆହତ

## ନୂଆବର୍ଷ ପୂର୍ବରୁ ଅଘଟଣ

ଦିଗପହଣ୍ଡି,/ ମୋହନା/ ପୁରୁଷୋତ୍ତମପୁର, ୩୧।୧୨ (ଅଶେଷ ମିଶ୍ର/ ମନ୍ମଥ ମିଶ୍ର/ ସୀମାଞ୍ଚଳ ମିଶ୍ର)

ନୂଆବର୍ଷ ପୂର୍ବରୁ ରବିବାର ପୃଥକ ସ୍ଥାନରେ ପିକ୍‌ନିକ ବସ୍ ଓଲଟି ୫୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆହତ ହୋଇଛନ୍ତି। ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଓ ଦିଗପହଣ୍ଡି ନିକଟସ୍ଥ ତପ୍ତପାଣି ଘାଟି ଠାରେ ଏହି ଦୁର୍ଘଟଣା ଘଟିଛି। ତପ୍ତପାଣି ଘାଟିରେ ବସ୍ ଓଲଟି ୪୦ଜଣ ଆହତ ହୋଇଥିବା ବେଳେ ପୁରୁଷୋତ୍ତମପୁରଠାରେ ୧୦ଜଣ ଆହତ ହୋଇଛନ୍ତି। ଉଭୟ ଦୁର୍ଘଟଣାରେ ୧୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି।

ସୂଚନା ଅନୁସାରେ, ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପଟଣା ଗ୍ରାମରୁ ୬୦ଜଣ ଯାତ୍ରୀ ଏକ ଘରୋଇ ବସ୍ (ଓଆର୍-୨୨ଇ-୩୯୯୯)ରେ ଶନିବାର ରାତିରେ ଗଜପତି ଜିଲା ଜିରାଙ୍ଗ ପର୍ଯ୍ୟଟନସ୍ଥଳୀକୁ ପିକ୍‌ନିକ୍ କରିବାକୁ ଆସିଥିଲେ। ରବିବାର ଅପରାହ୍ନରେ ପିକ୍‌ନିକ୍ ସାରି ଫେରୁଥିବା ବେଳେ ତପ୍ତପାଣି ଘାଟିଠାରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।


ପୁରୁଷୋତ୍ତମପୁରଠାରେ ଓଲଟି ପଡ଼ିଥିବା ବସ୍।

ଫଳରେ ପ୍ରାୟ ୪୦ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମନୋଜ କୁମାର ଦାସ(୩୮), ରବୀନ୍ଦ୍ର କୁମାର ଦାସ(୩୭), ସୁଜନ୍ ବାରିକ୍(୧୮), ଶ୍ରମିଳା ନାଥ(୨୨), ରଞ୍ଜିତା ବେହେରା, ମାନସ ବେହେରା, ନିରୁପମା ପୃଷ୍ଟି(୪୦), ଗୌର ପୃଷ୍ଟି(୧୮), ଅଜୟ କୁମାର ପାତ୍ର(୪୫), ଅସିତ୍ କୁମାର ପାତ୍ର, ପ୍ରିୟଙ୍କା ସାହୁ(୧୯), ସୁଶାନ୍ତ ସାହୁ(୩୯)ଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ତହସିଲଦାର, ବିଡିଓ ଏବଂ ପୋଲିସ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧାନ କରୁଛନ୍ତି।

ସେହିପରି ପୁରୁଷୋତ୍ତମପୁର ଥାନା ବାଲିଆ ଛକ ନିକଟରେ ଏକ ବସ୍ ଓଲଟି ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଗୁରୁତର ହୋଇଛନ୍ତି। ଭଦ୍ରକ ଜିଲା ଅନ୍ନପାଳରେ ଥିବା ଉତ୍କଳ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟର ପ୍ରାୟ ୪୦ ଛାତ୍ରୀଛାତ୍ର ଶନିବାର ରାତିରେ ଏକ ଘରୋଇ ବସ୍ (ଓଡି ୨୨ ଏଚ୍ ୮୫୧୫)ରେ ତାରାତାରିଣୀ ପୀଠକୁ ଆସି ରବିବାର ମା'ଙ୍କ ଦର୍ଶନ କରିଥିଲେ। ରବିବାର ସକାଳେ ସେମାନେ ଚିଲିକା ଅଭିମୁଖେ ଯିବା ବେଳେ ବାଲିଆ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ସେମାନେ ହେଲେ ଭଦ୍ରକ ଚୁନିନ୍ଦା ଗ୍ରାମର ମଧୁସ୍ମିତା ସାହୁ, କର୍ଣ୍ଣବେଳର ଚିନ୍ମୟୀ ବେହେରା, ଦମୟନ୍ତୀ ନାୟକ, ଅପନାର କୁଦେଇ କୁମାର ସାହୁ, ଅର୍ଣ୍ଣପାଳ ଗ୍ରାମର ସ୍ୱପ୍ନାବତୀ ମାହାଳିକ, ବାଦଲ ମାହାଳିକ, ସନ୍ତୋଷ କୁମାର ବେହେରା, ଦୀପା ବେହେରା, ଅକ୍ଷୟ ପୃଷ୍ଟି, ହରିପୁର ଗ୍ରାମର ଭକ୍ତିଚନ୍ଦନ ବିଶ୍ୱାଳ। ମଧୁସ୍ମିତା, ଅକ୍ଷୟ ଓ କୁଦେଇଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ବାଲିଆର ସାମାଜିକ କର୍ମୀ ଏନ. ରାମରନ୍ଦ୍ର ରେଡ୍ଡି, ଏନ. କେନପୁର ସରପଞ୍ଚ ରାଜଲକ୍ଷ୍ମୀ ବେହେରା, ସମିତି ସଭ୍ୟା ସାରଳା ବେହେରା ପ୍ରମୁଖ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ସେମାନଙ୍କୁ ଘରକୁ ପଠାଇବାର ବ୍ୟବସ୍ଥା କରିଛନ୍ତି। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ସମୀର କୁମାର ରାଉତ ପ୍ରମୁଖ ଘଟଣାର ତଦନ୍ତ କରୁଛନ୍ତି।

# ଅରବିନ୍ଦ ପାନଗାରିଆ ନୂଆ ଅର୍ଥ କମିଶନ ମୁଖ୍ୟ



ନୂଆଦିଲ୍ଲୀ,୩୧।୧୨

କେନ୍ଦ୍ର ସରକାର ରବିବାର ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିଆଙ୍କୁ ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ସଂଘୀୟ ଟିକସ ରାଜ୍ୟଗୁଡ଼ିକ ମଧ୍ୟରେ କିପରି ବଣ୍ଟନ କରାଯିବ, ତାହା ନୂଆ ଅର୍ଥ କମିଶନ ସୁପାରିସ କରିବେ। ୨୦୨୫ ଅକ୍ଟୋବର ୩୧ ସୁଦ୍ଧା କମିଶନ ଏ ସମ୍ପର୍କିତ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ। ୨୦୨୬ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଥିବା ନୂଆ ପଞ୍ଚବାର୍ଷିକ ଯୋଜନାରୁ ଏହା ଲାଗୁ ହେବ। ବର୍ତ୍ତମାନ ଭାରତ ରାଜ୍ୟଗୁଡ଼ିକ ସହ ୪୨% ଟିକସ ଶେୟାର କରୁଛି। ଏଭଳି ସୂତ୍ର ବାହାର କରିବା ପାଇଁ କେନ୍ଦ୍ର ସରକାର ପ୍ରତି ୫ ବର୍ଷରେ ଏକ ଅର୍ଥ କମିଶନ ପ୍ରତିଷ୍ଠା କରିଥାଆନ୍ତି।

# ଛତିଶଗଡ଼ ପାଇଁ ଓଡ଼ିଶାକୁ ବଳି

## କେନ୍ଦ୍ରର ମାଓବାଦ ଦମନ ଯୋଜନା

### ଓଡ଼ିଶାରୁ ଯିବେ ୩,୦୦୦ ଯବାନ

ନୂଆଦିଲ୍ଲୀ,୩୧।୧୨ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଛତିଶଗଡ଼ରେ ମାଓବାଦ ଦମନ ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ମୁତାବକ ଓଡ଼ିଶାର ମାଲକାନଗିରି ସୀମାନ୍ତ ଅଞ୍ଚଳରୁ ୩,୦୦୦ ଯବାନଙ୍କୁ ସେଠାକୁ ପଠାଯିବ। ସେମାନଙ୍କୁ ଅବୁଝମାଡ଼ ଅଞ୍ଚଳରେ ମୁତୟନ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଲାଲ୍ ଆତଙ୍କ ଥମି ନ ଥିବାବେଳେ ନିକଟରେ ଭାଜପା କ୍ଷମତାସୀନ ହୋଇଥିବା ଛତିଶଗଡ଼କୁ ଏଠାରୁ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ୩ ବାଟାଲିୟନ୍ ଯବାନଙ୍କୁ ପଠାଗଲେ ରାଜ୍ୟରେ ସ୍ଥିତି ବିଗିଡ଼ିବା ଆଶଙ୍କା କରାଯାଉଛି। ୨୦୨୪ ଲୋକ ସଭା ନିର୍ବାଚନ ବେଳେ ଛତିଶଗଡ଼ରେ ବିଧାନସଭା ନିର୍ବାଚନର ସଫଳତା ଦୋହରାଇବା ପାଇଁ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

ଗତ ୧ ତାରିଖରେ ଝାଡ଼ଖଣ୍ଡର ହଜାରିବାଗରେ ବିଏସ୍ଏଫ୍‌ର ୫୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶରୁ ମାଓବାଦର ମୂଳପୋଛ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଲେଫ୍ଟ ୱିଙ୍ଗ୍ ଏକ୍ସଟ୍ରିମିଜମ୍ (ଏଲ୍‌ଡବ୍ଲ୍ୟୁଇ)କୁ ଶେଷ କରିବା ପାଇଁ ନୂଆ ଅପରେଶନାଲ ବ୍ଲୁପ୍ରିଣ୍ଟ ନେଇ ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି, ମାଓବାଦୀମାନେ ଛତିଶଗଡ଼ର ବସ୍ତର କରିଡରରୁ ଓଡ଼ିଶାର ମାଲକାନଗିରି, କୋରାପୁଟ ଓ କନ୍ଧମାଳକୁ ଯିବାଆସିବା କରୁଛନ୍ତି। ତେଣୁ ଛତିଶଗଡ଼ର ନାରାୟଣପୁର ଜିଲାରେ ୬ଟି ନୂଆ କମ୍ପାନୀ ଅପରେଟିଂ ବେସ୍ (ସିଓବି) ପ୍ରତିଷ୍ଠା ପାଇଁ ବିଏସ୍ଏଫ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଛତିଶଗଡ଼ର ଦଣ୍ଡକାରଣ୍ୟ ସ୍ପେଶାଲ ଜୋନ୍ କମିଟି ନେତୃତ୍ୱରେ ସିପିଆଇ (ମାଓବାଦୀ)ର ୮୦୦-୯୦୦ ସକ୍ରିୟ କ୍ୟାଡର ଥିବାବେଳେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍)ରେ ୨୪୨ କ୍ୟାଡର ସକ୍ରିୟ ରହିଛନ୍ତି। ୨୪୨ ଜଣଙ୍କ ମଧ୍ୟରୁ ୧୩ ଓଡ଼ିଶାର ହୋଇଥିବାବେଳ ଅବଶିଷ୍ଟ ଛତିଶଗଡ଼ର। ତେଣୁ ଛତିଶଗଡ଼ରେ 'କଗାର' ଅପରେଶନ ନାମରେ ମାଓବାଦ ଦମନକୁ ଜୋର୍‌ଦାର କରାଯିବ। ଜାନୁୟାରୀରେ ବିଭିନ୍ନ ସୁରକ୍ଷା ଏଜେନ୍ସିକୁ ନେଇ ଏହା ଉପରେ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ୨୦୧୮ରୁ ଛତିଶଗଡ଼ରେ କଂଗ୍ରେସ ସରକାର ଚାଲିଥିଲା। ରାଜ୍ୟ ବିଧାନସଭାର ୯୦ ଆସନ ପାଇଁ ଗତ ନଭେମ୍ବର ୭ ଓ ୧୭ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ଓ ମିଜୋରାମରେ ଗୋଟିଏ ଲେଖାଏ ପର୍ଯ୍ୟାୟରେ ନିର୍ବାଚନ ହୋଇଥିବାବେଳେ ମାଓବାଦୀ ପ୍ରଭାବିତ ଛତିଶଗଡ଼ରେ ୨ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଇଥିଲା। ଜଗଦଲପୁରରେ ପ୍ରଚାର ବେଳେ ଭାଜପା ନେତା ଅମିତ ଶାହା କହିଥିଲେ, କଂଗ୍ରେସ ମାଓବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ସେମାନେ ହିଂସାକାଣ୍ଡ ଭିଆଉଛନ୍ତି। ଭାଜପା ଜିତିଲେ ଛତିଶଗଡ଼ରୁ ମାଓବାଦର ମୂଳପୋଛ ହୋଇଯିବ। ତେଣୁ ଶାହା ନିଜ ପ୍ରତିଶ୍ରୁତି ରଖିବାକୁ ଯାଇ ଓଡ଼ିଶାକୁ ବଳି ପକାଉନାହାନ୍ତି ତ ବୋଲି ପ୍ରଶ୍ନ ଉଠିଲାଣି।

# ଚିଲିକାରେ ୯ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ

- ଜାନୁୟାରୀ ୪ରେ ପକ୍ଷୀ, ୨୦ରେ ଡଲଫିନ୍ ଗଣନା
- ସାମିଲ ହେବେ ୨୧ ଟିମ୍

ବାଲୁଗାଁ,୩୧।୧୨ (ସଂଗ୍ରାମ ପାଇକରାୟ)



ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସୁଦୂର ବରଫାବୃତ୍ତ ରାଷ୍ଟ୍ରାଞ୍ଚଳରୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବାରେ ଲାଗିଛି। ରବିବାର ସୁଦ୍ଧା ଚିଲିକାରେ ୧୧୮ ପ୍ରଜାତିର ୯ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ୟୁରାସିଆନ୍ ୟୁଜିୟନ ପ୍ରଜାତିର ୧ଲକ୍ଷ ୨୦ହଜାର, ନର୍ଦ୍ଦର୍ନ ପିଣ୍ଟେଲ ୮୧ହଜାର, ଗଡୱାଲ ୭୫ହଜାର, ସୋଭଲର ୬୫ହଜାର ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ପକ୍ଷୀ ୩୫୦ଟି ଦୃଷ୍ଟିଗୋଚର ହୋଇଛନ୍ତି। ପ୍ରତିବର୍ଷ ଭଳି ଜାନୁୟାରୀ ୪ରୁ ଚିଲିକାରେ ପକ୍ଷୀ ଗଣନା ଏବଂ ୨୦ ତାରିଖରେ ଇରାୱାଡି ପ୍ରଜାତିର ଡଲଫିନ୍ ଗଣନା ହେବ ବୋଲି ରବିବାର ବାଲୁଗାଁ ଚିଲିକା କୂଳସ୍ଥିତ ବନ୍ୟପ୍ରାଣୀ ବିଭାଗୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଏଫ୍ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି।

ଆସନ୍ତା ୩ ତାରିଖରେ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ରଠାରେ ପକ୍ଷୀ ଗଣନାକାରୀଙ୍କୁ ତାଲିମ ଦିଆଯିବ। ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ବାଲୁଗାଁ, ଟାଙ୍ଗୀ, ରମ୍ଭା, ସାତପଡ଼ା ଏବଂ ଚିଲିକା ଅଞ୍ଚଳରେ ଏହି ପକ୍ଷୀ ଗଣନା ହେବ। ଚିଲିକାକୁ ମୋଟ୍ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇ ୨୧ଟି ଗଣନାକାରୀ ଗ୍ରୁପଙ୍କୁ ସାମିଲ କରାଯିବ। ୪ ତାରିଖ ଭୋରୁ ୨୧ଟି ଗଣନାକାରୀ ଟିମ୍ ଗଣନା କରିବେ। ପ୍ରତି ଟିମ୍‌ରେ ଜଣେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୫ଜଣ ସଦସ୍ୟ ରହିବେ। ପ୍ରତ୍ୟେକ ଟିମ୍‌କୁ ଗଣନା କାର୍ଯ୍ୟ ପାଇଁ ଜିପିଏସ୍, ବାଇନାକୁଲାର ଓ ୱାକିଟକି ଯୋଗାଇ ଦିଆଯିବ। ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯିବ। ସେହିପରି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୦ତାରିଖରେ ଚିଲିକାରେ ଡଲଫିନ୍ ଗଣନା ହେବ। ଏଥିପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୮ଟି ଗ୍ରୁପ୍ ଏହି ଡଲଫିନ ଗଣନାରେ ନିୟୋଜିତ ହେବେ। ୧୯ତାରିଖରେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ତେବେ ପକ୍ଷୀ ଏବଂ ଡଲଫିନ୍‌ଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ ସେଥିପାଇଁ ଗଣନାର ଦୁଇଦିନ ପୂର୍ବରୁ ନଳବଣ ଏବଂ ଡଲଫିନ୍ ଅଭୟାରଣ୍ୟ ସାତପଡ଼ା ଅଞ୍ଚଳକୁ ଡଙ୍ଗା ଚଳାଚଳ ଏବଂ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ସାତପଡ଼ାରେ ୮ଟି ଏବଂ ବାଲୁଗାଁରେ ୧୦ଟି ଟିମ୍ ଡଲଫିନ୍ ଗଣନା କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।









## ମେଷ

ଦେବଗୁରୁଙ୍କ ଦିବ୍ୟଦୃଷ୍ଟିରୁ ସୁନ୍ଦର ସୁଲଳିତ ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଶିକ୍ଷା ସନ୍ତାନ ଓ ସମ୍ପର୍କକାମୀଙ୍କ ପାଇଁ ନିଃସ୍ୱାର୍ଥପର ମିତ୍ରତା ସକାଶେ ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି ହେବ। ଉଚ୍ଚଶିକ୍ଷା, ନବଜାତସନ୍ତାନ, ତତ୍ ହେତୁକ ଗୌରରବପ୍ରାପ୍ତି ତଥା ଉଦ୍ୟମୀଙ୍କ ସୌଭାଗ୍ୟ ନୁଆ ବର୍ଷରେ ସ୍ମରଣୀୟ ରହିବ। ବିଦେଶ ଯାତ୍ରା, ବାଣିଜ୍ୟ,ବ୍ୟବସାୟ, ପରିବହନ,ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କ୍ଷେତ୍ରରେ ଶୀର୍ଷରେ ରହିବେ। ଶନିଙ୍କ ଆଶୀର୍ବାଦରୁ ଗଣତନ୍ତ୍ରର ସ୍ୱର୍ଣ୍ଣକଳସ ରାଜନୈତିକସ୍ଥିତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ପଦୋନ୍ନତି,ସରକାରୀ ସ୍ତରରେ ସମସ୍ୟା ସମାଧାନ,ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ପରୀକ୍ଷା, ଇଣ୍ଟରଭ୍ୟୁ, ମାଙ୍ଗଳିକ କାମ, ନୂତନ ପ୍ରକଳ୍ପ ଆରମ୍ଭ, କୃଷି, ବାଣିଜ୍ୟ ପାଇଁ ସମୟ ବିଶେଷ ଅନୁକୂଳ ରହିବ। ଗୃହୋପଯାଗୀ ଜମିଜମା, ନୂତନ ଯାନବାହନ, ନୃତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ କ୍ରୀଡ଼ାରୁ ସୁନାମ, ଋଣ ପରିଶୋଧ, କଚେରି ମାମଲାରେ ବିଜୟ, ଗବେଷଣା ଓ ରଚନାତ୍ମକ କାମରେ ପୁରସ୍କୃତ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନିର୍ବାହ କରିପାରନ୍ତି। ଅଶ୍ୱିନୀ ମେଷ,(୧/୧) – ଅତ୍ୟଧିକ ଖଟଣିଜନିତ ଶାରୀରିକ ଅସୁସ୍ଥତା, ଅର୍ଥ ସମ୍ପର୍କିତ କଳହ,ଭିଜିଲାନ୍ସର ଧରପଗଡ, ସମ୍ପର୍କହାନି,ସହକର୍ମୀଙ୍କ ସହ ମତାନ୍ତର, ଭୁଲ୍ ବୁଝାମଣା ହେତୁ ସାମାଜିକ ସ୍ତରରେ ଅଶାନ୍ତି ସୃଷ୍ଟିର ଆଶଙ୍କା ରହିଛି। ବନ୍ଧୁବର୍ଗ ସୁଯୋଗ ଉଣ୍ଡି ଦାଉ ସାଧିପାରନ୍ତି। ଭ୍ରିଜା/ମେଷ–(୨/୧)–ବାଦବିବାଦ, ଶିଳ୍ପ ବାଣିଜ୍ୟରେ କ୍ଷତି, ଯାନବାହନ ଦୁର୍ଘଟଣା, ସ୍ଥାନାନ୍ତର ଓ କୃଷି, ପଶୁହାନି ସାଙ୍ଗକୁ ପରୋକ୍ଷ ଶତ୍ରୁତା ସମସ୍ୟା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ସ୍ଥାନାନ୍ତର,ବ୍ୟୟଭାବସ୍ଥ ରାହୁଙ୍କ ଯୋଗୁ ଧନହାନି,କ୍ରନିକ୍ ରୋଗରେ ପୀଡ଼ାବୃଦ୍ଧିର ଆଶଙ୍କା ରହିଛି। କୃତ୍ତିକା/ମେଷ–(୩/୧)–ପାରିବାରିକ ଅଶାନ୍ତି, ଜମିଜମା ବିବାଦ, ସନ୍ତାନଙ୍କ ବିଶୃଙ୍ଖଳା, ବ୍ୟବସାୟରେ କ୍ଷତି, ପଦସ୍ଥବ୍ୟକ୍ତିଙ୍କ ତାଗିଦା ଏବଂ ମିତ୍ରବନ୍ଧୁ ମାନଙ୍କ ଅସହଯୋଗରୁ କାର୍ଯ୍ୟହାନୀ ଜନିତ ମନସ୍ତାପ କରିପାରନ୍ତି। ଶୁଭଫଳ ସାଙ୍ଗକୁ ନକ୍ଷତ୍ର ଭେଦରେ କେତେକାଂଶରେ ଅଶୁଭଦ୍ୱର ସାମ୍ନା କରିବାକୁ ପଡ଼ିବ।

## ବୃଷ

ଆଇନ,ନ୍ୟାୟ ଓ ଗଣତନ୍ତ୍ରର ଗ୍ରହ ଶନିଶ୍ଚର କର୍ମକ୍ଷେତ୍ରରେ ଅବସ୍ଥାନ କରି ଉଚ୍ଚତର ପଦବୀ ପ୍ରଦାନ କରିବେ। ରାଜନୈତିକଗ୍ରହ ରାହୁ ନିର୍ବାଚନ ରଣାଙ୍ଗନରେ ବିଜୟଲାଭ କରାଇବାରେ ସହାୟକ ହେବେ। ମେ ମାସ ପ୍ରାରମ୍ଭରୁ ଜମିଜମା କାରବାର, ଶିଳ୍ପ, ବାଣିଜ୍ୟ, ଏଜେନ୍ସିପ୍, ବୀମା, ଶେୟାର ବଜାର ସାଙ୍ଗକୁ ବ୍ୟବସାୟିକ ସଫଳତା ହାସଲ କରିବେ। ନୂଆ ନୁଆ କଥା ଓ କାମ, ନୂତନଭାବନା ସାଙ୍ଗକୁ ଉନ୍ନତ ଚନ୍ତା ଓ ଯୋଜନା ମାଧ୍ୟମରେ ଲୁକ୍କାୟିତ ଆଶା ଓ କାମନା ପୂର୍ଣ୍ଣତାଲାଭ କରିବ। ଅର୍ଥର ପ୍ରାଚୁର୍ଯ୍ୟ ଆଧାରରେ ଭୋଗ ବିଳାସର ସୁଖ, ସୌଭାଗ୍ୟକୁ ଆବୋରି ନେବେ ପାରିବାରିକ ଜୀବନର କୁସୁମିତ ଚଲାପଥରେ। ମାଙ୍ଗଳିକ କାର୍ଯ୍ୟର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ମନ ଆନନ୍ଦରେ କୁରୁଳି ଉଠିବ। ଉଚ୍ଚଶିକ୍ଷା, ରଚନାତ୍ମକ କାର୍ଯ୍ୟ, କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ପ୍ରଭୃତି କ୍ଷେତ୍ରରୁ ସମ୍ମାନିତ ହେବେ। କୃତ୍ତିକା/ବୃଷ(୩/୨)– କର୍ମକ୍ଷେତ୍ରରେ ସାମୟିକ ପ୍ରତିରୋଧ, ପରୋକ୍ଷ ଶତ୍ରୁତା ଜନିତ ହନ୍ତସନ୍ତ ହୋଇପାରନ୍ତି। କମ୍ପାନୀର ବସ୍‌ଙ୍କ ସହ ମତପାର୍ଥକ୍ୟ ଓ ଭୁଲ୍ ବୁଝାମଣା କାରଣରୁ ପଦହାନି କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର କିମ୍ବା ବିଶୃଙ୍ଖଳା ଘଟିବ। ଅକ୍ଳାନ୍ତ ଉଦ୍ୟମ, ଅସୀମ ଧୈର୍ଯ୍ୟ, ଦୃଢ଼ ମନୋବଳ, କର୍ମନିଷ୍ଠା, ତ୍ୟାଗ ଓ ଉଚ୍ଚ ଆଶା ମାଧ୍ୟମରେ ଇଚ୍ଛା ଓ କାମନାକୁ ସାକାର କରାଇବାରେ ସହାୟକ ହୋଇପାରେ। ରୋହିଣୀ/ବୃଷ(୪/୨)– ଗୃହୋପଯୋଗୀ ଜମିଜମା, ନୂତନ ଯାନବାହନ, ସ୍ୱର୍ଣ୍ଣ ଅଳଙ୍କାର ସହ ସାମାଜିକ ସମ୍ମାନ ପାଇବେ। ଶେୟାର ବଜାରରେ ପୁଞ୍ଜିଲଗାଣ, କଳକାରଖାନାର ଆଧୁନିକୀକରଣ, କାର୍ଯ୍ୟରେ ସଫଳତା ମିଳିବା କଷ୍ଟକର ହେବ। ସାମୟିକ ସ୍ୱାସ୍ଥ୍ୟ ଓ ଧନହାନି, କଳହ, ବନ୍ଧୁ ସମ୍ପର୍କରେ ହ୍ରାସ ଓ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଛୋଟକାଟର ଦୁର୍ଘଟଣା ହୋଇପାରେ। ମୃଗଶିରା/ବୃଷ(୫/୨)–କାରବାରରେ ସମସ୍ୟା, ବହୁତ ଦିନରୁ ରହିଥିବା ବକେୟା ପାଉଣାକୁ କେନ୍ଦ୍ରକରି ବିବାଦ ଉପୁଜିପାରେ। ସାମୟିକ ସ୍ୱାସ୍ଥ୍ୟ, କଳହ, ଚୌରଭୟ, ପଶୁହାନି କୃଷିବାଣିଜ୍ୟ ସମସ୍ୟା, ନୀଚ୍ଚଜନସମ୍ପର୍କରୁ ନିନ୍ଦା ପାଇପାରନ୍ତି। ସହକର୍ମୀଙ୍କ ସହ ଯୁକ୍ତିତର୍କ, ବିବାଦ, ପ୍ରତିବନ୍ଧକ, ଦେଖାଦେବ। ଭୁଲ୍ ବୁଝାମଣା ଜନିତ ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବାର ସୂଚନା ରହିଛି।

## ମିଥୁନ

କର୍ମାଧିପ ବୃହସ୍ପତି ଏକାଦଶସ୍ଥାନସ୍ଥ ଯୋଗୁ ଆପଣଙ୍କ ପ୍ରଚେଷ୍ଟା ନିଶ୍ଚିତ ଫଳବତୀ ହେବ। ଶିକ୍ଷାରେ ସଫଳତା, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ନୂତନ ବନ୍ଧୁସମ୍ପର୍କରୁ ଖୁସି ରହିବେ। ଦୀର୍ଘଦିନର ଋଣ ପରିଶୋଧ କରି ଆତ୍ମତୃପ୍ତି ଲାଭ କରିବେ। ନୂତନ ଗୃହନିର୍ମାଣ, କଚେରି ମମଲାର ଫଇସଲାଦି ଶୁଭଫଳ ପାଇବେ। ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସଙ୍ଗଠନ, ଭ୍ରମଣ, ସଭା ସମିତି, କଳା ସାହିତ୍ୟ ଓ ଆନୁଷ୍ଠାନିକ ତଥା ରାଜନୈତିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ବୁଦ୍ଧିଜୀବୀମାନଙ୍କ ସ୍ନେହ, ସଦିଚ୍ଛା, ସମ୍ମାନ ଦାନରେ ସହାୟକ ହେବେ। ଶତ୍ରୁତାର ବିଲୟ ଘଟିବ ଏବଂ ପାଖେଇ ଆସିବେ ଆତ୍ମୀୟସ୍ୱଜନ ନିଜ ନିଜର ପରିଚିତ, ସମ୍ପର୍କୀୟମାନଙ୍କ ସମର୍ଥନକୁ ନେଇ। ମୃଗଶିରା/ମିଥୁନ(୫/୩)– ଉଚ୍ଚ ସମ୍ମାନ, ମିତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ, ଆଦର ଅଭ୍ୟର୍ଥନା, ଉତ୍ତମ ଶିକ୍ଷା,ସନ୍ତାନ ହେତୁକ ଗର୍ବ ଓ ଗୌରବ ଅନୁଭବ କରିବେ। ବୈଷୟିକ ଅଭିବୃଦ୍ଧି ଘଟି ନ ପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ଅପଦସ୍ତ ହେବେ। ବନ୍ଧୁ ଅସହଯୋଗ, ଅସୁସ୍ଥତା, ବ୍ୟବସାୟରେ କ୍ଷତି, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, କୃଷି, ଗବେଷଣା, କଚେରି ମାମଲାରେ ହନ୍ତସନ୍ତ ହୋଇପାରନ୍ତି। ଆରର୍ଦ୍ରା/ମିଥୁନ(୬/୩)– ସଂଘର୍ଷ ଓ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ସମୟ ଅତିବାହିତ ହେବ। ଅଧ୍ୟୟନ, ଅଧ୍ୟାପନା, ବିଦେଶ ଯାତ୍ରା, ତୀର୍ଥାଟନ, ନୂତନ ନିଯୁକ୍ତି ଅଟକି ଯିବାର ସୂଚନା ରହିଛି। ମାନସିକ ଅବସାଦ, ବିଳମ୍ବଯୋଗ, ପ୍ରତାରଣା, ପରାଶ୍ରୟତା, ବ୍ୟୟବହୁଳତା, ଦୁଶ୍ଚିନ୍ତା ଓ ନୈରାଶ୍ୟଭାବ ସୃଷ୍ଟି ହେବ। ସ୍ୱାସ୍ଥ୍ୟ ମଝିରେ ମଝିରେ ଖରାପ ହୋଇପାରେ। ପୁନର୍ବସୁ/ମିଥୁନ(୭/୩)– ଭୋଗବିଳାସ ଓ ଶୁଭ ଖବର ପ୍ରାପ୍ତି, ଅର୍ଥ ଦ୍ରବ୍ୟ ଲାଭ, ଆମୋଦ ପ୍ରମୋଦ, ବନ୍ଧୁମିଳନ ଆତ୍ମୀୟ ମାନଙ୍କ ସହଯୋଗରେ କାମ ହାସଲ କରିବେ। ଦୂରଯାତ୍ରା, ତୀର୍ଥାଟନର ସୁଯୋଗ ପାଇ ନ ପାରନ୍ତି। ଗୃହସୀମା, କୃଷିକ୍ଷେତ୍ର, କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିବନ୍ଧକ, ପ୍ରତିରୋଧ, ବନ୍ଧୁବିଚ୍ଛେଦ ଓ କଳହ ସୃଷ୍ଟି ହେବାର ସୂଚନା ବିଦ୍ୟମାନ। ବୃଥାଟନ, ବାଦବିବାଦ, କଚେରି ମାମଲାରେ ହନ୍ତସନ୍ତ ହେବାକୁ ପଡ଼ିପାରେ। ଯାନାବାହନ ଚଳାଚଳରେ ସତର୍କତା ଜରୁରୀ।

## କର୍କଟ

ବୃହସ୍ପତି ପ୍ରଭାବରୁ ପ୍ରଥମାର୍ଦ୍ଧରେ ପାରିବାରିକ ଶାନ୍ତି, ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ଜୀବନଯାତ୍ରାକୁ ସ୍ୱାଭାବିକ କରାଇବାରେ ସାହାଯ୍ୟ କରିବ। ସାମାଜିକ ସ୍ତରରେ ସମସ୍ୟାଗୁଡିକ କ୍ରମଶଃ ଅପସରି ଯିବାର ଲକ୍ଷ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ପ୍ରଶଂସା ଲାଭ ସାଙ୍ଗକୁ ପ୍ରତିଷ୍ଠାର୍ଜନ କରିବେ। ଆତ୍ମୀୟମାନଙ୍କ ପରଶ୍ରୀକାତରତା ମନୋଭାବ ଓ ଈର୍ଷାପରାୟଣତା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ଗବେଷଣା, ଅନୁସନ୍ଧାନ ଓ ବିଦେଶ ଯାତ୍ରା ସକାଶେ କୌଣସି ସୁଯୋଗ ପାଇ ଖୁସି ହୋଇପାରନ୍ତି। ଆର୍ଥିକ ଅଭିବୃଦ୍ଧି ସହ ନୂତନ କର୍ମ ନିଯୁକ୍ତି, କଳା, ସାହିତ୍ୟ, କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର, ସଂଗଠନ, ରାଜନୀତି, ଚୁକ୍ତିପତ୍ର, ପ୍ଲଟିଙ୍ଗ କାରବାର ଓ ଶେୟାର ବଜାର, ଯାନ୍ତ୍ରିକ ଜିନିଷାଦି କ୍ରୟ ବିକ୍ରୟ ପାଇଁ ଶୁଭଦାୟକ ହେବ। ପୁନର୍ବସୁ/କର୍କଟ(୭/୪)– କାର୍ଯ୍ୟସିଦ୍ଧି, ମିତ୍ରଲାଭ, ପାରିବାରିକ ସଦ୍‌ଭାବ ବୃଦ୍ଧି , ବାଣିଜ୍ୟ ବ୍ୟବସାୟରେ ଚେଷ୍ଟା ବିଫଳ ହୋଇପାରେ। ଉନ୍ନତି, ପଦୋନ୍ନତି ଅଟକି ଯିବ , ମାଲିମକଦ୍ଦମାରେ ପରାଜୟ ଓ ରାଜନୀତିରେ ସମସ୍ୟା ଭିତରେ ଛନ୍ଦି ହୋଇପାରନ୍ତି। ପୁଷ୍ୟା/କର୍କଟ(୮/୪)–ବିଶେଷଭାବେ ନୂତନ ଯୋଜନାରମ୍ଭରେ ସଫଳତା ପାଇବେ। ଚଳଚ୍ଚିତ୍ର, ଗବେଷଣା, କଣ୍ଟ୍ରାକ୍ଟରୀ, ଯାନ୍ତ୍ରିକ ଶିଳ୍ପରେ ଅବନ୍ନତି ଘଟିପାରେ। କର୍ମକ୍ଷେତ୍ରରୁ ଯଶ ଓ ସମ୍ମାନ ପାଇବେ ନାହିଁ। ଆକସ୍ମିକ ଭାବେ ବନ୍ଧୁବିଚ୍ଛେଦ ଘଟିପାରେ। ପ୍ରତାରଣା,ପ୍ରତିରୋଧ, କଳହ, ଦେହପୀଡ଼ା, ମନାନ୍ତର, ଅସ୍ଥିରତା, ଦୁର୍ଘଟଣାପ୍ରତି ସତର୍କ ରହିବା ଭଲ। ଚାକିରିରେ ବଦଳି ସ୍ଥଗିତ ରହିଯିବ। ନିକଟ ସମ୍ପର୍କୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ଅଶ୍ଳେଷା/କର୍କଟ(୯/୪)– ବନ୍ଧୁ ଓ ସହକର୍ମୀଙ୍କ ସନ୍ଦେହ, ଭୁଲ୍ ବୁଝାମଣା, ସ୍ୱାର୍ଥପରତା ପାରିବାରିକ ଜୀବନକୁ କଳୁଷିତ କରିବ। ପ୍ରେସ୍, ପ୍ରକାଶନ, ପ୍ରଶାସନ, ଇନ୍ଧନ, ଆୟକର, ଜୀବନ ବୀମା, ଔଷଧ ଓ ଆଇନ ବ୍ୟବସାୟରେ ବ୍ୟସ୍ତତା ବୃଦ୍ଧି ପାଇବ। କଳହ, ରୋଗପୀଡ଼ା, ଶତ୍ରୁତା, କ୍ଷତି, ଆଘାତ, ସାମୟିକ ସ୍ଥାନାନ୍ତର ପ୍ରତି ସତର୍କ ରହିବା ଭଲ। ଅଷ୍ଟମ ଶନିଙ୍କ ଦୃଷ୍ଟିଜନିତ କର୍ମକ୍ଷେତ୍ରରେ ବିଳମ୍ବ, କାର୍ଯ୍ୟହାନି, ଧନକ୍ଷୟ ଦୁଶ୍ଚିନ୍ତାର କାରଣ ହୋଇପାରେ।

## ସିଂହ

ଆପଣଙ୍କ ରାଶି ସକାଶେ ଗ୍ରହସ୍ଥିତିର ଅପୂର୍ବ ସଂଯୋଗ ନୂତନବର୍ଷର ପ୍ରଥମାର୍ଦ୍ଧ ପାଇଁ ସବୁ ପ୍ରକାରର ସୁଖ, ସମ୍ପଦ, ସମ୍ମାନକୁ ନେଇ ସୌଭାଗ୍ୟପ୍ରଦ ରହିବ। ଶନି ଓ ରାହୁଙ୍କ ଶୁଭଦ୍ୱରୁ ଶତ୍ରୁତାର ବିନାଶପୂର୍ବକ ରାଜନୈତିକ ସ୍ଥିତି ସୁଦୃଢ଼ ରହିବ। ଶାରୀରିକ ସୁସ୍ଥତା, ପାରିବାରିକ ସଦ୍ଭାବ, କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ଗୌରବ ସାଙ୍ଗକୁ ଅର୍ଥ ସମ୍ପଦର ପ୍ରାଚୁର୍ଯ୍ୟରେ ଆନନ୍ଦିତ ରହିବେ। ମାଙ୍ଗଳିକ କର୍ମରେ ବନ୍ଧୁମିଳନ, ସାମାଜିକ କ୍ଷେତ୍ରରେ ଲୋକସମ୍ପର୍କ ଓ ଧାର୍ମିକ କାର୍ଯ୍ୟରେ ସହଯୋଗରୁ ପ୍ରଶଂସିତ ହେବେ। ଶୁକ୍ରଙ୍କ ଶୁଭଦ୍ୱରୁ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ସଙ୍ଗୀତାଦି କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। ପ୍ରେସ୍, ପବ୍ଲିକେଶନ, ନୂତନ ପ୍ରକଳ୍ପ, କଳ କାରଖାନା, କଳା, ସାହିତ୍ୟ, ଚଳଚ୍ଚିତ୍ର, ଟିଭି ଚ୍ୟାନେଲ୍‌ରୁ ସୁଫଳ ପାଇବେ। ରୋକ୍‌ଠୋକ୍ ଅପ୍ରିୟ ସତ୍ୟ କହିବା, ପ୍ରତିଶୋଧ ପରାୟଣ, ରହସ୍ୟଜନକ କର୍ମ, ସମସ୍ୟା ସୃଷ୍ଟି କରିପାରେ। ମଘା/ସିଂହ– ଦେବଗୁରୁଙ୍କ ଶୁଭ ଦୃଷ୍ଟିରୁ ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ପ୍ରାପ୍ତ ହେଲେ ମଧ୍ୟ ଚତୁର୍ଥସ୍ଥ କେତୁ ପ୍ରଭାବରେ ସାମୟିକ ମତଭେଦ ସୃଷ୍ଟି କରିବ। ବନ୍ଧୁ ପରିଜନଙ୍କ ନିକଟରୁ କଳହ ଓ ପ୍ରତାରିତ ମଧ୍ୟ ହେବାର ସୂଚନା ରହିଛି। ଯାନବାହନରେ ସମସ୍ୟା, ଅପବ୍ୟୟ, ନୀଚଜନ ବିବାଦ, କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିକୁ ମଧ୍ୟ ଏଡ଼ି ହେବନାହିଁ। ପୂର୍ବା ଫାଲ୍‌ଗୁନୀ/ସିଂହ–ସକାଶେ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ପାରିବାରିକ ସୌଖ୍ୟ, ସ୍ୱାସ୍ଥ୍ୟର ନିୟନ୍ତ୍ରଣରୁ ଆଶ୍ୱସ୍ତିଲାଭ କରିବେ। ଟଙ୍କା ପାଇଁ କାମ ଅଟକିବ ନାହିଁ, କିନ୍ତୁ ଅଭାବ ଲାଗି ରହିବ। ଭଲ କାମକରି ମଧ୍ୟ ନିନ୍ଦା ଶୁଣିବେ। ସନ୍ତାନଙ୍କ ସକାଶେ, ଋଣ ପରିଶୋଧ ପାଇଁ, ଜମିଜମା ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟାର ସମ୍ମୁଖୀନ ହେବେ। କଳାସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଶାନ୍ତି ଉପୁଜିବ। ଉତ୍ତରା ଫାଲ୍‌ଗୁନୀ/ସିଂହ–ଆର୍ଥିକ ସ୍ଥିତି ଓ କର୍ମକ୍ଷେତ୍ରକୁ ନିୟନ୍ତ୍ରଣରେ ରଖିବେ। ନୂତନ ଗୃହ କ୍ରୟ କରିପାରନ୍ତି। ନୂତନ ପ୍ରକଳ୍ପାରମ୍ଭ, ଗୃହରେ ଶୁଭକାର୍ଯ୍ୟ, ପରୀକ୍ଷାରେ ସଫଳତା ପାଇବେ। ପରୋକ୍ଷ ଶତ୍ରୁତା, ବିବାଦ, ଅସାବଧାନତାରୁ ଧନହାନି, ବନ୍ଧୁରେ କଳହ, ଚୌରଭୟ, ଉଚ୍ଚସ୍ଥାନରୁ ପତନ ପ୍ରତି ସତର୍କ ରହିବା ଭଲ।

## କନ୍ୟା

ଶନିଶ୍ଚରଙ୍କ ଷଷ୍ଠାବସ୍ଥାନରୁ ଦୀର୍ଘଦିନରୁ ଲାଗିରହିଥିବା କ୍ରନିକ୍ ରୋଗୀ ଆରୋଗ୍ୟ ଲାଭ କରିବେ। ଋଣ ପରିଶୋଧ କରି ଆଶ୍ୱସ୍ତି ଲାଭ କରିପାରନ୍ତି। ବାଦବିବାଦର ସମାଧାନ କରିବାରେ ସଫଳ ହେବେ। ପ୍ରତିବନ୍ଧକ ଓ ବିଭିନ୍ନ ପ୍ରକାର ସମସ୍ୟା କ୍ରମଶଃ ଅପସରି ଯିବ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ କୃତି ଓ କୃତିତ୍ୱ, ଯୋଗ୍ୟତାକୁ ନେଇ ବୈବାହିକ କର୍ମ ଧୁମ୍‌ଧାମ୍‌ରେ ସମ୍ପନ୍ନ କରିବେ। ନୂତନ କର୍ମନିଯୁକ୍ତି,କାର୍ଯ୍ୟସିଦ୍ଧିରୁ ଖୁସି ରହିବେ। ଶତ୍ରୁମାନେ ପରାସ୍ତ ହେବେ। କର୍ମକ୍ଷେତ୍ରରେ ଯଶ ଓ ସମ୍ମାନ ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଏଜେନ୍ସିପ୍‌ରେ ନୂତନ ଦିଗନ୍ତ ସୃଷ୍ଟି ହେବ। ମିତ୍ରବନ୍ଧୁ ସମାଗମ, ଶୁଭକାର୍ଯ୍ୟ କରଣ, ନୂତନ ଗୃହ ଓ ଯାନବାହନ ଓ ସ୍ୱର୍ଣ୍ଣାଦି ଅଳଙ୍କାର ଲାଭ ଯୋଗ ରହିଛି। ଉତ୍ତରାଫାଲଗୁନୀ/କନ୍ୟା(୧୨/୬)–କୌଣସି ବିୟୋଗାନ୍ତକ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସାଧାରଣ କଥାରେ ଶତ୍ରୁତା,ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି,ବନ୍ଧୁ ବିଚ୍ଛେଦ ଜନିତ ଦୁଃଖ ଓ ଶୋକ ଉତ୍ପନ ହେବାର ଆଶଙ୍କା ରହିଛି। ସାମୟିକ ଭାବରେ ପାରିବାରିକ ଝଡଝଞ୍ଜା,ସ୍ୱାମୀ–ସ୍ତ୍ରୀରେ କଳହ ଓ ମତାନ୍ତର, ଜମିଜମା ବିବାଦ ଘଟିପାରେ। ଦ୍ୱାଦଶସ୍ଥ ରାହୁ କାରଣରୁ ଅପବ୍ୟୟ,ସ୍ଥାନାନ୍ତର,ଭିଜିଲାନ୍ସ ଧରପଗଡ ସାଙ୍ଗକୁ ବହୁତ ପ୍ରତିବନ୍ଧକର ସାମନା କରିବାକୁ ପଡିବ। ହସ୍ତା/କନ୍ୟା(୧୩/୬)–ଚଳିତ ବର୍ଷ ଉନ୍ନତ ଚିନ୍ତା, ନୂତନ ଯୋଜନା,ଆନୁଷ୍ଠାନିକ କାମ ଓ ସାଂଗଠନିକ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। କଳହ,ଜମିଜମା ବିବାଦ,ମାଲି ମକଦ୍ଦମା, ବ୍ୟବସାୟରେ କ୍ଷତି, ପରିବହନରେ ଝଗଡା, ଧର୍ମକାର୍ଯ୍ୟରେ ବାଧା ଓ କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ମାନସିକ ଅଶାନ୍ତିର କାରଣ ହୋଇପାରେ। ଚିତ୍ରା/କନ୍ୟା(୧୪/୬)–ରେଡିମେଡ ଜିନିଷ ଓ ବିଦ୍ୟୁତ ସରଞ୍ଜାମ ବ୍ୟବସାୟରୁ ଲାଭବାନ ହୋଇପାରିବେ ନାହିଁ। ପିଲାମାନଙ୍କ ବୈବାହିକ କାମ, ଋଣ ପରିଶୋଧ, ଗୃହ ଓ ଗାଡ଼ି ମୋଟର ମରାମତି ଅଟକି ରହିପାରେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, ବାରମ୍ବାର ଭ୍ରମଣ, ଦ୍ରବ୍ୟନଷ୍ଟ ଓ କଳହ ଚିନ୍ତାର କାରଣ ହୋଇପାରେ। ଅଟକି ରହିଥିବା କାର୍ଯ୍ୟ, ତୀର୍ଥାଟନ, ପରିଭ୍ରମଣର ସୁଯୋଗ ଶେଷ ସମୟରେ ଓଲଟି ଯାଇପାରେ।

## ତୁଳା

ଷଷ୍ଠଭାବରେ ରାହୁ ଏବଂ ସପ୍ତମସ୍ଥ ବୃହସ୍ପତି ଅଧୁରା କାମକୁ ସମ୍ପନ୍ନ କରାଇବାରେ ସାହାଯ୍ୟ କରିବେ। ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ସନ୍ତାନଙ୍କ ବୈବାହିକ କାର୍ଯ୍ୟ, ମନୋରଞ୍ଜନ କାର୍ଯ୍ୟକ୍ରମ କେତେକାଂଶରେ ଶାନ୍ତି ପ୍ରଦାନରେ ସହାୟକ ହେବ। କିନ୍ତୁ କୋଣଭାବସ୍ଥ ଶନି ହେତୁ କଳ କାରଖାନା, ବ୍ୟବସାୟ, ପରିବହନ, ନିର୍ମାଣ, ଦୂରଯାତ୍ରା ପ୍ରଭୃତିରେ ମଧ୍ୟ ପ୍ରକାରର ଫଳ ମିଳିବ। ସୃଜନୀଶକ୍ତିର ଅଭିବୃଦ୍ଧି ସାଙ୍ଗକୁ ଉନ୍ନତ ପରିକଳ୍ପନା, ପ୍ରୟୋଗାତ୍ମକ ଶୈଳୀ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓଜସ୍ୱିନୀ କଥା ଆପଣଙ୍କ କାର୍ଯ୍ୟଶୈଳୀକୁ ପ୍ରଭାବିତ କରିବ। ସାମାଜିକ ସ୍ତରରେ, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କୃତି ଓ କୃତିତ୍ୱ ସକାଶରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ନିର୍ମାଣ, କଳକାରଖାନା, ହୋଟେଲ ଶିଳ୍ପ ଓ ରେଷ୍ଟୁରାଣ୍ଟ କ୍ଷେତ୍ରରୁ ଆଶାଜନକ ସୁଫଳ ପାଇପାରିବେ। ଚିତ୍ରା/ତୁଳା(୧୪/୭) –କୋଣଭାବସ୍ଥ ଶନି ହେତୁ ସାମୟିକ ଭାବରେ ପାରିବାରିକ ଝଡଝଞ୍ଜା, ସ୍ୱାମୀ–ସ୍ତ୍ରୀରେ କଳହ ଓ ମତାନ୍ତର, ଜମିଜମା ବିବାଦ, କଳକାରଖାନା, ବ୍ୟବସାୟ, ପରିବହନ, ନିର୍ମାଣ, ଦୂରଯାତ୍ରା ପ୍ରଭୃତିରେ ମଧ୍ୟ ପ୍ରକାରର ଫଳ ମିଳିବାର ଆଶା କରାଯାଇପାରେ। ସ୍ୱାତୀ/ତୁଳା(୧୪/୭) –ପରୋକ୍ଷ ଶତ୍ରୁତା, କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା, ଅଧସ୍ତନ କର୍ମଚାରୀଙ୍କ ବିରୁଦ୍ଧାଚରଣ, ଅପଯଶ ଓ ଶତ୍ରୁତା ସୁଖ୍ୟାତିକୁ ବ୍ୟାହତ କରିବ। ନୂତନ ଗୃହନିର୍ମାଣ, ମାଙ୍ଗଳିକ କାମ, ଯାନ୍ତ୍ରିକ ଜିନିଷ, ଧାତୁ, ଅଳଙ୍କାର କ୍ରୟକ୍ଷେତ୍ରରେ ସତର୍କତା ବିଧେୟ। ପରୋକ୍ଷ ଶତ୍ରୁତା ସଂଘର୍ଷ ମଧ୍ୟରେ ଦୀର୍ଘ ଦିନର ଆଶା ଓ ଅଭିଳାଷ ପୂରଣ କରିବା ଦିଗରେ ଚେଷ୍ଟିତ ହୋଇପାରନ୍ତି। ବିଶାଖା/ତୁଳା(୧୬/୭)– ନୂତନଗୃହ, ଯାନବାହନ, ଧର୍ମକାର୍ଯ୍ୟ, କାର୍ଯ୍ୟସିଦ୍ଧି, ସୁଖ ସମ୍ମାନ, ହେତୁ ପ୍ରଶଂସିତ ହେବେ। କିନ୍ତୁ ଗାଡି, ମୋଟର, ଜମିବାଡି, ନିର୍ମାଣ, ଶ୍ରମଭିତ୍ତିକ କାର୍ଯ୍ୟ ବିଶୃଙ୍ଖଳିତ ରହିବ। ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ବର୍ଷଟି କଟିବ। କୃଷି, ବାଡିବଗିଚା, ପଶୁପାଳନ, ଫାର୍ମ, ଫ୍ୟାକ୍ଟ୍ରି କ୍ଷେତ୍ରରେ କ୍ଷତିଗ୍ରସ୍ତ ହୋଇପାରନ୍ତି।ରାଜନୀତି ଓ ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରେ ବିବାଦ ଓ ଶତ୍ରୁତାର ସାମ୍ନା କରିବାକୁ ପଡିପାରେ। ସ୍ୱାସ୍ଥ୍ୟ, ପରିବାର, ବନ୍ଧୁସମ୍ପର୍କ ଉଠାପକା ଭିତିରେ ଗଡିଚାଲିବ।

## ବିଛା

ଚତୁର୍ଥଶନି ସାଙ୍ଗକୁ ଦୁଃସ୍ଥାନସ୍ଥ ଗୁରୁଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ମନ ଚାହୁଁଥିଲେ ମଧ୍ୟ କାମରେ ପରିଣତ କରିବା ସହଜସାଧ୍ୟ ହୋଇପାରିବ ନାହିଁ। ଆଳସ୍ୟ ଓ ଅବହେଳା ଜନିତ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାଭଳି ସମୟ ଗଡିଚାଲିବ। ତଥାପି ସାମୟିକ ସମସ୍ୟା ଲାଗି ରହିଲେ ମଧ୍ୟ ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବ। ସଭାସମିତିରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସି ନିଜକୁ ଭାଗ୍ୟବାନ ମନେ କରିପାରନ୍ତି। ପ୍ରତ୍ୟେକ ସ୍ତରରେ ନିଜର ବିଚାରବୁଦ୍ଧି ପ୍ରୟୋଗକରି ସାମଗ୍ରିକ ଦୃଷ୍ଟିକୋଣରୁ ସଫଳତା ହାସଲ କରିପାରିବେ। କ୍ରୀଡା,ସଙ୍ଗୀତ,ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପ୍ରେସ୍, ପବ୍ଲିକେଶନ, ଏଜେନ୍ସିପ୍, ବ୍ୟବସାୟ ପ୍ରାୟତଃ ଭଲରେ ଚାଲିବ। ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ବିଶାଖା/ବିଛା(୧୬/୮)– ବାଣିଜ୍ୟ, ବ୍ୟବସାୟ, ପରିବହନ, କଳ କାରଖାନା କ୍ଷେତ୍ରରୁ ଅର୍ଥଲାଭର ଆଶା ମଉଳି ଯାଇପାରେ। ପ୍ରେସ୍, ପବ୍ଲିକେଶନ, ନୂତନ ପ୍ରକଳ୍ପ, କଲ୍‌କାରଖାନା, କଳା, ସାହିତ୍ୟ, ଚଳଚ୍ଚିତ୍ର, ଟିଭି ଚ୍ୟାନେଲ୍ ବିବାଦୀୟ ରହିବ। ସ୍ୱାସ୍ଥ୍ୟହାନି, ବନ୍ଧୁମତାନ୍ତର ଓ ଧର୍ମକାର୍ଯ୍ୟରେ ବିଘ୍ନ ଓ ସମସ୍ୟା ଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ଅନୁରାଧା/ବିଛା(୧୭/୮)–ପୁରାତନ ରୋଗ, ପୂର୍ବଶତ୍ରୁତା, ରୋକ୍‌ଠୋକ୍ ଅପ୍ରିୟସତ୍ୟ କହିବା ଜନିତ ସମାଜରେ ସମାଲୋଚିତ ହେବେ। ପ୍ରତିଶୋଧ ପରାୟଣ ମନୋଭାବ, ରହସ୍ୟଜନକ କର୍ମରେ ଅନୁପ୍ରବେଶ କେତେକ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପାରସ୍ପରିକ ଯୁକ୍ତିତର୍କ, ସନ୍ଦେହ, ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନରେ ଝଡ ଉଠିବାର ଆଶଙ୍କା ରହିଛି। ନୂତନ ସ୍ଥାନ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗ ଲାଭ ସନ୍ତୋଷଜନକ ହୋଇ ନ ପାରେ। ଜ୍ୟେଷ୍ଠା/ବିଛା(୧୮/୮)– ଉଚ୍ଚଆଶା ସୁଖସମ୍ମାନ, ଅର୍ଥ ଦ୍ରବ୍ୟ ଲାଭ, ଶୁଭ ଖବର, ଆମୋଦ ପ୍ରମୋଦ, ଉଚ୍ଚ ସମ୍ପର୍କ ପ୍ରଭୃତି ପାଇବେ। ସାମାଜିକ ସ୍ତରରେ ନିର୍ଭୀକତା, ସତ୍ୟାନୁଗାମୀ, ଦୁର୍ନୀତି ବିରୋଧରେ ଲଢେଇ ବିଭିନ୍ନ ସମସ୍ୟାର କାରଣ ହେବ। କଚେରି ମାମଲା ଫଇସଲା ହେବାରେ ସଂଶୟ ଉତ୍ପନ ହେବାର ସୂଚନା ରହିଛି। ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାର୍ଯ୍ୟ, ଗବେଷଣା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ ନାହିଁ।

## ଧନୁ

ବୃହସ୍ପତିଙ୍କ କୋଣାବସ୍ଥାନ ଜନିତ ଉନ୍ନତ ଚିନ୍ତା, ସଫଳ ଯୋଜନା, ଶିକ୍ଷା ଓ ପରୀକ୍ଷାରେ ସଫଳତା, ନୂତନ ବନ୍ଧୁ ସମ୍ପର୍କ, ସନ୍ତାନ ଲାଭ ନୂଆବର୍ଷଟିକୁ ସାଫଲ୍ୟ ମଣ୍ଡିତ କରିବ। ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ରହିବ। ଋଣ ପରିଶୋଧ କରିବା ସକାଶେ ମାନସିକ ବ୍ୟଗ୍ରତା ଅନୁଭବ କରିବେ। ବିଦେଶ ଯାତ୍ରା କ୍ଷେତ୍ରରେ, ନୂତନ ଉଦ୍ୟୋଗ କିମ୍ବା ପ୍ରକଳ୍ପାରମ୍ଭ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ସଙ୍ଗୀତ ସମାରୋହ, ସଭାସମିତି, ଆନୁଷ୍ଠାନିକ କ୍ଷେତ୍ର, ରାଜନୀତି, ସଂଗଠନ ପ୍ରଭୃତିରେ ଲକ୍ଷ୍ୟ ହାସଲ କରିପାରିବେ। ନୂତନ ଯୋଜନାର କାର୍ଯ୍ୟକାରିତା, ନୂତନ ଗୃହ, ଜମିଜମା, ସରକାରୀ ସ୍ତରରୁ ଅର୍ଥ ଓ ପଦୋନ୍ନତିର ଶୁଭସୂଚନା ମନ ଗହନକୁ ମଧୁ ମାଦକତାରେ ଭରିଦେବ। ଆଇନ ଅଦାଲତ, ରଚନାତ୍ମକ କାର୍ଯ୍ୟ, ଚୁକ୍ତିପତ୍ର, ରାଜନୀତି, ସଂଗଠନ, ଲୋକସମର୍ଥନ କାମରେ ସଫଳତା ଅବଶ୍ୟମ୍ଭାବୀ। ମୂଳା/ଧନୁ(୧୯/୯)– ଶିକ୍ଷା କ୍ଷେତ୍ରରେ ଉନ୍ନତି, ସନ୍ତାନ ଲାଭ, ପାରିବାରିକ ସୌଖ୍ୟ,ମାଙ୍ଗଳିକ କାମରେ ଆଶା ଅପୂରଣ ରହିପାରେ। ସରକାରୀ ସ୍ତରରୁ ଅର୍ଥଲାଭ ଅଟକି ରହିବ। ଧନହାନି, ଅପବ୍ୟୟ, ପରୋକ୍ଷ ଶତ୍ରୁତା ସୃଷ୍ଟି କରିବା ସାଙ୍ଗକୁ ଓ ପ୍ରତ୍ୟେକ କାମକୁ ବିଳମ୍ବିତ କରିବ। ଯାନ ବାହନ,ନିର୍ମାଣ କାମ ଧିମେଇ ଚାଲିବା ଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ପୂର୍ବାଷାଢା/ଧନୁ(୨୦/୯)–ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ସମସ୍ୟା ସମାଧାନରେ ବିଫଳ ହେବେ। ଅଧିକାଂଶ ସମୟ ଆଶା ଓ ଆଶଙ୍କା ଭିତରେ ଚଳିବାକୁ ବାଧ୍ୟ ହୋଇପାରନ୍ତି। ନିଜ ଲୋକମାନଙ୍କ ଦ୍ୱାରା, ସହକର୍ମୀଙ୍କ ବିରୋଧରୁ, ନୀଚ ସଙ୍ଗରୁ, ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ଓ ସମସ୍ୟା ଆସିବ। କର୍ମକ୍ଷେତ୍ରରେ ଗୋପନୀୟତା ପ୍ରକାଶ କରି ସମସ୍ୟା ଭିତରକୁ ପଶିଯାଇ ପାରନ୍ତ। ଉତ୍ତରାଷାଢା/ଧନୁ(୨୧/୯)– ଶତ୍ରୁତା, ସ୍ୱାସ୍ଥ୍ୟହାନି, ଦ୍ରବ୍ୟ ନଷ୍ଟ, ପ୍ରିୟଜନଙ୍କ ସହ କଳହ, ମତାନ୍ତର ଘଟିପାରେ। ପାରିବାରିକ ଜୀବନରେ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ସମସ୍ୟା ସୃଷ୍ଟି ହେବ। ସନ୍ତାନମାନଙ୍କ ବିଶୃଙ୍ଖଳା ଦୁଶ୍ଚିନ୍ତାକୁ ବଢାଇ ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଅଟକି ରହିବ। କ୍ରୟବିକ୍ରୟ,ବ୍ୟବସାୟରେ କ୍ଷୟକ୍ଷତି, ଶତ୍ରୁବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ, ନୈରାଶ୍ୟ, ବନ୍ଧୁ ବିଚ୍ଛେଦ, ଧନହାନି ଓ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଶେଷ ଭାବେ ମନ ଭାରାକ୍ରାନ୍ତ ରହିବ।

## ମକର

ଧନାଧିପତି ଧନସ୍ଥାନରେ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ରାଜନୈତିକ ପତିଆରା, ଜନସମର୍ଥନ, ଯାନ୍ତ୍ରିକ ଦ୍ରବ୍ୟଲାଭ,ଆଇନର ସହାୟତା, ଟେକ୍‌ନିକାଲ କାମରେ ଶୀର୍ଷକୁ ନେବାରେ ସାହାଯ୍ୟ କରିବେ। ବିଳମ୍ବିତ ସମୟରେ ଉନ୍ନତି, ସାମାଜିକ ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ମଧ୍ୟ ଅସୁସ୍ଥ ବାତାବରଣ ଓ କଳୁଷିତ ପରିବେଶ ଦୂରେଇଯିବ। ଦୀର୍ଘ ଦିନ ହେଲା ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ସଭା ସମିତି, ନିର୍ମାଣ ଓ ପରିବହନ ସକାଶେ ଦିନଟି ପ୍ରାୟତଃ ଅନୁକୂଳ ରହିବ। ଉତ୍ତରାଷାଢା/ମକର(୨୧/୧୦)– ସରକାରୀ ସାହାଯ୍ୟ ବାଟମାରଣା ହୋଇପାରେ। ପାରିବାରିକ ସଦ୍‌ଭାବ କମି କମି ଯିବ। ସ୍ଥାନ ପରିବର୍ତ୍ତନ କରିବାକୁ ବ୍ୟାକୁଳ ହେବେ। ଋଣ ପରିଶୋଧ କରିବାରେ ବିଫଳତା, ଧନହାନି, ବନ୍ଧୁରେ କଳହ, ଦୂରଯାତ୍ରାରେ ପ୍ରତିବନ୍ଧକ, ମାଲିମକଦ୍ଦମାରୁ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ଶ୍ରବଣା/ମକର(୨୨/୧୦)– ପାରିବାରିକ ଜୀବନରେ ଦୁଃଖଦ ଅନୁଭୂତିରୁ ବୈରାଗ୍ୟଭାବ ସୃଷ୍ଟି ହେବାର ସୂଚନା ରହିଛି। ବ୍ୟୟବହୁଳତା ମାନସିକ ଅଶାନ୍ତି, କାର୍ଯ୍ୟରେ ବାଧା ଓ ବିଳମ୍ବ, ଶତ୍ରୁଠାରୁ ଭୟ ଓ ଆଶଙ୍କାଗ୍ରସ୍ତ ହେବେ। ଅର୍ଥହାନି ଓ ଆତ୍ମୀୟଙ୍କ ଅନାଦର ଭାବରୁ ମନସ୍ତାପ, ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ଘଟିପାରେ। ସହକର୍ମୀ, ଆତ୍ମୀୟ ତଥା ବନ୍ଧୁମାନଙ୍କ ସାହାଯ୍ୟ,ସହଯୋଗ ରହିବ ନାହିଁ। ମନସ୍ତାପ ଜନିତ ମିଥ୍ୟା ଅଭିଯୋଗ ଆସିବାର ସୂଚନା ରହିଛି। ଧନିଷ୍ଠା/ମକର(୨୩/୧୦)– ବିଶେଷ ଭାବରେ ନୂତନ ଉତ୍ସାହ ଓ ଉଦ୍ଦୀପନା ନେଇ କର୍ମ କ୍ଷେତ୍ରରେ ଆଗକୁ ମାଡି ଚାଲିବେ। ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ କାମ, ଉଦ୍ୟୋଗ, ଶେୟାର ବଜାରରେ ବ୍ୟସ୍ତତା ବୃଦ୍ଧି ପାଇବ। ପ୍ଲଟିଙ୍ଗ କାରବାର, ଆମଦାନୀ ବାଣିଜ୍ୟ, ବହିପତ୍ର, କଳକବ୍ଜା, ଯନ୍ତ୍ରାଂଶ, ବିଦ୍ୟୁତ ସାମଗ୍ରୀ, ବ୍ୟବସାୟରେ ଭାବିଚିନ୍ତି ଆଗକୁ ବଢିବା ଠିକ୍ ହେବ। ବୃଥା ଭ୍ରମଣ, ଧନହାନି, ଦୈନ୍ୟତାଯୁକ୍ତ ହେବେ। ସନ୍ଦେହ,ଭୁଲ୍ ବୁଝାମଣା, ମନାନ୍ତର ଓ ମତାନ୍ତର ଜନିତ ଅଶାନ୍ତି ଲାଗି ରହିପାରେ।

## କୁମ୍ଭ

ସ୍ୱଗୃହୀ ଶନିଙ୍କ ସୁପ୍ରଭାବ ଜନିତ ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ହାସଲ କରିବେ। ଲୋକସମ୍ପର୍କ ବୃଦ୍ଧି ଜନିତ ସାଂସ୍କୃତିକ କିମ୍ବା ରାଜନୈତିକ ଅନୁଷ୍ଠାନରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରନ୍ତି। କର୍ମଭାବକୁ ଗୁରୁଦୃଷ୍ଟି କାର୍ଯ୍ୟସିଦ୍ଧି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବା ସକାଶେ ନିକଟସ୍ଥ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହାନୁଭୂତି ଆବଶ୍ୟକ ମନେ କରିପାରନ୍ତି। କଳା, ସାହିତ୍ୟ, ଚଳଚ୍ଚିତ୍ର, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ,ସଂଗଠନ ତଥା ରାଜନୈତିକ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ରଚନାତ୍ମକ କାମରୁ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସା ଓ ପ୍ରତିଷ୍ଠାର୍ଜନ କରିପାରିବେ। ବର୍ଷର ପ୍ରଥମାର୍ଦ୍ଧ ଶୁଭଫଳ ମିଳିବ। ଧନିଷ୍ଠା/କୁମ୍ଭ(୨୩/୧୧)– ବିଭିନ୍ନ ପ୍ରକାର ମାନସିକ ଦୁଃଖ, ଦୈନ୍ୟ ମଧ୍ୟରେ ପାରିବାରିକ ଜୀବନ ଦୁର୍ବିଷହ ହୋଇପଡିବ। କର୍ମକ୍ଷେତ୍ରରେ ବାଧାବିଘ୍ନ ଓ ପ୍ରତିବନ୍ଧକ,ସହକର୍ମୀଙ୍କ ନିଜ ନିଜ ଭିତରେ କଳହ, ପ୍ରିୟଜନଙ୍କ ସହ ମାନ ମନାନ୍ତର ଘଟିବ। ଯାନବାହନରେ ସାମୟିକ ଆଘାତ ଲାଗିବାର ସୂଚନା ରହିଛି। ସାମାଜିକ ସ୍ତରରେ ସନ୍ଦେହ, ଅଜଣାଭୟ ଓ ଆଶଙ୍କା ମନକୁ ଦୋହଲାଇ ଦେବ। ଅଭାବ ଅସୁବିଧାର ବଶବର୍ତ୍ତୀ ହୋଇ ମୂଲ୍ୟବାନ୍ ପଦାର୍ଥର ବିକ୍ରିବଟା କରିପାରନ୍ତି। ଶତଭିଷା/କୁମ୍ଭ(୨୪/୧୧)– ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କରି ଆତ୍ମତୃପ୍ତି ଲାଭ କରିବେ। କଳା, ସାହିତ୍ୟ, ସାମ୍ବାଦିକତା ପ୍ରଶାସନ କ୍ଷେତ୍ରରେ ସମସ୍ୟା ଲାଗିରହିବ। ଭ୍ରାତୃବିବାଦ, ପଡ଼ୋଶୀଙ୍କ ପ୍ରତାରଣା, ଯାନବାହନରେ ସମସ୍ୟା, ବନ୍ଧୁବିଗ୍ରହ, ଜମିଜମା ଓ ଗୃହସୀମା ବିବାଦରୁ ଅଶାନ୍ତ ରହିପାରନ୍ତି। ପୂର୍ବଭାଦ୍ରବ/କୁମ୍ଭ(୨୫/୧୧)–ଆନୁଷ୍ଠାନିକ କାମରେ, କୃଷି, ବାଣିଜ୍ୟ ଓ ସନ୍ତାନ କ୍ଷେତ୍ରରୁ ସମସ୍ୟାର ସମ୍ମୁଖୀନ ହେବେ। ଜମିଜମା, ନିର୍ମାଣ, ବ୍ୟବସାୟାଦି କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ବୈଷୟିକ ଉନ୍ନତି ସହ କର୍ମକ୍ଷେତ୍ର ବାଧାପ୍ରାପ୍ତ ହୋଇପାରେ। ପରିବହନ କ୍ଷେତ୍ର, ବ୍ୟବସାୟ ସ୍ଥିତି, ଆନୁଷ୍ଠାନିକ କାର୍ଯ୍ୟ, ନିର୍ମାଣାଧୀନ ଗୃହ ଚିନ୍ତାଜନକ ରହିବ। ଅପବ୍ୟୟ ସାଙ୍ଗକୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଦୈହିକ ସୁସ୍ଥତା ରହିଲେ ମଧ୍ୟ ମାନସିକ ଅସୁସ୍ଥତା ବୃଦ୍ଧି ପାଇବ।

## ମୀନ

ସୁଖଭାବସ୍ଥ ଗୁରୁଙ୍କ ସୁପ୍ରଭାବରେ ହିତାକାଂକ୍ଷୀ ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ସ୍ନେହ,ଶ୍ରଦ୍ଧା ଓ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ପ୍ରଚୁର ଅର୍ଥ, ଗୁପ୍ତ ସମ୍ପତ୍ତି ଲାଭ, ବାକ୍‌ପଟୁତା, ସୃଜନୀ ଶକ୍ତିର ଅଭ୍ୟୁଦୟ,ଅଭିନୟ ପ୍ରତି ରୁଚି, ନୂତନ କର୍ମସଂସ୍ଥାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ରାହୁଙ୍କ ପ୍ରଭାବରୁ ଶତ୍ରୁନାଶ, ମାଲିମକଦ୍ଦମା ଫାଇସଲା, ରାଜନୀତି ଓ ପ୍ରଶାସନିକ ସ୍ତରରେ ସମ୍ମାନ,ବିଦେଶ ଯାତ୍ରାର ସୁଯୋଗ ପାଇବେ। ବିଳାସବ୍ୟସନ,ଆତ୍ମୀୟଙ୍କ ସହୃଦୟତା, ସାହାଯ୍ୟପ୍ରାପ୍ତି, ଉତ୍ସବାନୁଷ୍ଠାନରେ ପ୍ରତିଷ୍ଠାଲାଭ କରିପାରନ୍ତି। ପୂର୍ବଭାଦ୍ରବ/ମୀନ(୨୫/୧୨)– ବିଭିନ୍ନ ପ୍ରକାରର ସମସ୍ୟା ଓ ଧନ ହାନି, ପୈତୃକ ସମ୍ପତ୍ତି ସକାଶେ ବିବାଦ, ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବ। କର୍ମାରମ୍ଭରେ ଅସଫଳତା ଓ କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା ଓ ବନ୍ଧୁମାନଙ୍କ ଅନାଦର ଭାବ ଅଶାନ୍ତିକୁ ବହୁ ମାତ୍ରାରେ ବଢାଇ ଦେଇପାରେ। କାର୍ଯ୍ୟହାନି,ବନ୍ଧୁ ବିରୋଧ, ଧନକ୍ଷୟ, ଶତ୍ରୁତା ଅଚାନକ କଳହ, ଦୁର୍ଘଟଣା ପ୍ରଭୃତି କାରଣରୁ ବହୁବିଧ ସମସ୍ୟା ଆସିବ। ଉତ୍ତରଭାଦ୍ରବ/ମୀନ(୨୬/୧୨)– ପାରିବାରିକ ସଦ୍ଭାବ, ରୋଗ, ଋଣ ଓ ଶତ୍ରୁତାର ଅବସାନ, ଧର୍ମକାର୍ଯ୍ୟକରଣ ପ୍ରଭୃତି ଶୁଭଫଳ ମିଳିବ। କିନ୍ତୁ ଶିଳ୍ପ, ବାଣିଜ୍ୟ ,ବ୍ୟବସାୟ, ପରିବହନ, ଏଜେନସିପ୍, ଚୁକ୍ତିପତ୍ର, ଜମିଜମା, ନିର୍ମାଣ କାମ ସମସ୍ୟାବହୁଳ ରହିବ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ମାଙ୍ଗଳିକ କାମ, ପାରିବାରିକ ଓ ଅର୍ଥନୈତିକ ସମସ୍ୟା ସଂକଟଜନକ ସ୍ଥିତିରେ ରହିପାରେ। ରେବତୀ/ମୀନ(୨୭/୧୨)– ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା, କଳା, ସାହିତ୍ୟ, ମନୋରଞ୍ଜନ, ବାଣିଜ୍ୟ ବ୍ୟବସାୟରେ ସମସ୍ୟା ଦେଖାଦେବ। ପାରିବାରିକ ଜୀବନରେ ଅଶାନ୍ତି ଓ ଭୁଲ୍ ବୁଝାମଣା, ଅମନଯୋଗୀ ସନ୍ତାନଙ୍କ ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁ ଅସନ୍ତୁଷ୍ଟ ହୋଇପାରନ୍ତି। ଦ୍ୱାଦଶସ୍ଥ ଶନିଙ୍କ ଯୋଗୁ ଅପବ୍ୟୟ, ଭିଜିଲାନ୍ସ କିମ୍ବା ରାଜଦଣ୍ଡ ଜନିତ ଧନକ୍ଷୟ, କାର୍ଯ୍ୟହାନି, ବହୁବିଧ ସମସ୍ୟା, ଧର୍ମକାର୍ଯ୍ୟରେ ବିଘ୍ନ ଜନିତ ସମସ୍ୟା ନିରାକରଣ ଦିଗରେ ସଚେତନତା ନିତାନ୍ତ ଆବଶ୍ୟକ ହୋଇପାରେ।

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମୋ–୯୭୭୮୦୧୮୫୫ mail: pkmahapatro@gmail.com

# ଏବର୍ଷ ପରଦାରେ

ଆସନ୍ତା ବର୍ଷ ମୁକ୍ତିଲାଭ କରିବାକୁ ଯାଉଥିବା ପ୍ରମୁଖ ଓଡ଼ିଆ, ବଲିଉଡ୍ ଏବଂ ହଲିଉଡ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା....


‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର


ବହୁ ପ୍ରତୀକ୍ଷିତ ଫିଲ୍ମ ‘ପୁଷ୍ପା: ଦ ରୁଲ୍ ପାର୍ଟ-୨’ ଆଲ୍ଲୁ ଅର୍ଜୁନ

## ଓଡ଼ିଆ ସିନେମା

ଚଳିତ ବର୍ଷ ରେକର୍ଡସଂଖ୍ୟକ ଓଡ଼ିଆ ସିନେମା ପରଦା ଉପରକୁ ଆସିଛି । ପୂର୍ବରୁ ଏହାର ସଂଖ୍ୟା ପ୍ରାୟ ୩୦-୩୫ ଭିତରେ ସୀମିତ ରହୁଥିବା ବେଳେ ଏ ବର୍ଷ ଏହି ସଂଖ୍ୟା ୪୪ରେ ପହଞ୍ଚିଥିଲା । ତା’ସହ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୪ରେ ଅନେକ ଓଡ଼ିଆ ସିନେମା ରିଲିଜ ହେବାକୁ ଲାଇନ୍-ଅପ୍ ହୋଇ ରହିଛି । ଜାନୁୟାରୀ ୫ ତାରିଖରେ ନୂଆ ବର୍ଷର ପ୍ରଥମ ଓଡ଼ିଆ ଚିତ୍ର ମୁକ୍ତିଲାଭ କରିବ । ଏହାର ଟାଇଟଲ ରହିଛି ‘ମୋ କାହାଣୀରେ ତୋରି ନାଁ’ । ଲୁବୁନ୍-ଟୁବୁନ୍‌ଙ୍କ ନିର୍ଦ୍ଦେଶନାରେ ଫିଲ୍ମଟିର ଲିଡ୍ ରୋଲ୍‌ରେ ଲୁବୁନ୍ ଏବଂ ଅଙ୍କିତା ଦାଶ ଅଭିନୟ କରିଛନ୍ତି । ଅନ୍ୟପକ୍ଷରେ ଏହି ତାରିଖରେ ବ୍ରଜ ସିଂଙ୍କ ପ୍ରଥମ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ସିନେମା ‘ସମୟ କହିବ କିଏ କାହାର’ ମଧ୍ୟ ପରଦା ଉପରକୁ ଆସୁଛି । ଏହାବ୍ୟତୀତ ଆସନ୍ତାବର୍ଷ ରିଲିଜ ହେବାକୁ ଥିବା ବହୁ ପ୍ରତୀକ୍ଷିତ ସିନେମାଟି ହେଲା ‘ଶ୍ରୀଜଗନ୍ନାଥଙ୍କ ନବକଳେବର’ । ବିନ୍ନି ସାମଲଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମରେ ଜ୍ୟୋତି ନାୟକ, ଶିବାନୀ ସଙ୍ଗୀତା, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରୁଛନ୍ତି । ଅନ୍ୟପକ୍ଷରେ ୨୦୨୪ରେ ପରଦା ଉପରକୁ ଆସିବାକୁ ଥିବା ଅନ୍ୟ ପ୍ରମୁଖ ଓଡ଼ିଆ ସିନେମାଗୁଡ଼ିକ ହେଉଛି, ‘ଅପରେଶନ ୧୨/୧୭’ (ଶ୍ରେୟାନ,ସୋନାଲି), ‘ଅନ୍ଧପୁତୁଳି’ (ନବୀନ, ସୁଶ୍ରୀ), ‘ଚନ୍ଦ୍ରମା’ (ଦେବାଶିଷ ପାତ୍ର, ଭୂମିକା ଦାଶ), ‘ଜୟୀ ରାଜଗୁରୁ’ (ବିଶ୍ୱରୂପ), ‘କେମିତି ଏ ସମ୍ପର୍କ’ (ଆକାଶ ଦାସନାୟକ, ଏଲିନା), ‘ଶ୍ରୀମାନ ଶ୍ରୀଯୁକ୍ତ’ (ସାନୁ, ସସ୍ମିତା), ‘ଓମ୍‌ଶ୍ରୀ ପ୍ରଜାପତୟେ ନମଃ’ (ସମ୍ବିତ, କୁକିଜ୍), ‘ବସ୍’ (ବର୍ଷା ପ୍ରିୟଦର୍ଶିନୀ), ‘ସମୀକ୍ଷା’ (ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ), ‘ହେ ରାମ’ (ସମ୍ବିତ, ଅର୍ଲିନ ଅଙ୍କିତା), ‘ଅଭିସାର : ଏକ ପ୍ରେମ କାହାଣୀ’ (ରୁଦ୍ର ପ୍ରତାପ ମହାନ୍ତି, ଭୂମି), ‘ହିଟଲର’ (ଦୀପକ, ଅର୍ଲିନ ଅଙ୍କିତା), ‘ପ୍ରୀତି ବନ୍ଧନ’ (ସମ୍ବିତ, ତମନ୍ନା), ‘ଚାହିଁ ରହିଥିବି ତୋତେ ହଜାରେ ବରଷ’ (ଶୁଭମ ନାୟକ, ସୁଶ୍ରୀ ରଥ), ‘ଫେରିଲେ ମୁଁ ତୁମର’ (ସମ୍ବିତ, ତୃପ୍ତି), ‘କଫି ସପ୍’ (ସିଦ୍ଧାନ୍ତ, ସୁପ୍ରିୟା ନାୟକ), ‘ବେସାହାରା’ (ଜ୍ୟୋତି, ସୁପ୍ରିୟା ନାୟକ), ‘ସଲାମ ଭୁବନେଶ୍ୱର’ (ରାଜବୀର ଦେଓ) ଏବଂ ‘ଉଦଣ୍ଡୀ ସୀତା’ (ଦେବଯାନୀ) । ଏହାବ୍ୟତୀତ ଗତ ଦୁଇବର୍ଷ ହେବ ସିରିଜ୍ ହିଟ୍ (‘ଦମନ’ ଏବଂ ‘ମାଲ୍ୟଗିରି’) ଫିଲ୍ମରେ ନାୟକ ସାଜିଥିବା ସିଙ୍ଗିଙ୍ଗ ଷ୍ଟାର ବାବୁସାନ୍ ଆସନ୍ତା ବର୍ଷ ରଜ ପାଇଁ ଏକ ସିନେମା (ନିର୍ଦ୍ଦେଶନା-ଅଶୋକ ପତି) ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି ।


‘ମୋ କାହାଣୀରେ ତୋରି ନାଁ’ ଫିଲ୍ମରେ ଲୁବୁନ୍-ଅଙ୍କିତା

## ବଲିଉଡ୍

**ଜାନୁୟାରୀ ୫**
ଲାପତା ଲେଡିଜ୍ (ରବି କିଶନ, ନିତାଶୀ ଗୋଏଲ୍)
**ଜାନୁୟାରୀ ୧୧**
ଦ ଡିପ୍ଲୋମା (ଜନ୍ ଆବ୍ରାହମ୍)
**ଜାନୁୟାରୀ ୧୨**
ମେରି ଖ୍ରୀଷ୍ଟମାସ (କ୍ୟାଟ୍ରିନା କୈଫ, ବିଜୟ ସେତୁପତି)




**ଜାନୁୟାରୀ ୧୨**
କଲ୍‌କି ୨୮୯୮ ଏଡି (ଅମିତାଭ ବଚ୍ଚନ, ଦୀପିକା ପାଦୁକୋନ୍)
**ଜାନୁୟାରୀ ୨୫**
ଫାଇଟର (ହ୍ରିତିକ ରୋଶନ, ଦୀପିକା ପାଦୁକୋନ୍)
**ଜାନୁୟାରୀ ୩୧**
ଉଲଝ୍ (ଜାହ୍ନବୀ କପୁର)
**ଫେବୃୟାରୀ ୯**
ସର୍ଦ୍ଦି କି ଫୁସଫୁସାହଟ୍ (ଅଜୟ ଦେବଗନ, ଡାଏନା ପେଣ୍ଟି)
**ଫେବୃୟାରୀ ୨୩**
ମେରେ ମେହେବୁବ ମେରେ ସନମ (ଭିକି କୌଶଲ, ତ୍ରିପ୍ତି ଡିମ୍‌ରି)


‘ଅନ୍ଧ ପୁତୁଳି’ ଫିଲ୍ମରେ ନବୀନ-ସୁଶ୍ରୀ

**ଫେବୃୟାରୀ ୨୮**
ମିଶନ ଲାୟନ (ଟାଇଗର ଶ୍ରଫ, ସାରା ଅଲ୍ଲୀ ଖାଁ)
**ଫେବୃୟାରୀ ୨୮**
ଶଙ୍କରା (ଅକ୍ଷୟ କୁମାର, ଅନନ୍ୟା ପାଣ୍ଡେ)
**ମାର୍ଚ୍ଚ ୮**
ବ୍ଲାକ୍ ମ୍ୟାଜିକ୍ (ଅଜୟ ଦେବଗନ, ଜ୍ୟୋତିକା)
**ମାର୍ଚ୍ଚ୧୫**
ୟୋଦ୍ଧା (ସିଦ୍ଧାର୍ଥ ମାଲହୋତ୍ରା, ଦିଶା ପଟାନି)
**ମାର୍ଚ୍ଚ ୧୫**
ମିଷ୍ଟର ଆଣ୍ଡ ମିଷ୍ଟ୍ରେସ ମାହି (ରାଜକୁମାର ରାଓ, ଜାହ୍ନବୀ କପୁର)
**ମାର୍ଚ୍ଚ ୨୨**
ଦ କ୍ରିୟୁ (କରୀନା କପୁର, ତବୁ)
**ମାର୍ଚ୍ଚ ୩୧**
ହେରାଫେରି ୩ (ଅକ୍ଷୟ କୁମାର, ପରେଶ ରାଓ୍ୱଲ,ସୁନୀଲ ସେଟ୍ଟି)
**ଏପ୍ରିଲ ୫**
ଦେଭାରା (ଜୁନିୟର ଏନ୍‌ଟିଆର, ଜାହ୍ନବୀ କପୁର)
**ଏପ୍ରିଲ ୧୦**
ବଡେ ମିଆଁ ଛୋଟେ ମିଆଁ (ଅକ୍ଷୟ କୁମାର, ଟାଇଗର ଶ୍ରଫ)
**ଏପ୍ରିଲ ୨୬**
ତେହେରାନ୍ (ଜନ୍ ଆବ୍ରାହମ୍, ମାନୁଷୀ ଚିଲ୍ଲାର)
**ଏପ୍ରିଲ ୩୦**
ଭୈୟାଜୀ (ମନୋଜ ବାଜପେୟୀ, ଅପୂର୍ବ ସିଂ)
**ଏପ୍ରିଲ ୩୦**
ଦ ଇନ୍‌ଟର୍ଣ୍ଣ (ଅମିତାଭ ବଚ୍ଚନ, ଦୀପିକା ପାଦୁକୋନ୍)
**ଜୁନ ୩୦**
ଖେଲ୍ ଖେଲ୍ ମେଁ (ଅକ୍ଷୟ କୁମାର, ତାପସୀ ପାନ୍ନୁ)
**ଜୁଲାଇ ୩୧**
ଔରୋ ମେଁ କାହାଁ ଦମ୍ (ଅଜୟ ଦେବଗନ, ତବୁ)
**ଅଗଷ୍ଟ ୧୫**
ଲାହୋର ୧୯୪୭ (ସନ୍ନି ଦେଓଲ)
**ଅଗଷ୍ଟ ୧୫**
ପୁଷ୍ପା : ଦ ରୁଲ୍-ପାର୍ଟ ୨ (ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା)
**ଅଗଷ୍ଟ ୧୫**
ସିଙ୍ଘମ ଏଗେନ୍ (ଅଜୟ ଦେବଗନ, ଶିଲ୍ପା ସେଟ୍ଟି)
**ଅଗଷ୍ଟ ୧୫**
ସ୍ପିରିଟ୍ (ପ୍ରଭାସ, କରୀନା କପୁର)
**ଅଗଷ୍ଟ ୩୦**
ସ୍ତ୍ରୀ-୨ (ରାଜ କୁମାର ରାଓ, ଶ୍ରଦ୍ଧା କପୁର)
**ଅଗଷ୍ଟ ୩୧**
ଭେଡା (ଜନ୍ ଆବ୍ରାହମ୍, ତମନ୍ନା)
**ସେପ୍ଟେମ୍ବର ୨୭**
ଜିଗ୍‌ରା (ଆଲିୟା ଭଟ୍ଟ)
**ସେପ୍ଟେମ୍ବର ୩୦**
କୋଇ ସକ୍ (ଶାହୀଦ କପୁର, ପୂଜା ହେଗ୍‌ଡେ)
**ଅକ୍ଟୋବର ୨**
ସ୍କାଏ ଫୋର୍ସ (ଅକ୍ଷୟ କୁମାର, ସାରା ଅଲ୍ଲୀ ଖାଁ)
**ଅକ୍ଟୋବର ୨**
ୱାର-୨ (ହ୍ରିତିକ ରୋଶନ, ଜୁନିୟର ଏନ୍‌ଟିଆର)
**ଅକ୍ଟୋବର ୩**
ଗୋଲମାଲ୍-୫ (ଅଜୟ ଦେବଗନ, ତୁଷାର କପୁର)
**ଅକ୍ଟୋବର ୩୦**
ଭୁଲ ଭୁଲେୟା-୩ (କାର୍ତ୍ତିକ ଆର୍ଯ୍ୟନ)
**ଅକ୍ଟୋବର ୩୧**
ମାଷ୍ଟର ବ୍ଲାଷ୍ଟର (ସଞ୍ଜୟ ଦତ୍ତ, ଟାଇଗର ଶ୍ରଫ)
**ନଭେମ୍ବର ୧**
ହାଉସଫୁଲ-୫ (ଅକ୍ଷୟ କୁମାର, ପୂଜା ହେଗ୍‌ଡେ)
**ନଭେମ୍ବର୧୨**
ଏଣ୍ଟରଟେନମେଣ୍ଟ-୨ (ଅକ୍ଷୟ କୁମାର, ମିଥୁନ ଚକ୍ରବର୍ତ୍ତୀ, ତମନ୍ନା)
**ନଭେମ୍ବର ୨୫**
ମଗୁଲ୍ (ଆମୀର ଖାଁ, ମୌନି ରୟ)
**ନଭେମ୍ବର ୩୦**
କିକ୍-୨ (ସଲମାନ ଖାଁ, ଜ୍ୟାକ୍‌ଲିନ୍ ଫର୍ନାଡିସ)
**ନଭେମ୍ବର ୩୦**
ଫିର୍ ଗୋଲ୍‌ମାଲ୍ (ଅଜୟ ଦେବଗନ, ଆର୍ଶାଦ ୱାର୍ସି)
**ଡିସେମ୍ବର ୨୦**
ୱେଲକମ୍ ଟୁ ଜଙ୍ଗଲ (ଅକ୍ଷୟ କୁମାର, ସଞ୍ଜୟ ଦତ୍ତ, ଦିଶା ପଟାନି)
**ଡିସେମ୍ବର ୨୫**
ଡନ୍-୩ : ଦ ଫାଇନାଲ ଚାପ୍ଟର (ରଣବୀର ସିଂହ,ରଣଦୀପ ହୁଡା)
**ଡିସେମ୍ବର ୨୫**
ପ୍ରେମ୍ କି ସାଦି (ସଲମାନ ଖାଁ, ପରଣୀତି ଚୋପ୍ରା)
**ଡିସେମ୍ବର ୨୫**
ୱେଲକମ୍-୩ (ଅକ୍ଷୟ କୁମାର, ସଞ୍ଜୟ ଦତ୍ତ)

**ଏଥର ମେ’ ମାସରେ କୌଣସି ସିନେମା ରିଲିଜ ବିଷୟରେ ଉଲ୍ଲେଖ କରାଯାଇନାହିଁ।**

## ହଲିଉଡ୍




ଚଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା ପ୍ରମୁଖ ହଲିଉଡ୍ ଫିଲ୍ମଗୁଡ଼ିକ ହେଉଛି- ‘ଫୁରିଓସା : ଏ ମ୍ୟାଡ୍ ମ୍ୟାକ୍ସ ସାଗା’ (ଆନ୍ୟା ଟେଲର,କ୍ରିସ୍ ହେମୱର୍ଥ), ‘ଡେସ୍‌ପିକେବୁଲ ମି ୪’ (କ୍ରିଷ୍ଟେନ୍ ୱିଗ୍, ଷ୍ଟିଭ୍ କାର୍ଲେ), ‘ଗଡଜିଲ୍ଲା ଏକ୍ସ କଙ୍ଗ୍ : ଦ ନ୍ୟୁ ଏମ୍ପାୟାର’ (ଡାନ୍ ଷ୍ଟିଭେନ୍ସ, ରେବିକା ହଲ୍), ‘କିଙ୍ଗଡମ୍ ଅଫ ଦ ପ୍ଲାନେଟ ଅଫ ଦ ଏପ୍‌ସ’ (ଫ୍ରିୟା ଆଲ୍ଲାନ, କେଭିନ୍ ଡୁରାଣ୍ଡ), ‘ୱିକେଡ୍’ (ସାଇନ୍‌ଥିଆ ଇର୍‌ଭୋ, ଆରିନା ଗ୍ରାଣ୍ଡେ), ‘ଦ ଗର୍ଲଫ୍ରେଣ୍ଡ ମୁଭି’ (ହାନ୍ ୱାଡିଙ୍ଗଗମ୍, ସାମୁଏଲ ଏଲ. ଜ୍ୟାକ୍‌ସନ), ‘ଗ୍ଲାଡିଏଟର-୨’ (ଡେଞ୍ଜେଲ୍ ୱାଶିଂଟନ୍, ପେଡ୍ରୋ ପାସକାଲ୍), ‘ବବ୍ ମେର୍‌ଲି : ୱାନ୍ ଲଭ୍’ (କିଙ୍ଗସଲେ ବେନ୍-ଆଡିର, ଜେମ୍‌ସ ନରଟନ୍), ‘ଦ ଫଲ୍ ଗେ’ (ହାନ୍ ୱାଶିଂଟନ୍, ରୟାନ୍ ଗୋସଲିଙ୍ଗ), ‘ମାଡେମ ୱେବ୍’ (ସିଡନୀ ସ୍ୱେନି, ଇସାବେଲା ମର୍ସିଡ), ‘ଇଫ୍’ (ରୟାନ ରେନଲୋଡ୍‌ସ, ଜନ୍ କ୍ରାନ୍‌ସ୍କି), ‘ସ୍ପାଇଡର-ମ୍ୟାନ୍ : ବେୟଣ୍ଡ ଦ ସ୍ପାଇଡର ଭର୍ସ’ (ସମିକ୍ ମୋରେ, ହେଲି ଷ୍ଟେନଫିଲ୍ଡ), ‘ଇନସାଇଡ୍ ଆଉଟ୍-୨’ (ଆମି ପୋହେଲର, ଲୁଇସ ବ୍ଲାକ୍), ‘ବିଟଲଜୁଇସ୍-୨’ (ଜିନ୍ନା ଓର୍ଟେଗା, କ୍ୟାଥ୍ରିନ ଓ ହାରା), ‘ମୋର୍ଟାଲ କମ୍ବାଟ୍-୨’ (କାର୍ଲ ଅରବେନ୍, ହିରୋଇକ୍ ସାନ୍ଦା), ‘ମୁଫାସା : ଦ ଲାୟନ କିଙ୍ଗ’ (ସେଥ୍ ରୋଗେନ୍, ବିଲି ଇଚନର), ‘ମିକି-୧୭’ (ରବର୍ଟ ପ୍ୟାଟିନସନ୍, ମାର୍କ ରୁଫାଲୋ), ‘କମ୍ୟୁନିଟି : ଦ ମୁଭି’ (ଆଲିସନ୍ ବ୍ରି, ଗିଲ୍ଲାନ୍ ଜ୍ୟାକବ୍‌ସ), ‘ମସଲ୍’ (ଭିନ୍ ଡିଜେଲ,ଓଲିଭିୟା ଡେ), ‘ବ୍ୟାଡ୍ ବୟେଜ-୪’ (ଉଇଲ ସ୍ମିଥ, ଇରିକ୍ ଡାନେ), ‘ଦ ବି କିପର’ (ଜାସନ୍ ଷ୍ଟାହାମ୍, ବବି ନାଡେରି), ‘ହ୍ୱାଟ୍ ଏବାଉଟ୍ ଲଭ୍’ (ସାରୋନ୍ ଷ୍ଟୋନ୍, ଲାଇନ୍ ଗ୍ଲେନ୍), ‘ଦ ଓଲଡ୍ ଗାର୍ଡ-୨’ (ଚାର୍ଲିଜି ଥେରୋନ୍, ଉମା ଥରମ୍ୟାନ୍) ଏବଂ ‘ଗର୍ଲସ୍ ଟ୍ରିପ୍-୨’ (କୁଇନ୍ ଲତିଫା, ଜାଡା ପିନ୍‌କିଟ୍) ।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଦ୍ୱୈତ
ପରିବାରବର୍ଗ


ମୟଙ୍କ
ପରିବାରବର୍ଗ


ଶାନ୍ତିଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀମତୀ ଶାନ୍ତିଲତା ନନ୍ଦ**
କଟକ ରୋଡ୍, ଭୁବନେଶ୍ୱର
ଆଜିର ଏହି ଶୁଭ ନବବର୍ଷ-୨୦୨୪ ତଥା ଛଅଷଠିତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସୁଦୀର୍ଘ ଓ ନିରାମୟ ରଖିବା ପାଇଁ ପ୍ରାର୍ଥନା କରୁଅଛୁ।
ସ୍ୱାଃ ସୁଶୀଳ କୁମାର ନନ୍ଦ, ପୁତ୍ରଃ ସମ୍ବିତ, କନ୍ୟାଃ ରଶ୍ମିତା ଓ ସେମାନଙ୍କର ପରିବାରବର୍ଗ ।
ଧ-୬୭୪୩୧

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ମୟଙ୍କ**
ନନ୍ଦପୁର, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାପା, ମାଆ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୪୪

### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ**
କାର୍ଯ୍ୟକାରୀ ସଭାପତି, ବରିଷ୍ଠ ନାଗରିକ ସଂଘ, ବମିଖାଲ
ଆଜିର ଏହି ନବ ବର୍ଷରେ ଆପଣ ୮୩ବର୍ଷରେ ପଦାର୍ପଣ କରିଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତର ନାଥ ଜଗନ୍ନାଥ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ, ସୁସ୍ଥ ଓ ସୁରକ୍ଷିତ ରଖନ୍ତୁ। ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ଓ ୱେଲଫେୟାର ଫୋରମ୍, ବମିଖାଲ ସଦସ୍ୟ ବୃନ୍ଦ ।
ଧ-୬୭୪୩୦


# ଚାଷ ଜମିରେ ନିଆଁ ଲଗାଇ ଯୁବକ ଅଟକ

ପାଣିକୋଇଲି, ୩୧।୧୨(ବିକାଶ ମଲ୍ଲିକ)



ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଦାମୋଦରପୁର ଗ୍ରାମରେ ଭଡ଼ାରେ ରହୁଥିବା ଯମୁନା ଗ୍ରାମର ପଦ୍ମନାଭ ପତି ନାମକ ଯୁବକ ତାଙ୍କ ଭଡ଼ା ଘର ପାଖରେ ଥିବା ବିଲରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ୫ ଏକର ଚାଷ ଜମିରେ ଥିବା ଧାନ ସମେତ କୁଟା ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ମିଶି ନିଆଁକୁ ଆୟତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ରବିବାର ଅପରାହ୍ନରେ ପଦ୍ମନାଭ ବିଲ ପାଖରେ ଅଳିଆଗୁଡ଼ିକ ଜାଳୁଥିଲେ। ଉକ୍ତ ଅଳିଆରୁ ନିଆଁ ଧରି ନିକଟରେ ଥିବା ଧାନବିଲକୁ ବ୍ୟାପୀ ଯାଇଥିଲା। ହେଲେ ପଦ୍ମନାଭ ନିଆଁ ଲିଭାଇବା ପରିବର୍ତ୍ତେ ଘରକୁ ଚାଲିଯାଇଥିଲେ। ଗ୍ରାମବାସୀ ତାଙ୍କୁ ପଚାରିବାରୁ ସେ ତାହାକୁ ହେଜ୍ଞାନ କରି ପଳାଇଥିଲେ। ପରେ ଗ୍ରାମବାସୀଙ୍କ ତରଫରୁ ଥାନାକୁ ଖବର ଦିଆଯାଇଥିଲା। ସହିପରି ଉକ୍ତ ପଞ୍ଚାୟତ ପଥରପଦା ମୌଜାର ଚାନ୍ଦପୁରସ୍ଥିତ କୃପାଳୁ ରାଇସ ମିଲ ପଛପଟେ ଥିବା ସୁଦର୍ଶନ ରାଉତ, ଧ୍ରୁବେନ୍ଦ୍ର ସେଠୀ, ଦେବଦତ୍ତ ପଣ୍ଡା,ବଟକୃଷ୍ଣ ସ୍ୱାଇଁ, ଭାସ୍କର ସେନାପତି, ଗୌରାଙ୍ଗ ସାହୁ, ବୃନ୍ଦାବନ ସେନାପତି, ନିଶାକର ସାମଲ, ପ୍ରଫୁଲ୍ଲ ସାମଲ, ଦେବ ପଣ୍ଡା, ରଞ୍ଜିତ ଜେନା, ଭରତ ସ୍ୱାଇଁ, ଜଗନ୍ନାଥ ପଣ୍ଡା, ମନୋଜ ସ୍ୱାଇଁ ପ୍ରମୁଖ ଚାଷୀଙ୍କ ବିଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ପ୍ରାୟ ପଚାଶ ଏକରରୁ ଊର୍ଦ୍ଧ୍ୱ ଜମିରେ ଥିବା ନଡ଼ା, କୁଟା ଓ ଧାନ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଜମିର ମାଲିକମାନେ ଥାନାର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସଞ୍ଜୀବ


@ ତପନ


@ ଉମାଶଙ୍କର


@ ବିକ୍ରମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


















# ୩ ତହସିଲଦାରଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ

## ଲୋକାୟୁକ୍ତରେ ଆରୁହା କଳାପଥର ଲୁଟ୍ ମାମଲା

ଯାଜପୁର,୩୧।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା ପାହାଡରୁ କଳାପଥର ଲୁଟ ଅଭିଯୋଗ ଉପରେ ଓଡ଼ିଶା ଲୋକାୟୁକ୍ତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିରେ ଲିଜ୍‌ଧାରୀଙ୍କ ସହ ଜଣେ ତହସିଲଦାର ଓ ୩ ଜଣ କର୍ମଚାରୀଙ୍କ ନାମରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଚାର୍ଜଶିଟ୍ ଦାଖଲ ହୋଇଛି। ସେମାନେ ହେଲେ ଲିଜଧାରୀ ତ୍ରିନାଥ ଜେନା, ତତ୍କାଳୀନ ତହସିଲଦାର ପ୍ରଭାସ କୁମାର ବେହୁରା, ତତ୍କାଳୀନ ଆରଆଇ ବସୁଦେବ ସାହୁ ଓ ଅମିନ ମାନସ ରଞ୍ଜନ ବେଜ, ଆରକ୍ୟୁପି ଗୌତମ ସାହୁ ରହିଛନ୍ତି। ଏମାନଙ୍କ ସହ ତତ୍କାଳୀନ ତହସିଲଦାର ସରୋଜ କୁମାର ପଣ୍ଡା ଓ ପ୍ରଶାନ୍ତ କୁମାର ସାମନ୍ତରାୟ, ତତ୍କାଳୀନ ଆରଆଇ ମନୋଜ କୁମାର ମହାପାତ୍ର ଓ ଆରଆଇ କ୍ଷୀରାବ୍ଧିତନୟା ପଣ୍ଡାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସୁପାରିସ କରାଯାଇଛି। ଅନ୍ୟପକ୍ଷେ ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ଓ ବର୍ତ୍ତମାନର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନାମରେ ହୋଇଥିବା ଅଭିଯୋଗ ଉପରେ ଲୋକାୟୁକ୍ତ କ୍ଲିନ୍‌ଚିଟ୍ ଦେଇଛନ୍ତି। ଅଭିଯୋଗ ଅନୁସାରେ ଆରୁହା ପାହାଡ଼ର କଳାପଥର ଖାଦାନ-୧ରେ ଅନୁମତିଠାରୁ ବହୁଗୁଣ ଅଧିକ ଉତ୍ତୋଳନ ହୋଇଥିବା ଲୋକାୟୁକ୍ତରେ ନମ୍ବର ୧୩୫୫/୨୦୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଯୋଜନାବଦ୍ଧ ଭାବେ ନକ୍ସା ତିଆରିରେ ଜାଲିଆତି ହୋଇଥିଲା। ଅନୁମତି ୩ ଏକର ସ୍ଥଳେ ଲିଜଧାରୀ ୧୦.୭୪ ଏକର ଅଞ୍ଚଳରୁ କଳାପଥର ଉତ୍ତୋଳନ କରିଥିଲେ। ଏହି ଅଭିଯୋଗ ଉପରେ ଲୋକାୟୁକ୍ତଙ୍କ ପକ୍ଷରୁ ଇଓଡବ୍ଲ୍ୟୁକୁ ତଦନ୍ତ ଭାର ଦେଇଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ଏକ ଟିମ୍ ୨୦୨୧ରେ ସବିଶେଷ ତଦନ୍ତ କରିବା ସହ ତଥ୍ୟ ଓ ସାକ୍ଷ୍ୟ ପ୍ରମାଣ ଲୋକାୟୁକ୍ତରେ ଦାଖଲ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ପାଣିକୋଇଲି,୩୧।୧୨(ବିକାଶ ମଲ୍ଲିକ)

ପାଣିକୋଇଲି ପଞ୍ଚାୟତ ଅଳତିରି କାଙ୍କଲାପାଟଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ସାହୁଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ସାହୁ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକର ଝୁଂଟୁଣା କାଜିପାଟଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ବାବଲପୁର ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଅବସରପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ସହିତ ପାଣିକୋଇଲି ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜଣେ ପରୋପକାରୀ, ଧର୍ମପରାୟଣ ଓ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ସୁଖ୍ୟାତି ରହିଥିଲା।

# ୧୫ ଦିନ ପରେ ରୁଜୁ ହେଲା ମାମଲା

## ମହିଳାଙ୍କଠାରୁ ଟଙ୍କା ଠକିନେଇ ଫେରାର ଘଟଣା

ଚଣ୍ଡିଖୋଲ,୩୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁରପାଟଣା ଗ୍ରାମରେ କେତେଜଣ ମହିଳାଙ୍କଠାରୁ ଦେଢ଼ କୋଟି ଟଙ୍କା ଠକି ନେଇଥିବା ନେଇଥିବା କେନ୍ଦ୍ରାପଡ଼ା ଅଞ୍ଚଳର ରଶ୍ମିତା ସାହୁଙ୍କ ବିରୋଧରେ ଅଭିଯୋଗ ହେବାର ୧୫ ଦିନପରେ ମାମଲା ରୁଜୁ ହୋଇଛି। ଠକେଇ ସମ୍ପର୍କରେ ମହିଳାମାନେ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ପ୍ରମାଣ ଦେଲେ ମାମଲା ରୁଜୁ ହେବ ବୋଲି ଅଭିଯୋଗକାରୀ ମହିଳାମାନଙ୍କୁ କହିଥିଲା। ରବିବାର ମହିଳାମାନେ ପ୍ରମାଣ ସହିତ ଅଭିଯୋଗ କରିବା ପରେ ଥାନାରେ ନଂ.୪୫୫/୨୩ରେ ମାମଲା ରୁଜୁ ହୋଇଛି। ୨୨ ଲକ୍ଷ ୯୦ ହଜାର ଟଙ୍କା ନେଇ ସମ୍ପୃକ୍ତ ମହିଳା ଫେରାର ହୋଇ ଯାଇଥିବା ଲକ୍ଷ୍ମୀପ୍ରିୟା ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଏହି ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବକ, ରଶ୍ମିତା ଓ ତାଙ୍କ ସ୍ୱାମୀ ନାନପୁର ପାଟଣା ଗ୍ରାମରେ ଦୀର୍ଘ ୨୫ ବର୍ଷ ହେଲା ଘର ଭଡ଼ା ନେଇ ରହୁଥିଲେ। ଏଠାରେ ରଶ୍ମିତା ଏକ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ଏହାର ସଭାପତି ହୋଇଥିଲେ। ସେ ସଭାପତି ରହିବା ସହ ଅନ୍ୟ ମହିଳାମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ସେମାନଙ୍କ ନାମରେ ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଋଣ କରି ଉଠାଇ ନେଇଥିଲେ। ଏଥିସହିତ କଛି ମହିଳାଙ୍କ ନିକଟରୁ ହାତ ଉଧାର ମଧ୍ୟ ନେଇଥିଲେ। ଏହାପରେ ସେ ଫେରାର ହୋଇ ଯାଇଥିଲେ।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Bhubaneswar ready construction yellowzone plotnearPatiaKIITCollege, Hanspal. 9437968618, 8328811411. D-75288




New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Ashirvaad Salon and SPA get good massage for your health tha best therapy. 7077181074.** D-75081


## LOST

I Chhabi Sahu, S/o- Late Duryodhan Sahu, At- Chheliapada, P.O- Khalari, P.S- Angul Sadar, Dist.- Angul inform that the original Sale Deed of Mouza- Chheliapada, Khata No.- 638/1458 has been eaten by White Ants, while it was kept in a Wooden Almirah in my house. At present I want a duplicate copy/ Certified copy of the said document. D-2146

## AFFIDAVIT

ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି: ମୁଁ, କମଳିନୀ ନାୟକ, ବୟସ-୬୨ବର୍ଷ, ସ୍ୱାମୀ: ସ୍ୱର୍ଗତ ଶ୍ରୀ ଉଦୟନାଥ ନାୟକ, ଠିକଣା: ଫେଜ୍-୨, ଏମ୍.ଆଇ.ଜି-୧୫, ଲେନ୍-୩, କେ.ଏଚ୍.ବି. କଲୋନୀ, ଖଣ୍ଡଗିରି, ଖୋର୍ଦ୍ଧା- ୭୫୧୦୩୦, ଏହି ପ୍ରକାଶନ ମାଧ୍ୟମରେ ଏଠାରେ ଘୋଷଣା କରୁଛି ଯେ, କମଳିନୀ ରାଉତ ଏବଂ କମଳିନୀ ନାୟକ ଉଭୟ ନାମର ବ୍ୟକ୍ତି ସମାନ ଓ ଏହା ମୋର ନାମ। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମୁଁ ଏକ ଆଫିଡେଭିଟ୍ (ସି.ଏଫ୍. ନଂ.-୪ ତା ୧୯।୧୨।୨୦୧୯) ମଧ୍ୟ କାର୍ଯ୍ୟକାରୀ କରିଛି। ଧ-୨୧୪୫

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ. ସଦାନନ୍ଦ ନାୟକ**
ଆବିର୍ଭାବ- ୧୫।୦୫।୧୯୪୦
ତିରୋଧାନ- ୦୧।୦୧।୨୦୧୯

ଅଗଣା, ଘର, ଜୀବନ,
ଲାଗୁଛି ସବୁ ଅପୂର୍ଣ୍ଣ,
ବାବା ତମେ ଏକା ନାହଁ ବୋଲି।
ଦିନ, ମାସ, ବର୍ଷ ହୋଇ
ସମୟ ନଇରେ ବହି,
ପାଞ୍ଚବର୍ଷ ଗଲା ଚାଲି।

ତମ ଅପେକ୍ଷାରେ ମାମା ଓ ପିଲାମାନେ
ଧ-୨୧୪୩

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ...................................


ଅଦ୍ୱୈତ
ପରିବାରବର୍ଗ


ମୟଙ୍କ
ପରିବାରବର୍ଗ


ଶାନ୍ତିଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀମତୀ ଶାନ୍ତିଲତା ନନ୍ଦ**

କଟକ ରୋଡ୍, ଭୁବନେଶ୍ୱର

ଆଜିର ଏହି ଶୁଭ ନବବର୍ଷ-୨୦୨୪ ତଥା ଛଅଷଠିତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସୁଦୀର୍ଘ ଓ ନିରାମୟ ରଖିବା ପାଇଁ ପ୍ରାର୍ଥନା କରୁଅଛୁ।
ସ୍ୱା: ସୁଶୀଳ କୁମାର ନନ୍ଦ, ପୁତ୍ର: ସମ୍ବିତ, କନ୍ୟା: ରଶ୍ମିତା ଓ ସେମାନଙ୍କର ପରିବାରବର୍ଗ ।

ଧ-୬୭୪୩୧

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ମୟଙ୍କ**

ନନ୍ଦପୁର, ଖୋର୍ଦ୍ଧା

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାପା, ମାଆ, ବନ୍ଧୁ ଓ ପରିବାରବର୍ଗ ।

ଧ-୨୧୪୪

### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ**

କାର୍ଯ୍ୟକାରୀ ସଭାପତି, ବରିଷ୍ଠ ନାଗରିକ ସଂଘ, ବମିଖାଲ

ଆଜିର ଏହି ନବ ବର୍ଷରେ ଆପଣ ୮୩ବର୍ଷରେ ପଦାର୍ପଣ କରିଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତର ନାଥ ଜଗନ୍ନାଥ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ, ସୁସ୍ଥ ଓ ସୁରକ୍ଷିତ ରଖନ୍ତୁ। ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ଓ ୱେଲଫେୟାର ଫୋରମ୍, ବମିଖାଲ ସଦସ୍ୟ ବୃନ୍ଦ ।

ଧ-୬୭୪୩୦


# ପର୍ଯ୍ୟଟନସ୍ଥଳରେ ଭିଡ଼ ଜମୁଛି



**ଜଗତ୍‌ସିଂହପୁର, ୩୧।୧୨ (ପ୍ରମୋଦ କୁମାର ନାୟକ)**

ରାତିପାହିଲେ ଇଂଲିଶ୍ ନୂଆ ବର୍ଷ। ଏନେଇ ଜଗତ୍‌ସିଂହପୁର ଜିଲାରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଚଳିତବର୍ଷ ଡିସେମ୍ବର ୩୧ ରବିବାର ପଡ଼ିଥିବାରୁ ପର୍ଯ୍ୟଟନସ୍ଥଳଗୁଡ଼ିକରେ ଭିଡ ବଢ଼ିବାରେ ଲାଗିଛି। ଏନେଇ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ମା'ଶାରଳାଙ୍କ ମନ୍ଦିର, ପାରାଦୀପ ସମୁଦ୍ର କୂଳ, ଧଳତଙ୍ଗଗଡ଼ ବନାଞ୍ଚଳ, ଶିଆଳି ବିଚ୍, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ ମଠ, ଧାନକୁଦ ଜଗନ୍ନାଥ ମନ୍ଦିର ଆଦି ରହିଛି। ଏସବୁ ସ୍ଥାନରେ ଦିନଭରି ବିଶେଷକରି ଯୁବଗୋଷ୍ଠୀ ଦଳ ଭୋଜି କରିବା ଦୃଶ୍ୟ ନିଆରା ପରିବେଶ ସୃଷ୍ଟି କରିଛି। କିଛି ସ୍ଥାନରେ ଯୁବକମାନେ ବଣ ଭୋଜିସାଙ୍ଗକୁ ମଦ୍ୟପାନ କରୁଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ମାଛ, ଚିକେନ ଓ ଖାସି ମାଂସର ଚାହିଦା ଦୃଷ୍ଟିରୁ ଦର ମଧ୍ୟ ଚଢ଼ା ହୋଇଛି। ଲୋକେ ଧୁମଧାମରେ ଜିରୋ ନାଇଟ୍ ସେଲିବ୍ରେଶନ୍ କରିଛନ୍ତି। ଜଗତ୍‌ସିଂହପୁର ଓ ପାରାଦୀପ ସହର ସମେତ ଅନେକ ସ୍ଥାନରେ ଲୋକେ ବାଣ ଫୁଟାଇ ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। ରାତି ୧୨ଟା ପରେ ଗୃହିଣୀମାନେ ଘରେ ଦୀପ ଜାଳି ୨୦୨୪ କିପରି ସେମାନଙ୍କ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେବ ସେନେଇ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସଞ୍ଜୀବ


@ ତପନ


@ ଉମାଶଙ୍କର


@ ବିକ୍ରମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


















# ପେଣ୍ଠ ବେଳାଭୂମିରେ ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

## ଭିତରକନିକାରେ ୩୪୬୦ ପର୍ଯ୍ୟଟକ

**ରାଜନଗର,୩୧।୧୨ (ଭାସ୍କର ରାଉତରାୟ)**

୨୦୨୩ ଇଂରାଜି ବର୍ଷର ଶେଷ ହୋଇଛି। ରାତି ପାହିଲେ ସିନ୍ଦୁରା ଫାଟିଲେ ପୂର୍ବାକାଶରେ ନୂଆ ଇଂରାଜି ବର୍ଷର ସୂର୍ଯ୍ୟ ଅନେକ ସ୍ୱପ୍ନ ସମ୍ଭାବନା ଓ ସଂକଳ୍ପକୁ ସାଙ୍ଗରେ ଧରି ଧରା ପୃଷ୍ଠରେ ପାଦ ଥାପିବ। ବର୍ଷର ଶେଷଦିନ ରବିବାର ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଛୁଟି ଆସିଛନ୍ତି ଭିତରକନିକା ଜାତୀୟ ଉଦ୍ୟାନକୁ। ଏଥିସହ ପେଣ୍ଠ ବେଳାଭୂମି, ବରୁଣେଇ ମୁହାଁଣ ସନ୍ନିକଟ ଦୋବନ୍ଧିଠାରେ ପର୍ଯ୍ୟଟକମାନେ ପ୍ରକୃତିକୁ ଭରପୁର ଉପଭୋଗ କରିଛନ୍ତି। ଜାନୁୟାରୀ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ବଉଳା କୁମ୍ଭୀରମାନଙ୍କ ଗଣନା ପାଇଁ ଭିତରକନିକା ବନ୍ଦ ରହୁଥିବାରୁ ପର୍ଯ୍ୟଟକମାନଙ୍କ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି। ଭିତରକନିକାରେ ୩୪୬୦ଜଣ ପର୍ଯ୍ୟଟକ ପ୍ରକୃତିକୁ ଉପଭୋଗ କରିଛନ୍ତି। ସେହିପରି ବଙ୍ଗୋପସାଗର କୂଳ ପେଣ୍ଠର ବିସ୍ତୀର୍ଣ୍ଣ ବେଳାଭୂମିରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ସମୁଦ୍ରରେ ସ୍ନାନ କରିବା ସହ ବଣଭୋଜି କରି ମଜା ଉଠାଇଛନ୍ତି। ପର୍ଯ୍ୟଟକମାନଙ୍କୁ ଜାତୀୟ ଉଦ୍ୟାନରେ ନିରାପଦ ଏବଂ ସୁରୁଖୁରୁରେ ପରିଭ୍ରମଣ ପାଇଁ ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ସେହିପରି ପେଣ୍ଠ ବେଳାଭୂମିରେ ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ବନପାଳ ବିଜୟ ପାତ୍ର ପର୍ଯ୍ୟଟକମାନଙ୍କ ପରିଭ୍ରମଣ ସମୟରେ ତଦାରଖ କରିଥିଲେ।

# ସଂସ୍କୃତିର ମୌଳିକତାକୁ ଅକ୍ଷୁଣ୍ଣ ରଖିଛି ମହୋତ୍ସବ

## ଦ୍ୱାଦଶ ଡେରାବିଶ ମହୋତ୍ସବର ଶେଷ ସନ୍ଧ୍ୟା


ଡେରାବିଶ ମହୋତ୍ସବର ଶେଷ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

**ଡେରାବିଶ, ୩୧।୧୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଡେରାବିଶ ମିନି ଷ୍ଟାଡ଼ିୟମରେ ୨୩ ତାରିଖରୁ ଆରମ୍ଭ ହୋଇଥିବା ଦ୍ୱାଦଶ ଡେରାବିଶ ମହୋତ୍ସବର ରବିବାର ଥିଲା ଶେଷ ସନ୍ଧ୍ୟା। ସନ୍ଧ୍ୟାରେ କଟକ ବାଙ୍କି ସ୍ଥିତ ଶ୍ରୀରାମ ନାଟ୍ୟ ସଂସଦର ଲଉଡ଼ି ଖେଳ, ମାହାଙ୍ଗା ବ୍ଲକ ଗଡ଼ଗୋପ ଆନନ୍ଦ ଡ୍ୟାନ୍ସ ଏକାଡେମୀ, କେନ୍ଦ୍ରାପଡ଼ାର ଫିଟ୍ ଅଫ୍ ଫାୟାର ଓ ନିୟୁ ରୟାଲ ଷ୍ଟାର ଡ୍ୟାନ୍ସ ଏକାଡେମୀ, ଡେରାବିଶର ଶ୍ରୀନୃତ୍ୟ କେନ୍ଦ୍ରର କଳାକାରଙ୍କ ନୃତ୍ୟଗୀତ ମହୋତ୍ସବ ପଡ଼ିଆରେ ଥିବା ଭରପୁର ଦର୍ଶକଙ୍କୁ ବିଭୋର କରିଥିଲା।

ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ଡେରାବିଶ ସାଂସ୍କୃତିକ ସଙ୍ଗଠନର ବରିଷ୍ଠ ସଦସ୍ୟ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗଦେଇ ପ୍ରାଚୀନ ସଂସ୍କୃତିର ମୌଳିକତାକୁ ଅକ୍ଷୁଣ୍ଣ ରଖିବା ପାଇଁ ମହୋତ୍ସବ ହିଁ ଏକମାତ୍ର ମାଧ୍ୟମ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍, ସମ୍ମାନିତ ଅତିଥି ଭାବେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ମହୋତ୍ସବ ନୂତନ ଯୁବପିଢ଼ୀଙ୍କୁ ପ୍ରାଚୀନ ସଂସ୍କୃତିର ପ୍ରେରଣା ଯୋଗାଇଛି। ସଭାରେ କେତେଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥି ବିଧାୟିକା ଅଗ୍ରୱାଲ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅତିଥି ପରିଚୟ ଅତୁଲ୍ୟ କୁମାର ରଥ ଓ ଧନ୍ୟବାଦ ସାହାଜାନ୍ ଖାଁ ଦେଇଥିଲେ। ବରିଷ୍ଠ ସଦସ୍ୟ ସରୋଜକାନ୍ତ ଦାସ ଉଦ୍‌ଯାପନୀ ବାର୍ତ୍ତା ପଠନ କରିଥିଲେ। ଚଳିତ ବର୍ଷ ମହୋତ୍ସବରେ ଜିଲା ପ୍ରଶାସନ ପକ୍ଷରୁ ଏସଏଚଜି ଦ୍ୱାରା ପ୍ରସ୍ତୁତ ଘର କରଣା ସାମଗ୍ରୀର ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବା ବେଳେ ଠୁଙ୍କାପୁରୀ, ଫାଷ୍ଟଫୁଡ୍ ଓ ଜିଲା ବାହାରୁ ଆସିଥିବା ଘରକରଣା ସାମଗ୍ରୀର ୩୦୦ରୁ ଊର୍ଦ୍ଧ୍ୱ ଦୋକାନ ପଡ଼ିଆରେ ପଡ଼ିଥିଲା। ଏଥିସହ ପିଲାମାନଙ୍କ ପାଇଁ ରାମଦୋଳି, ସେଲଫି ପଏଣ୍ଟ ଓ ଅପେରା ପ୍ରଦର୍ଶନ ଚଳିତବର୍ଷ ମହୋତ୍ସବକୁ ରଙ୍ଗାୟିତ କରିଥିଲା। ଡେରାବିଶ ଆଇଆଇସି କିଶୋର ଚନ୍ଦ୍ର ତରାଇ, ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀ, ଏଏସ୍‌ଆଇ ମେନକା ତ୍ରିପାଠୀଙ୍କ ସମେତ ପୋଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରଖା କରିଥିଲେ।


# Classified Everyday

0674-2580101, 2549949




**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar ready construction yellowzone plotnearPatiaKIITCollege, Hanspal. 9437968618, 8328811411. D-75288




New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Ashirvaad Salon and SPA get good massage for your health tha best therapy. 7077181074.** D-75081

## LOST

I Chhabi Sahu, S/o- Late Duryodhan Sahu, At- Chheliapada, P.O- Khalari, P.S- Angul Sadar, Dist.- Angul inform that the original Sale Deed of Mouza- Chheliapada, Khata No.- 638/1458 has been eaten by White Ants, while it was kept in a Wooden Almirah in my house. At present I want a duplicate copy/ Certified copy of the said document. D-2146

## AFFIDAVIT

ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି: ମୁଁ, କମଳିନୀ ନାୟକ, ବୟସ- ୬୨ବର୍ଷ, ସ୍ୱାମୀ: ସ୍ୱର୍ଗତ ଶ୍ରୀ ଉଦୟନାଥ ନାୟକ, ଠିକଣା: ଫେଜ୍-୨, ଏମ୍.ଆଇ.ଜି-୧୫, ଲେନ୍-୩, କେ.ଏଚ୍.ବି. କଲୋନୀ, ଖଣ୍ଡଗିରି, ଖୋର୍ଦ୍ଧା- ୭୫୧୦୩୦, ଏହି ପ୍ରକାଶନ ମାଧ୍ୟମରେ ଏଠାରେ ଘୋଷଣା କରୁଛି ଯେ, କମଳିନୀ ରାଉତ ଏବଂ କମଳିନୀ ନାୟକ ଉଭୟ ନାମର ବ୍ୟକ୍ତି ସମାନ ଓ ଏହା ମୋର ନାମ। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମୁଁ ଏକ ଆଫିଡେଭିଟ୍ (ସି.ଏଫ୍. ନଂ.-୪ ତା ୧୯।୧୨।୨୦୧୯) ମଧ୍ୟ କାର୍ଯ୍ୟକାରୀ କରିଛି। ଧ-୨୧୪୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ଇଂ. ସଦାନନ୍ଦ ନାୟକ**

ଆବିର୍ଭାବ- ୧୫।୦୫।୧୯୪୦
ତିରୋଧାନ- ୦୧।୦୧।୨୦୧୯

ଅଗଣା, ଘର, ଜୀବନ,
ଲାଗୁଛି ସବୁ ଅପୂର୍ଣ୍ଣ,
ବାବା ତମେ ଏକା ନାହିଁ ବୋଲି।
ଦିନ, ମାସ, ବର୍ଷ ହୋଇ
ସମୟ ନଇରେ ବହି,
ପାଞ୍ଚବର୍ଷ ଗଲା ଚାଲି।

ତମ ଅପେକ୍ଷାରେ ମାମା ଓ ପିଲାମାନେ

ଧ-୨୧୪୩

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଅଦ୍ୱୈତ
ପରିବାରବର୍ଗ


ମୟଙ୍କ
ପରିବାରବର୍ଗ


ଶାନ୍ତିଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାସ୍ତାରେ ଜଳିଗଲା କାର, ୪ ଆହତ


କାର୍‌ରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

**ନୟାଗଡ଼/ ଦଶପଲ୍ଲା,୩୧।୧୨ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ବାଣିଗୋଛା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଶାଳଭଙ୍ଗା ଜଙ୍ଗଲ ନିକଟରେ ରବିବାର ପୂର୍ବାହ୍ନରେ ରାସ୍ତା ପାର୍ଶ୍ୱରେ ଥିବା ଶାଳ ଗଛରେ ପିଟିହୋଇ ଏକ କାର ଜଳି ଯାଇଛି । ଉକ୍ତ କାର(ନଂ.ସିଜି ୧୧ କେ ୧୨୨୨) ଛତିଶଗଡ଼ ଅଞ୍ଚଳର ବୋଲି ଜଣାପଡିଛି । କାରରେ ଥିବା ଛତିଶଗଡ଼ର କ୍ରୀଷ୍ଣା ପଟେଲ, ମିଟୁ ଜୟସ୍ୱାଲ , ଗୌରବ ଶ୍ରୀବାସ୍ତବ ଏବଂ ହିମାଂଶୁଙ୍କ ମଧ୍ୟରୁ ୩ ଗୁରୁତର ହୋଇଛନ୍ତି। ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଏମାନେ ଛତିଶଗଡ଼ରୁ ପୁରୀ ଅଭିମୁଖେ ଯାଉଥିଲେ । ଦୁର୍ଘଟଣା ପରେ କାରଟି ରାସ୍ତା ଉପରେ ହୁତୁହୁତୁ ହୋଇ ଜଳି ଉଠିଥିଲା । ସ୍ଥାନୀୟ ଦୁର୍ଗାପ୍ରସାଦ ଗ୍ରାମ ଯୁବକମାନେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଦଶପଲା ମେଡିକାଲ ପଠାଇଥିଲେ। ଅବସ୍ଥାରେ ସୁଧାର ନ ଆସିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ଗାଡ଼ିରେ ଲାଗିଥିବା ନିଆଁ ଲିଭାଇଥିଲେ ।


### ଜନ୍ମଦିନ ଶୁଭେଚ୍ଛା


**ଶ୍ରୀମତୀ ଶାନ୍ତିଲତା ନନ୍ଦ**
କଟକ ରୋଡ୍, ଭୁବନେଶ୍ୱର
ଆଜିର ଏହି ଶୁଭ ନବବର୍ଷ-୨୦୨୪ ତଥା ଛଅଷଠିତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସୁଦୀର୍ଘ ଓ ନିରାମୟ ରଖିବା ପାଇଁ ପ୍ରାର୍ଥନା କରୁଅଛୁ।
ସ୍ୱା: ସୁଶୀଳ କୁମାର ନନ୍ଦ, ପୁତ୍ର: ସମ୍ବିତ, କନ୍ୟା: ରଶ୍ମିତା ଓ ସେମାନଙ୍କର ପରିବାରବର୍ଗ ।
ଧ-୬୭୪୩୧

### ତୃତୀୟ ଜନ୍ମଦିନ ଶୁଭେଚ୍ଛା


**ମୟଙ୍କ**
ନନ୍ଦପୁର, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାପା, ମାଆ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୪୪

### ଜନ୍ମଦିନ ଶୁଭେଚ୍ଛା


**ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ**
କାର୍ଯ୍ୟକାରୀ ସଭାପତି, ବରିଷ୍ଠ ନାଗରିକ ସଂଘ, ବମିଖାଲ
ଆଜିର ଏହି ନବ ବର୍ଷରେ ଆପଣ ୮୩ବର୍ଷରେ ପଦାର୍ପଣ କରିଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତର ନାଥ ଜଗନ୍ନାଥ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ, ସୁସ୍ଥ ଓ ସୁରକ୍ଷିତ ରଖନ୍ତୁ। ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ଓ ୱେଲଫେୟାର ଫୋରମ୍, ବମିଖାଲ ସଦସ୍ୟ ବୃନ୍ଦ ।
ଧ-୬୭୪୩୦

















## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସଞ୍ଜୀବ


@ ତପନ


@ ଉମାଶଙ୍କର


@ ବିକ୍ରମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଣ୍ଡାର ମହୋତ୍ସବ ଉଦ୍‌ଘାଟିତ

**ଶରଣକୁଳ,୩୧।୧୨(ଦୀପକ କର)**

ଓଡିଶାର ଶୈବକ୍ଷେତ୍ର ପ୍ରଭୁ ଶ୍ରୀ ଲଡୁବାବାଙ୍କ ଯାତ୍ରା ପଡିଆରେ ଶରଣକୁଳ ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ଉଦ୍‌ଘାଟିତ ହୋଇଯାଇଛି । ୫ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାକୁ ମୁଖ୍ୟଅତିଥି ରୂପେ ନୟାଗଡ଼ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ରୂପେ ଶରଣକୂଳ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଏସ୍‌ଡିପିଓ ସୁଧାକର ସାହୁ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଲଡୁବାବାଙ୍କ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ମଞ୍ଚ ନିକଟକୁ ଆସିଥିଲା । ପରେ ଉପଜିଲାପାଳ ଓ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପ୍ରଭୁ ଲଡୁବାବାଙ୍କ ଚିତ୍ରପଟରେ ମାଲ୍ୟାର୍ପଣ କରିଥିଲେ। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଡାଲଖାଇ, ସମ୍ବଲପୁରୀ ସହିତ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଗୋପୀନାଥ ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହ ସମ୍ପାଦକ ବଳଭଦ୍ର ସ୍ୱାଇଁ ସହଯୋଗ କରିଥିଲେ।


ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ରଘୁନାଥ ଜୀଉଙ୍କୁ ଦର୍ଶନ କଲେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି

**ଓଡ଼ଗାଁ,୩୧।୧୨(ଆଦର୍ଶ କୁମାର ପଟ୍ଟନାୟକ)**

ରବିବାର ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସପରିବାର ଦର୍ଶନ କରିଛନ୍ତି । ଚଳିତ ବର୍ଷର ଶେଷ ଦିନରେ ସେ ଶ୍ରୀଜୀଉଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ଆଶୀର୍ବାଦ କାମନା କରିଛନ୍ତି।

ଓଡ଼ଗାଁ ନିକଟସ୍ଥ ପନ୍ତିଖାରି ଶାସନରେ ଜନ୍ମିତ ବିଚାରପତି ଡ.ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେ ଓଡ଼ିଶା ଛାଡିବା ପୂର୍ବରୁ ଶ୍ରୀଜୀଉଙ୍କୁ ଦର୍ଶନ ସହିତ ନିଜ ପିଲାଦିନର ସାଙ୍ଗମାନଙ୍କୁ ଭେଟିଥିଲେ । ଏଥିସହିତ ସେ ବୁଦ୍ଧିଜୀବୀ ଓ ଓକିଲମାନଙ୍କୁ ଭେଟି ଓଡ଼ଗାଁ ଓ ଓଡ଼ଗାଁ ଅଦାଲତ ତୁମକୁ ଲାଗିଲା ବୋଲି କହିଥିଲେ।

ସେହିପରି ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ତଥା ପିଏମ୍ ପୋଷଣ ରାଜ୍ୟ ନୋଡାଲ ଅଫିସର ରଘୁରାମ ଆୟାର ସପରିବାର ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି । ଏହି ଅବସରରେ ସେ ରାମ ବିହାର ପରିଦର୍ଶନ କରିଛନ୍ତି । ସେ ମନ୍ଦିର ପରିକ୍ରମା କରିବା ସମୟରେ ଦାରୁଦିଅଁଙ୍କ ଅଦ୍ୟାବଧି ନବକଳେବର ହୋଇ ନ ଥିବା, ଶ୍ରୀଜୀଉଙ୍କ ପ୍ରଥମ ବଲ୍ଲଭ ଭୋଗ ଲାଗି ପାଇଁ ବ୍ୟବହାର ହେଉଥିବା ସହସ୍ରାୟୁ ମଧୁ ମାଳତୀ ଲତା ଓ ତିନି ସ୍ୱର୍ଣ୍ଣ କଳସ ତଥା ବନବାସ ସମୟରେ ଶ୍ରୀଜୀଉଙ୍କ ଆଗମନ ସମ୍ପର୍କରେ ପଚାରି ବୁଝିଥିଲେ। ବିଡିଓ ଜିତେନ୍ଦ୍ର କୁମାର ନାୟକ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ପୃଥକ୍ ଭାବେ ମୁଖ୍ୟ ବିଚାରପତି ଡ.ଷଡ଼ଙ୍ଗୀ ଓ ନିର୍ଦ୍ଦେଶକ ଆୟରଙ୍କ ପାଇଁ ପୂଜାର୍ଚ୍ଚନା କରାଇବା ସହିତ ଶ୍ରୀଜୀଉଙ୍କୁ ଦର୍ଶନ କରାଇଥିଲେ ।


ରଘୁନାଥ ଜୀଉଙ୍କ ମନ୍ଦିରରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟମାନେ।


# Classified Everyday 0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar ready construction yellowzone plotnearPatiaKIITCollege, Hanspal. 9437968618, 8328811411. D-75288




New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Ashirvaad Salon and SPA get good massage for your health tha best therapy. 7077181074.** D-75081

**LOST**

I Chhabi Sahu, S/o- Late Duryodhan Sahu, At- Chheliapada, P.O- Khalari, P.S- Angul Sadar, Dist.- Angul inform that the original Sale Deed of Mouza- Chheliapada, Khata No.- 638/1458 has been eaten by White Ants, while it was kept in a Wooden Almirah in my house. At present I want a duplicate copy/ Certified copy of the said document. D-2146

**AFFIDAVIT**

ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି: ମୁଁ, କମଳିନୀ ନାୟକ, ବୟସ- ୬୨ବର୍ଷ, ସ୍ୱାମୀ: ସ୍ୱର୍ଗତ ଶ୍ରୀ ଉଦୟନାଥ ନାୟକ, ଠିକଣା: ଫେଜ୍-୨, ଏମ୍.ଆଇ.ଜି-୧୫, ଲେନ୍-୩, କେ.ଏଚ୍.ବି. କଲୋନୀ, ଖଣ୍ଡଗିରି, ଖୋର୍ଦ୍ଧା- ୭୫୧୦୩୦, ଏହି ପ୍ରକାଶନ ମାଧ୍ୟମରେ ଏଠାରେ ଘୋଷଣା କରୁଛି ଯେ, କମଳିନୀ ରାଉତ ଏବଂ କମଳିନୀ ନାୟକ ଉଭୟ ନାମର ବ୍ୟକ୍ତି ସମାନ ଓ ଏହା ମୋର ନାମ। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମୁଁ ଏକ ଆଫିଡେଭିଟ୍ (ସି.ଏଫ୍. ନଂ.-୪ ତା ୧୯।୧୨।୨୦୧୯) ମଧ୍ୟ କାର୍ଯ୍ୟକାରୀ କରିଛି। ଧ-୨୧୪୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ସ୍ୱଇଂ. ସଦାନନ୍ଦ ନାୟକ**
ଆବିର୍ଭାବ- ୧୫।୦୫।୧୯୪୦
ତିରୋଧାନ- ୦୧।୦୧।୨୦୧୯
ଅଗଣା, ଘର, ଜୀବନ,
ଲାଗୁଛି ସବୁ ଅପୂର୍ଣ୍ଣ,
ବାବା ତମେ ଏକା ନାହଁ ବୋଲି।
ଦିନ, ମାସ, ବର୍ଷ ହୋଇ
ସମୟ ନଈରେ ବହି,
ପାଞ୍ଚବର୍ଷ ଗଲା ଚାଲି।
ତମ ଅପେକ୍ଷାରେ ମାମା ଓ ପିଲାମାନେ
ଧ-୨୧୪୩

୨୦୨୪ ବର୍ଷ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡ଼ା, ମନୋରଞ୍ଜନ ଆଦି କ୍ଷେତ୍ର ପାଇଁ ନୂଆ ଆଶା ଓ ସମ୍ଭାବନା ଆଣିଦେବ ବୋଲି ସମସ୍ତେ ଆଶାବାଦୀ।
















## ଆଗକୁ ଯାତ୍ରା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ

ନୂଆବର୍ଷ ୨୦୨୪ ଉଭୟ କେନ୍ଦ୍ର ଏବଂ ଓଡ଼ିଶା ପାଇଁ ନିର୍ବାଚନୀ ବର୍ଷ ହୋଇଥିବାରୁ ରାଜ୍ୟବାସୀଙ୍କ ପାଇଁ ନୂଆ ଆଶା ଓ ଆକାଂକ୍ଷାର ବର୍ଷ ହେବ। ଓଡ଼ିଶାର ସମୃଦ୍ଧ ଇତିହାସ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ୧୯୩୬ର ଓଡ଼ିଶା ଓ ୧୯୪୭ର ଭାରତକୁ ଦେଖିଲେ ଆମ ରାଜ୍ୟ ଏବଂ ଦେଶ ପରିବର୍ତ୍ତନ ରାସ୍ତାରେ ଅଛି। ଆଗକୁ ଯାତ୍ରା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ନୂଆ ଭାରତର ସ୍ୱପ୍ନ ନେଇ ଏକ ନୂଆ ଭବିଷ୍ୟତ ତିଆରି କରିବା ପାଇଁ ପ୍ରସ୍ତୁତ ଅଛୁ। **- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

## ‘ନୂଆ ଓଡ଼ିଶା-ନବୀନ ଓଡ଼ିଶା’ ଗଠନରେ ବ୍ରତୀ ହେବା

ଆସନ୍ତୁ ଆମେ ‘ନୂଆ ଓଡ଼ିଶା-ନବୀନ ଓଡ଼ିଶା’ ଗଠନରେ ବ୍ରତୀ ହେବା। ‘ନୂଆ-ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ କ୍ରୀଡ଼ା, ସମାଜସେବା, ଜ୍ଞାନକୌଶଳ, ଶାରୀରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମମାନ ଜାରି ରହିଛି। ଏହାକୁ ଅଧିକ ସଫଳ କରିବାକୁ ବିଭାଗ ପକ୍ଷରୁ ପ୍ରୟାସ ରହିବ। ସାମାଜିକ କାର୍ଯ୍ୟକ୍ରମ, ଭିଡିଓଗ୍ରାଫି ଓ ଫଟୋଗ୍ରାଫି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ସାମ୍ସ ଲ୍ୟାବ୍ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ। **- ଅତନୁ ସବ୍ୟସାଚୀ, ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ**

## ରାଜ୍ୟବାସୀ କଂଗ୍ରେସକୁ ଆଶୀର୍ବାଦ କରିବେ

ନୂଆବର୍ଷରେ ରାଜ୍ୟବାସୀ କଂଗ୍ରେସକୁ ଆଶୀର୍ବାଦ କରିବେ ବୋଲି ବିଶ୍ୱାସ। ବିଜେଡି ଓ ଭାଜପା ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ କିଛି ହେଲେ କରିନାହାନ୍ତି। ୨୪ ବର୍ଷ ଶାସନ କରିବା ପରେ ବିଜେଡିର ଏବେ ମହାପ୍ରଭୁ ଜଗନ୍ନାଥଙ୍କ କଥା ମନେପଡୁଛି। ପରିକ୍ରମା ପ୍ରକଳ୍ପ ନାଁରେ ନାନା ସମସ୍ୟା ସୃଷ୍ଟି କରିସାରିଲେଣି। ନା ଶ୍ରୀମନ୍ଦିରର ୪ ଦ୍ୱାର ଖୋଲୁଛନ୍ତି ନା ରତ୍ନଭଣ୍ଡାର ଗଣତି କରୁଛନ୍ତି। ସେହିପରି ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବେ କହି କହି କେନ୍ଦ୍ରରେ ସରକାର କରିଥିବା ଭାଜପା ମିଛ କହିବାରେ ଓସ୍ତାଦ। ସବୁ ଜିନିଷର ଦର ଆକାଶଛୁଆଁ ହୋଇଛି। ରାଜ୍ୟବାସୀ ଆଶୀର୍ବାଦ କଲେ କଂଗ୍ରେସ ଓଡ଼ିଶାର ସମ୍ମାନ, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବ। **- ଶରତ ପଟ୍ଟନାୟକ, ପିସିସି ସଭାପତି**

## ଭ୍ରଷ୍ଟାଚାର ମୁକ୍ତ ଓଡ଼ିଶା ଗଠନ ୨୦୨୪ର ଆହ୍ୱାନ

ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ରାଜ୍ୟ। ଓଡ଼ିଶାର ଐତିହ୍ୟ, ସଂସ୍କୃତି, କଳା ଓ ଭାସ୍କର୍ଯ୍ୟ, ବିସ୍ତୀର୍ଣ୍ଣ ବେଳାଭୂମିର ସ୍ୱତନ୍ତ୍ର ପରିଚୟ ରହିଛି, କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହାର ଯଥାର୍ଥ ପରିଚୟ ସୃଷ୍ଟି ହୋଇପାରି ନାହିଁ। ‘ଭ୍ରଷ୍ଟାଚାର, ବ୍ୟଭିଚାର ମୁକ୍ତ’ ଏବଂ ‘ସମୃଦ୍ଧଶୀଳ’ ଓଡ଼ିଶା ଗଠନ ହେଉଛି ଆମ ସମସ୍ତଙ୍କ ପାଇଁ ନୂତନ ବର୍ଷ ୨୦୨୪ର ଆହ୍ୱାନ। **- ମନମୋହନ ସାମଲ, ରାଜ୍ୟ ଭାଜପା ସଭାପତି**










































ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର,ସୋମବାର, ଜାନୁୟାରୀ ୧/୨୦୨୪ Bhubaneswar, Monday, January 1/ 2024

# ଅନାହତଙ୍କୁ ଟାଇଟଲ

**ନୂଆଦିଲ୍ଲୀ, ୩୧।୧୨ (ପି.ଟି.):** ଏଡିନବର୍ଗଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ୨୦୨୩ ସ୍କଟିଶ ଜୁନିୟର ଓପନ ସ୍କ୍ୱାଶ ଟୁର୍ନାମେଣ୍ଟରେ ଟାଇଟଲ ଜିତିଛନ୍ତି ଭାରତର ସ୍ୱଳ୍ପ ବୟସ୍କା ପ୍ରତିଭା ଅନାହତ ସିଂ। ଫାଇନାଲରେ ସେ ସ୍ଥାନୀୟ ଫେଭରାଇଟ୍ ରୋବାଇନ ମ୍ୟାକଅଲପାଇନ୍‌ଙ୍କୁ ୧୧-୬, ୧୧-୧, ୧୧-୫ରେ ହରାଇ ଦେଇଛନ୍ତି। ସେ ୧୯ ବର୍ଷରୁ କମ୍ ଏବଂ ଜାତୀୟ ସିନିୟର ଚାମ୍ପିୟନଶିପ୍‌ର ଚାମ୍ପିୟନ ହୋଇପାରିଛନ୍ତି। ଅଭୟ ସିଂଙ୍କ ସହ ସେ ଉଭୟ ଏସିଆନ ଗେମ୍ସ ଓ ଏସିଆନ ମିକ୍ସଡ ଡବଲ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିପାରିଛନ୍ତି। ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ଫାଇନାଲରେ ଭାରତର ସୁଭାଷ ଚୌଧାରୀ ନିଜ ଦେଶର ଶିଭେନ ଅଗରୱାଲଙ୍କୁ ୫-୧୧, ୧୧-୪, ୬-୧୧, ୧୧-୮, ୧୧-୫ରେ ହରାଇ ଦେଇଥିବା ବେଳେ ୧୩ ବର୍ଷରୁ କମ୍ ଅଲ୍ ଇଣ୍ଡିଆନ ବାଳକ ଫାଇନାଲରେ ଶ୍ରେଶତ ଆୟର ୧୧-୮, ୧୧-୮, ୩-୧୧, ୧୧-୮ରେ ଶୋୟାଂଶ ଝାଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୩ ବର୍ଷରୁ କମ୍ ବାଳିକା ଫାଇନାଲରେ ଟପ୍ ସିଡ୍ ଭାରତୀୟ ଆଦ୍ୟା ବୁଦ୍ଧିଆ ମାଲେସିଆର ନିଆ ଟ୍ୟୁଙ୍କୁ ୯-୧୧, ୧୧-୮, ୮-୧୧, ୧୧-୮, ୧୧-୯ରେ ପରାଜିତ କରିଛନ୍ତି। ୧୧ବର୍ଷରୁ କମ୍ ଅଲଇଣ୍ଡିଆ ବାଳକ ଫାଇନାଲରେ ଟପ୍ ସିଡ୍ ପ୍ରଭାବ ବାଜୋରିଆ ୫-୧୧, ୯-୧୧, ୧୧-୫, ୧୧-୮, ୧୧-୬ରେ ଦ୍ୱିତୀୟ ସିଡ୍ ଆଦିତ୍ୟ ଶାହାଙ୍କୁ ହରାଇ ଦେଇଛି।

# ଅଲିମ୍ପିକ୍ସର ବର୍ଷ

**୨୦୨୪ ହେଉଛି ଅଲିମ୍ପିକ୍ସର ବର୍ଷ। ବିଶ୍ୱର ଏହି କ୍ରୀଡ଼ା ମହାକୁମ୍ଭ ଚଳିତ ବର୍ଷ ଫ୍ରାନ୍ସର ପ୍ୟାରିସରେ ଜୁଲାଇ-ଅଗଷ୍ଟରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ଏହି ବର୍ଷ ପାରାଲିମ୍ପିକ୍ସ, ୟୁରୋ କପ୍ ଫୁଟ୍‌ବଲ, କୋପା ଆମେରିକା, ଆଇସିସି ଟି୨୦ ମହିଳା ଓ ପୁରୁଷ ବିଶ୍ୱକପ୍, ଆକ୍ୱାଟିକ୍ସ, ଟେବୁଲ ଟେନିସ, ରୋଇଂ, ସ୍ନୁକର ଆଦିର ବିଶ୍ୱ ଚାମ୍ପିୟନଶିପ୍ ମଧ୍ୟ ଆୟୋଜିତ ହେବ। ଏହା ବ୍ୟତୀତ ପ୍ରତିବର୍ଷ ହେଉଥିବା ଟେନିସର ୪ ଗ୍ରାଣ୍ଡସ୍ଲାମ, ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍, ଫର୍ମୁଲାୱାନ ମୋଟରରେସିଂ ଆଦି ଉପରେ ମଧ୍ୟ କ୍ରୀଡ଼ା ଜଗତର ନଜର ରହିବ...**

## ▶ପ୍ୟାରିସ ଅଲିମ୍ପିକ୍ସ

ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଏଥର ଫ୍ରାନ୍ସର ପ୍ୟାରିସରେ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ୩୨ଟି କ୍ରୀଡ଼ାର ୪୮ ବିଭାଗରେ ମୋଟ ୩୨୯ ଇଭେଣ୍ଟ ଅନୁଷ୍ଠିତ




ହେବ। ଏଥିରେ ୧୦,୫୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବା ସମ୍ଭାବନା ରହିଛି। ଅଲିମ୍ପିକ୍ କ୍ରୀଡ଼ା ଭାବେ ବ୍ରେକିଂ(ବ୍ରେକ୍ ଡ୍ୟାନ୍ସିଂ) ଏଥର ଡେବ୍ୟୁ କରିବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ସଭାପତି ଥୋମାସ ବ୍ୟାକ୍‌ଙ୍କ କାର୍ଯ୍ୟକାଳରେ ଏହା ହେବ ଶେଷ ଅଲିମ୍ପିକ୍ସ।

## ▶ପାରାଲିମ୍ପିକ୍ସ

ଅଲିମ୍ପିକ୍ସ ପରେ ପାରାଲିମ୍ପିକ୍ସର ୧୭ଶ ସଂସ୍କରଣ ସମାନ ଭେନ୍ୟୁ ପ୍ୟାରିସରେ ଅନୁଷ୍ଠିତ ହେବ। ଏହା ଅଗଷ୍ଟ ୨୮ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଚାଲିବ। ୨୨ଟି କ୍ରୀଡ଼ାର ୫୪୯ଟି ଇଭେଣ୍ଟରେ ପ୍ରତିଯୋଗୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଦ୍ୱିତୀୟ ଥର ପାଇଁ ପ୍ୟାରିସରେ ପାରାଲିମ୍ପିକ୍ସ ଆୟୋଜନ ହେବ।

## ▶ୟୁରୋ କପ୍ ଫୁଟ୍‌ବଲ

ବିଶ୍ୱକପ୍‌କୁ ଛାଡ଼ିଦେଲେ ଅନ୍ୟତମ ବୃହତ୍ ଫୁଟ୍‌ବଲ କ୍ରୀଡ଼ା ମହୋତ୍ସବର ମାନ୍ୟତା ପାଉଥିବା ୟୁରୋ କପ୍ ଫୁଟବଲ ଏହି ବର୍ଷ ଜର୍ମାନୀରେ ଜୁନ୍ ୧୪ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଏକମାସବ୍ୟାପୀ ଅନୁଷ୍ଠିତ ହେବ। ବର୍ଲିନ, ମ୍ୟୁନିକ୍, ଡର୍ଟମୁଣ୍ଡ, ଷ୍ଟୁଟ୍‌ଗାର୍ଟ, ଗେଲସେନକିର୍ଚେନ, ଫ୍ରାଙ୍କଫର୍ଟ, ହାମ୍‌ବର୍ଗ, ଡୁସେଲଡର୍ଫ, କୋଲୋନ ଓ ଲିପ୍‌ଜିଗ୍ ଆଦି ୧୦ଟି ଭେନ୍ୟୁରେ ପ୍ରତିଯୋଗିତା ଖେଳାଯିବ। ଇଟାଲି ଡିଫେଣ୍ଡିଂ ଚାମ୍ପିୟନ ଓ ଇଂଲଣ୍ଡ ରନରଅପ୍‌ଭାବେ ଖେଳିବ। ଆୟୋଜକ ଜର୍ମାନୀ ସମେତ ମୋଟ ୨୧ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଅନ୍ୟ ଦଳଗୁଡିକ ମଧ୍ୟରେ ବେଲଜିୟମ, ଫ୍ରାନ୍ସ, ପର୍ତ୍ତୁଗାଲ, ସ୍କଟଲାଣ୍ଡ, ସ୍ପେନ୍, ତୁର୍କୀ, ଅଷ୍ଟ୍ରିଆ, ହଙ୍ଗେରୀ, ସ୍ଲୋଭାକିଆ, ଆଲ୍‌ବାନିଆ, ଡେନ୍‌ମାର୍କ, ନେଦରଲାଣ୍ଡ୍ସ, ରୋମାନିଆ, ସୁଇଜରଲାଣ୍ଡ, ସର୍ବିୟା, ଚେକ୍ ରିପବ୍ଲିକ୍, ସ୍ଲୋଭେନିଆ ଓ କ୍ରୋଏସିଆ ଅଂଶଗ୍ରହଣ କରିବେ।

## ▶କୋପା ଆମେରିକା

ବିଶ୍ୱର ଅନ୍ୟତମ ସମ୍ମାନଜନକ ଫୁଟ୍‌ବଲ ପ୍ରତିଯୋଗିତା କୋପା ଆମେରିକା ଚଳିତବର୍ଷ ଜୁନ୍ ୨୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଆମେରିକାରେ ଅନୁଷ୍ଠିତ ହେବ। ୧୪ ଭେନ୍ୟୁରେ ୨ କନ୍‌ଫେଡେରେଶନର ୧୬ ଦଳ ଏଥିରେ ଅଂଶଗ୍ରହଣ କରିବେ। ଆଟଲାଣ୍ଟାର ମର୍ସିଡିଜ୍-ବେଞ୍ଜ୍ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ଏବଂ ମାୟାମି ଗାର୍ଡେନ୍ସର ହାର୍ଡ ରକ୍ ଷ୍ଟାଡିୟମରେ ମେଗା ଫାଇନାଲ ଆୟୋଜନ ହେବ। ଏଥିରେ ଆର୍ଜେଣ୍ଟିନା, ବୋଲିଭିଆ, ବ୍ରାଜିଲ, ଚିଲି, କଲମ୍ବିଆ, ଇକ୍ୱେଡର, ପାରାଗୁଏ, ପେରୁ, ଉରୁଗୁଏ, ଭେନେଜୁଏଲା, ଜାମାଇକା, ମେକ୍ସିକୋ, ପାନାମା ଓ ଆମେରିକା ଭାଗ ନେବାକୁ ଯାଉଥିବାବେଳେ ଆଉ ୨ଟି ଦଳର ନାମ ପରେ ସ୍ପଷ୍ଟ ହେବ।




## ▶ଆଇସିସି ଟି୨୦ ବିଶ୍ୱକପ୍ (ପୁରୁଷ)

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଟି୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ୍ ୪ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆମେରିକାରେ ପ୍ରଥମଥର ପାଇଁ ଆଇସିସିର କୌଣସି ଏକ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ଗତ ସଂସ୍କରଣର ଫାଇନାଲରେ ପାକିସ୍ତାନକୁ ପରାସ୍ତ କରିଥିବା ଇଂଲଣ୍ଡ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ପୂର୍ବ ସଂସ୍କରଣରେ ୧୬ ଦଳ ଭାଗ ନେଇଥିବାବେଳେ ଏଥର ପ୍ରତିଯୋଗିତା ପ୍ରଥମଥର ପାଇଁ ୨୦ ଦଳ ବିଶିଷ୍ଟ ହେବ।

## ▶ଆଇସିସି ଟି୨୦ ବିଶ୍ୱକପ (ମହିଳା)

ଆଇସିସି ଟି୨୦ ମହିଳା ବିଶ୍ୱକପ ବାଂଲାଦେଶରେ ସେପ୍ଟେମ୍ବର-ଅକ୍ଟୋବର ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ୧୦ଟି ଦଳ ଭାଗ ନେବାକୁ ଯାଉଥିବାବେଳେ ମୋଟ ୨୩ଟି ମ୍ୟାଚ ଖେଳାଯିବ। ଅଷ୍ଟ୍ରେଲିଆ ହେଉଛି ଡିଫେଣ୍ଡିଂ ଚାମ୍ପିୟନ।

## ▶ବିଶ୍ୱ ଟେବୁଲ ଟେନିସ ଚାମ୍ପିୟନଶିପ୍

ବିଶ୍ୱ ଟେବୁଲ ଟେନିସ ଚାମ୍ପିୟନଶିପ୍ ଦକ୍ଷିଣ କୋରିଆର ବୁସାନଠାରେ ଫେବୃୟାରୀ ୧୬ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ୨୦୨୪ ଅଲିମ୍ପିକ୍ସ ପାଇଁ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ଭାବେ ପରିଗଣିତ ହେବ। ୨୦୨୦ ୱାର୍ଲ୍ଡ ଟିମ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ବୁସାନରେ ମାର୍ଚ୍ଚ ୨୨ରୁ ୨୯ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କୋଭିଡ-୧୯ ମହାମାରୀ ପାଇଁ ତାହା ବାତିଲ ହୋଇ ଯାଇଥିଲା। ପରେ ୨୦୧୪ ଚାମ୍ପିୟନଶିପ୍ ପାଇଁ ବିଡ୍ ଦାଖଲ କରି ସଫଳ ହୋଇଥିଲା ବୁସାନ।

## ▶ୱାର୍ଲ୍ଡ ଆକ୍ୱାଟିକ୍ସ

ୱାର୍ଲ୍ଡ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୨୧ତମ ସଂସ୍କରଣ କାତାରର ଦୋହାଠାରେ ଫେବୃୟାରୀ ୨ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ପ୍ରକୃତରେ ଦୋହାରେ ୨୦୨୩ ନଭେମ୍ବରରେ ହେବାର ଥିଲା। ମାତ୍ର ଜାପାନର ଫୁକୁହାରାରେ ହେବାକୁଥିବା ୨୦ତମ ସଂସ୍କରଣ କୋଭିଡ ମହାମାରୀ ପାଇଁ ସମ୍ଭବ ହୋଇପାରି ନ ଥିବାରୁ ୨ଟି ଯାକ ପ୍ରତିଯୋଗିତାର କାର୍ଯ୍ୟସୂଚୀ ପୁନଃ ନିର୍ଦ୍ଧାରିତ ହୋଇଥିଲା।

## ▶ୱାର୍ଲ୍ଡ ସ୍ନୁକର ଚାମ୍ପିୟନଶିପ

ଇଂଲଣ୍ଡର ସେଫିଲ୍ଡଠାରେ ୱାର୍ଲ୍ଡ ସ୍ନୁକର ଚାମ୍ପିୟନଶିପ୍ ଏପ୍ରିଲ ୨୦ରୁ ମେ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୋଟିଏ ଭେନ୍ୟୁରେ ଏହାକୁ ମିଶାଇ ୪୮ଥର ପାଇଁ ଏହି ମେଗା ପ୍ରତିଯୋଗିତା ହେବାକୁ ଯାଉଛି। ଲୁକା ବ୍ରେସେଲ ଗତବର୍ଷ ଫାଇନାଲରେ ମାର୍କ ସେଲ୍‌ବିଙ୍କୁ ୧୮-୧୫ରେ ପରାସ୍ତ କରିଥିଲେ।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ